

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

ଆଠ ପୃଷ୍ଠା
ମୂଲ୍ୟ : ₹ ୩.୦୦
ବର୍ଷ-୧୫, ସଂଖ୍ୟା : ୨୧୨
୧୧ ଜାନୁଆରୀ, ୨୦୨୧ ସୋମବାର
ଭୁବନେଶ୍ୱର

Pages-8
Price ₹ 3.00
Vol. 15, Issue No. : 212
11th January, 2021 Monday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


**ଅମୃତ ସ୍ୱର**

**ଅହୋ ! ଦୁର୍ଜନସଂସର୍ଗାନ୍ ମାନହାନିଃ ପଦେ ପଦେ**
**ପାବକୋ ଲୋହସଂଗେନ ମୁଦ୍ଗରୈରଭିହନ୍ୟତେ**

ଦୁଷ୍ଟଲୋକ ସହିତ ସଙ୍ଗ ଦୋଷରୁ ପ୍ରତ୍ୟେକ ସ୍ଥଳରେ ମାନହାନି ଘଟେ । ଅଗ୍ନି ଲୁହାର ସଂସର୍ଗରୁ ହାତୁଡ଼ିରେ ପ୍ରହାର ପାଏ ।

**ଓ ଗପୋଡ଼**

**... ବାଜିଗଲେ ଦୋଷ ନାହିଁ**

**ଏକା ମା' ପେଟର ଚାରି ଭାଇ**

# ନିର୍ମାଣାଧୀନ ବିଜୁ ସେତୁ ଭୁଶୁଡ଼ିଲା : ଶ୍ରମିକ ମୃତ

## ଠିକାଦାର ଓ ଅଧିକାରୀଙ୍କୁ ଗିରଫ କରି ମାମଲା ରୁଜୁ ପାଇଁ ନିର୍ଦ୍ଦେଶ

**ଉମରକୋଟ, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଆଜି ଏକ ନିର୍ମାଣଧୀନ ପୋଲ ଭୁଶୁଡ଼ି ପଡ଼ିବା ଫଳରେ ଜଣେ ଶ୍ରମିକ ପ୍ରାଣ ହରାଇଥିବା ଜଣାଯାଇଛି । ଏହି ଦୁର୍ଘଟଣାରେ ଅନ୍ୟ ୬ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉମରକୋଟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତାହତ ଶ୍ରମିକମାନେ ପୁରୀ ଅଞ୍ଚଳର ବୋଲି ଜଣାପଡ଼ିଛି । ନବରଙ୍ଗପୁରର ତାଲାପଦର ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଜୁ ସେତୁ ଯୋଜନାରେ ଏକ ପୋଲର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହି ଅଘଟଣ ଘଟିଛି । ସବୁଦିନ ପରି ଆଜି ମଧ୍ୟ ପୋଲ କାମ ଚାଲିଥିଲା । ପୋଲ ଉପରେ ସ୍ଲାବ୍ ପଡୁଥିଲା । ଠିକାଶ୍ରମିକମାନେ କାମ ସାରି ଯିବା ପରେ ଅପରାହ୍ଣରେ ଅନ୍ୟ ଶ୍ରମିକମାନେ ଆସି ସ୍ଲାବ୍‌କୁ ସଜାଡ଼ି ଲେଭେଲ୍ କରିବା ସମୟରେ ଏହା ଖସିପଡ଼ିଥିଲା । ତଳେ କାମ କରୁଥିବା



ଶ୍ରମିକମାନଙ୍କ ଉପରେ ସ୍ଲାବ୍ ପଡ଼ିବା ଯୋଗୁ ମୃତାହତ ଭଳି ଘଟଣା ଘଟିଥିଲା । ଖବର ପାଇ ଘଟଣାସ୍ଥଳରେ ଉମରକୋଟ ଥାନା ଅଧିକାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି ।

ଏହି ଘଟଣାରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳଙ୍କୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ସଂପୃକ୍ତ ଠିକାଦାର ଓ ଅଧିକାରୀଙ୍କୁ ଗିରଫ କରି ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସୁନାବେଡ଼ା ଅଧିକ୍ଷଣ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

### ଆଉ ଦରକାର ପଡ଼ିବନି ନେଗେଟିଭ୍ ରିପୋର୍ଟ

## ୨୧ରୁ ସମସ୍ତଙ୍କୁ ଦର୍ଶନ ସୁଯୋଗ

**ପୁରୀ, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ରହିଥିବା ନିୟମକୁ ପ୍ରଶାସନ କୋହଳ କରିଛି । ଏହି ନିୟମ ଆସନ୍ତା ୨୧ ତାରିଖରୁ ଲାଗୁ ହେବ । ରବିବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି ।

ସୋମବାର ସମୀକ୍ଷା ବୈଠକରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ନୀତି ନିୟମ ନିର୍ଦ୍ଧାରଣ କରାଯାଇଛି । ବର୍ତ୍ତମାନ ବାହାର ଜିଲ୍ଲାର ଶ୍ରଦ୍ଧାଳୁମାନଙ୍କୁ ଶ୍ରୀମନ୍ଦିରରେ ଦର୍ଶନ ଲାଗି କୋଭିଡ ନେଗେଟିଭ୍ ରିପୋର୍ଟ ଦେଖାଇବାକୁ ପଡୁଥିବାବେଳେ ନୂଆ ନିୟମ ଅନୁସାରେ ଚଳିତମାସ ୨୧ରୁ କୋଭିଡ ନେଗେଟିଭ୍ ରିପୋର୍ଟ ଆବଶ୍ୟକତା ପଡ଼ିବ ନାହିଁ । ସେହିପରି ୨୧ ତାରିଖ ପରଠାରୁ ଦୈନିକ ୩୦ ହଜାର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଅନୁମତି ଦିଆଯିବ ବୋଲି ସମୀକ୍ଷା ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର କହିଛନ୍ତି ।

ଏହା ବ୍ୟତୀତ ୨୧ ତାରିଖଠାରୁ

### ରବିବାର ମନ୍ଦିର ବନ୍ଦ

ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ରହିବ । ସକାଳ ୭ଟାରୁ ସାଧାରଣ ଭକ୍ତଙ୍କ ପାଇଁ ଦର୍ଶନ ଅନୁମତି ମିଳିବ । ଅନ୍ୟ ସମୟରେ ସହରବାସୀ ଦର୍ଶନ କରିବାକୁ ଚାହିଁଲେ ଧାଡ଼ିରେ ଯାଇ ଦର୍ଶନ କରିପାରିବେ । ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି ବୈଠକରୁ ସୂଚନା ମିଳିଛି । ତେବେ ଆନନ୍ଦବଜାରରେ ମହାପ୍ରସାଦ ସେବନକୁ ନୂଆ ନିୟମରେ ଅନୁମତି ଦିଆଯାଇନାହିଁ । ପୂର୍ବରୁ ମଧ୍ୟ ଆନନ୍ଦବଜାରରେ ମହାପ୍ରସାଦ ସେବନ ଉପରେ କଟକଣା ଜାରି କରାଯାଇଥିଲା ।

ଅନ୍ୟପଟେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ସ୍ୱତନ୍ତ୍ର ଧାଡ଼ିରେ ଦର୍ଶନ ଲାଗି ସେମାନଙ୍କ ପାଇଁ ବ୍ୟବସ୍ଥା ହେବ । ପ୍ରତ୍ୟେକ ରବିବାର ଦିନ ଦର୍ଶନ ବନ୍ଦ ରହିବ । *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦିଲ୍ଲୀପ ରାୟ ବିଜେଡ଼ିକୁ ଫେରିବେ !!

**ଭୁବନେଶ୍ୱର,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ବିଜୁ ବାବୁଙ୍କ ଏକାନ୍ତ ଅନୁଗତ ଦିଲ୍ଲୀପ ରାୟ ବିଜେଡ଼ିକୁ ଫେରି ପାରନ୍ତି । ବିଜୁ ବାବୁଙ୍କ କର୍ମଭୂମି କେନ୍ଦ୍ରାପଡ଼ାରେ ପ୍ରତିନିଧିତ୍ୱ କରିବା ସହ ସୁନ୍ଦରଗଡ଼ ଜିଲ୍ଲାରେ ସେ ବିଜେଡ଼ିକୁ ବଳ ଯୋଗେଇବେ, ଏହି ଆଲୋଚନା ଏବେ ରାଜନୈତିକ ମହଲରେ । ଦିଲ୍ଲୀପଙ୍କୁ ବିଜୁ ବାବୁ ପୁତ୍ରବତ୍ ସ୍ନେହ କରୁଥିଲେ । ଶେଷ ଜୀବନରେ ଦିଲ୍ଲୀପ ତାଙ୍କ ପାଖେପାଖେ ରହିଥିଲେ । ଯଦିଓ ଭୁଲ ବୁଝାମଣା କାରଣରୁ ସେ ବିଜେଡ଼ି ଛାଡିବାର ଅନେକଦିନ ହେଲାଣି ତଥାପି ବିଜୁ ବାବୁଙ୍କ ପରିବାର ବିଶେଷ କରି ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ତାଙ୍କର ଭଲ ସଂପର୍କ ରହିଛି । ୨୦୧୯ ନିର୍ବାଚନ ପୂର୍ବରୁ ନବୀନ ନିବାସରେ ତାଙ୍କୁ ଦେଖିବାକୁ ମିଳିଥିଲା । ସେତେବେଳେ ଦିଲ୍ଲୀପଙ୍କ ବିଜେଡ଼ିକୁ ଲେଉଟାଣି ନେଇ ଚର୍ଚ୍ଚା ଜୋର ଧରିଥିଲା । କିନ୍ତୁ ଜଣେ ଯୁବନେତାଙ୍କ ପେଞ୍ଚ ଯୋଗୁଁ ଏହି ପ୍ରକ୍ରିୟାରେ ଭଙ୍ଗା ପଡିଥିବା କଥା ସେତେବେଳେ କୁହାଯାଉଥିଲା ।

ଇତି ମଧ୍ୟରେ ଦିଲ୍ଲୀପ ରାୟ ଆଇନର ଜାଲରୁ ମୁକୁଳି ସାରିଛନ୍ତି । ସେପଟେ କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତିଙ୍କ ବିବାଦୀୟ କାର୍ଯ୍ୟକଳାପ କେନ୍ଦ୍ରାପଡ଼ାରେ ବିଜେଡ଼ିକୁ ଅଡୁଆରେ ପକାଇଛି । ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ାରେ ବିଜେପିର ନେତୃତ୍ୱ ନେଉଥିବାବେଳେ ତାଙ୍କୁ ମୁକାବିଲା କରିବା ଲାଗି ବିଜୁ ବାବୁଙ୍କ କର୍ମଭୂମିରେ ଦିଲ୍ଲୀପ ରାୟଙ୍କର ଯେ ଆବଶ୍ୟକତା ରହିଛି ଏକଥା ଦଳୀୟ ନେତା ଓ କର୍ମୀମାନେ ଘରୋଇଭାବେ ଆଲୋଚନା କରୁଛନ୍ତି ।

ରାଜନୀତିରେ ଅନ୍ୟ ନାମ ଆବଶ୍ୟକତା । କେନ୍ଦ୍ରାପଡ଼ାର ବିବାଦୀୟ ସାଂସଦ ଅନୁଭବ ମହାନ୍ତିଙ୍କୁ ବାଦ୍ ଦେଇ ଯଦି ବୈଜୟନ୍ତଙ୍କ ମୁକାବିଲା ପାଇଁ ବିଜେଡ଼ି ନେତୃତ୍ୱ ଦିଲ୍ଲୀପ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସମ୍ପତ୍ତି ତାଲିକା ଦେଲେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ

**ଭୁବନେଶ୍ୱର,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ସମ୍ପତ୍ତିର ତାଲିକା ଦେଇଛନ୍ତି । ଗତବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସେ ତାଙ୍କ ସମ୍ପତ୍ତିର ତାଲିକା ଦେଇଥିବା ଜଣାଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ୱେବସାଇଟ୍‌ରେ ଏହି ସୂଚନା ଦିଆଯାଇଛି । ନବୀନଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୬୪, ୯୮, ୧୯, ୭୬୪ ଟଙ୍କା । ଦେଶର ୭ଟି ବ୍ୟାଙ୍କରେ ଶ୍ରୀ ପଟ୍ଟନାୟକଙ୍କର ୧୩ କୋଟି ୧ଲକ୍ଷ ୬୭ହଜାର ୧୧ ଟଙ୍କା ଅଛି । ବ୍ୟାଙ୍କ ଅଫ୍ ଇଣ୍ଡିଆ ଦିଲ୍ଲୀ ଜନପଥ ଶାଖାରେ ସର୍ବାଧିକ ୧କୋଟି ୩ଲକ୍ଷ ୧୩ହଜାର ୪୯୯ ଟଙ୍କା ଅଛି । ସେହିପରି ତାଙ୍କ ପାଖରେ ରହିଛି ପ୍ରାୟ ୨ଲକ୍ଷ ୮୯ହଜାର ୫୮୭ ଟଙ୍କାର ସୁନାଗହଣା । ଏବେ ମଧ୍ୟ ତାଙ୍କ ନିକଟରେ ଅଛି ୧୯୮୦ ମଡେଲର ଏକ ଆମ୍ବାସାଡର କାର୍ । ଏହାର ଆନୁମାନିକ ମୂଲ୍ୟ ମୂଲ୍ୟ ୮ହଜାର ୯୦୫ ଟଙ୍କା ହେବ । ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ମନ୍ତ୍ରୀମାନେ ମଧ୍ୟ ନିଜ ନିଜ ସମ୍ପତ୍ତିର ତାଲିକା ଦେଇଛନ୍ତି ।

ଅନ୍ୟ ମନ୍ତ୍ରୀଙ୍କ ଭଳି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ମଧ୍ୟ ତାଙ୍କ ସମ୍ପତ୍ତିର ତାଲିକା ଦେଇଛନ୍ତି । ଏହି ସୂଚନା ଅନୁଯାୟୀ, ୨ ବର୍ଷରେ ସେ କିଣିଛନ୍ତି ୮୦ଟି ଗାଡ଼ି । ୨୦୧୮ରୁ ୨୦୨୦ ମଧ୍ୟରେ ସେ ଏହି ସବୁ ଗାଡ଼ି କିଣିଛନ୍ତି । ଏହା ମଧ୍ୟରେ ରହିଛି ଗୋଟିଏ ସୌଖୀନ ମର୍ସିଡିସ୍ ବେଞ୍ଜ୍ କାର୍ । ଏହି କାରର ମୂଲ୍ୟ ୧ କୋଟି ୯୬ ଲକ୍ଷ ଟଙ୍କା । ଅନ୍ୟ ଗାଡ଼ିଗୁଡ଼ିକ ଭିତରେ ଅନେକ ଟ୍ରକ୍ ଓ ବାଣିଜ୍ୟିକ ଗାଡ଼ି ରହିଛି ।

ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସଂପତ୍ତିର ମୂଲ୍ୟ ୧୦ କୋଟି ୩୫ ଲକ୍ଷ ୨୯ ହଜାର ୯୧୧ ଟଙ୍କା । ସେହିପରି ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଂପତ୍ତିର ମୂଲ୍ୟ ୮ କୋଟି ୩୪ ଲକ୍ଷ ୪୮ ହଜାର ୯୯୪ ଟଙ୍କା । ମନ୍ତ୍ରୀ ଅରୁଣ ସାହୁଙ୍କ ୮୯ ଲକ୍ଷ ୯୩ ହଜାର ୪୩୯ ଟଙ୍କାର ସମ୍ପତ୍ତି ଥିବାବେଳେ ତୁଷାରକାନ୍ତି ବେହେରାଙ୍କ ସମ୍ପତ୍ତିର ମୂଲ୍ୟ ୩୨ ଲକ୍ଷ ୩୩ ହଜାର ୪୭୧ ଟଙ୍କା । ସେହିପରି ସୁଶାନ୍ତ ସିଂହଙ୍କର ୪ କୋଟି ୯୩ ଲକ୍ଷ ୯୪ ହଜାର ୬୪୪ ଟଙ୍କା ସମ୍ପତ୍ତି ଥିବାବେଳେ ସୁଦାମ *(ଶେଷ ପୃଷ୍ଠା ଦେଖନ୍ତୁ)*

### ଭଦ୍ରଲୋକର ଖେଳରେ ଅଭଦ୍ର ଆଚରଣ

## ଅଷ୍ଟ୍ରେଲିଆରେ ସିରାଜଙ୍କୁ ବ୍ରାଉନ ଡଗ୍ ଓ ବିଗ୍ ମଙ୍କି ଆକ୍ଷେପ

**ସିଡ୍‌ନୀ, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



- ବିସିସିଆଇର ଦୃଢ଼ ଆପତ୍ତି
- ଭୁଲ୍ ମାଗିଲା ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡ
- ଆଇସିସିର ନିନ୍ଦା, ରିପୋର୍ଟ ତଲବ

ସିଡ୍‌ନୀଠାରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ତୃତୀୟ କ୍ରିକେଟ୍ ଟେଷ୍ଟର ଆଜି ଚତୁର୍ଥ ଦିନର ଖେଳ ବେଳେ ଅଷ୍ଟ୍ରେଲିଆ ଦର୍ଶକମାନେ ଭାରତୀୟ ବୋଲର ମହମ୍ମଦ ସିରାଜ୍‌ଙ୍କ ପ୍ରତି ଅପମାନଜନକ ଟିପ୍ପଣୀ କରିବା ଘଟଣାକୁ ନେଇ ଭାରତୀୟ କ୍ରିକେଟ୍ କଂଟ୍ରୋଲ ବୋର୍ଡ ଦୃଢ଼ ଆପନିଶା କାରବାର-ପ୍ରଶାସନର ମୁଣ୍ଡବିନ୍ଧାଇ କରିଛି । ଦର୍ଶକମାନେ ସିରାଜ୍‌ଙ୍କୁ 'ବ୍ରାଉନ ଡଗ୍' ଓ 'ବିଗ୍ ମଙ୍କି' ବୋଲି ଡାକିଥିଲେ । ଏ ସମ୍ପର୍କରେ ସିରାଜ୍ ଲେଗ୍ ଅମ୍ପାୟରଙ୍କୁ ଜଣାଇଥିଲେ । ଏହାକୁ ନେଇ ଖେଳ ୧୫ମିନିଟ୍ ବନ୍ଦ ରହିଥିଲା । ଏହି ଘଟଣାକୁ ନେଇ ଅନ୍ତରାଷ୍ଟ୍ରୀୟ କ୍ରିକେଟ୍ ପରିଷଦ ଆଇସିସି କଠୋର ଆଭିମୁଖ୍ୟ ପୋଷଣ କରିଛି । ଆଇସିସି ଘଟଣାକୁ ନିନ୍ଦା କରିବା ସହ ଅଷ୍ଟ୍ରେଲିଆ କ୍ରିକେଟ୍ ବୋର୍ଡଠାରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛି । କେବଳ ସିରାଜ୍ ନୁହଁନ୍ତି ଗତକାଲି ମଧ୍ୟ ଭାରତୀୟ ବୋଲର ଯଶପ୍ରୀତ ବୁମ୍ରାହଙ୍କ ପ୍ରତି ମଧ୍ୟ ଅଶାଳୀନ ଟିକା ଟିପ୍ପଣୀ କରାଯାଇଥିଲା । ଏହାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜର ଇଣ୍ଟର ନ୍ୟାସନାଲ କ୍ରିକେଟ୍ କାଉନ୍‌ସିଲ୍‌ର ମ୍ୟାଚ୍ ରେଫରୀ ଡେଭିଡ୍ ବୁନ୍‌ଙ୍କ ନିକଟରେ ଅଭିଯୋଗ କରିଛି ।

ଆଜି ଅଷ୍ଟ୍ରେଲିଆର ଦ୍ୱିତୀୟ ପାଳିର ୮୬ତମ ଓଭର ବେଳେ ସିରଜ୍ ବାଉଣ୍ଡରୀ ଲାଇନ୍‌ରେ ଜଗିଥିଲେ । ଏହି ସମୟରେ ତାଙ୍କୁ କୁକୁର ଓ ମାଙ୍କଡ଼ ବୋଲି ଆକ୍ଷେପ କରାଯାଇଥିଲା । ଏ ସମ୍ପର୍କରେ ସେ ଅମ୍ପାୟାରଙ୍କ ନିକଟରେ ଆପତ୍ତି କରିଥିଲେ । ଯେଉଁ ଷ୍ଟାଡିୟମ୍‌ରୁ ତାଙ୍କୁ ଗାଳିଗୁଲଜ କରାଯାଇଥିଲା ସେହି ଷ୍ଟାଡିୟମ୍‌କୁ ସୁରକ୍ଷାକର୍ମୀ ଓ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପଶ୍ଚିମବଙ୍ଗରେ ସମସ୍ତଙ୍କୁ ମିଳିବ ମାଗଣାରେ କରୋନା ଟିକା

**କୋଲକାତା, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମବଙ୍ଗରେ ସମସ୍ତଙ୍କୁ ମାଗଣାରେ କରୋନା ଟିକା ଯୋଗାଇ ଦିଆଯିବ ବୋଲି ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧକ୍ଷା ମମତା ବାନାର୍ଜୀ ଘୋଷଣା କରିଛନ୍ତି । ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ମମତାଙ୍କ ଏହି ଘୋଷଣା ଏକ ବଡ଼ଧରଣର ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଛି ବୋଲି ଚର୍ଚ୍ଚା ହେଉଛି । ମମତା କହିଛନ୍ତି ଯେ, ସମସ୍ତଙ୍କୁ ମାଗଣାରେ କରୋନା ଟିକା ଯୋଗାଇ ଦେବା ପାଇଁ ଘୋଷଣା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଓଡ଼ିଶାରେ ୧୬୦ ସ୍ଥାନରେ ହେବ ଟିକାକରଣ

**ଭୁବନେଶ୍ୱର, ୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**




ରାଜ୍ୟକୁ କରୋନା ଟିକା ଆସିଲେ କିପରି ଟିକାକରଣ କାର୍ଯ୍ୟକ୍ରମ ସୁଚାରୁରୂପେ କାର୍ଯ୍ୟକାରୀ କରାଯିବ ତାହାକୁ ନେଇ ବିସ୍ତୃତ ରୂପରେଖ ପ୍ରସ୍ତୁତ

### ସରକାରୀ ଡାକ୍ତରଖାନା ସହିତ ସିଏଚ୍‌ସି, ପିଏଚ୍‌ସି ଓ ଘରୋଇ ଡାକ୍ତରଖାନାରେ ଦିଆଯିବ ଟିକା

ହୋଇଛି । ଏସମ୍ପର୍କରେ ସୂଚନା ଦେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି ଯେ, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ୧୬୦ଟି ସ୍ଥାନରେ ଟିକାକରଣ କରାଯିବ । ଏହି ସେସନ ସାଇଟ୍ ନିର୍ଦ୍ଧାରଣ କରାଯାଇସାରିଛି । ସରକାରୀ ଡାକ୍ତରଖାନା, ସିଏଚ୍‌ସି, ପିଏଚ୍‌ସି ଏବଂ ଘରୋଇ ଡାକ୍ତରଖାନାକୁ ମିଶାଇ ମୋଟ୍ ୧୬୦ଟି ସ୍ଥାନରେ ଟିକାକରଣ କରାଯିବ । ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ଅସୁବିଧା ହେବ ନାହିଁ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । ପ୍ରତି ସ୍ଥାନରେ ୧୦୦ ଜଣ ଲେଖାଏଁ ସ୍ୱାସ୍ଥ୍ୟକର୍ମୀଙ୍କୁ କରୋନା ଟିକା ଦିଆଯିବ । କମ୍ପାନୀ ପାଖରୁ ଟିକା ଆସିବା ପରେ ଷ୍ଟେଟ୍ ଭ୍ୟାକ୍ସିନ୍ ଷ୍ଟୋରକୁ ପ୍ରଥମେ ଟିକା ଆସିବ ।

### ଡିଆରଡିଓ ଦ୍ୱାରା ସ୍ୱତନ୍ତ୍ର ଡିଭାଇସ୍ ବିକଶିତ

## ଯବାନଙ୍କୁ ଥଣ୍ଡାରୁ ରକ୍ଷା କରିବ ହିମ ତାପକ

**ନୂଆଦିଲ୍ଲୀ, ୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ଲଦାଖ, ସିଆଚେନ୍ ଏବଂ କାଶ୍ମୀର ଭଳି ସୁଉଚ୍ଚ ବରଫାବୃତ୍ତ ଅଞ୍ଚଳରେ ଦେଶର ଯବାନମାନେ ମୁତୟନ ହୋଇଛନ୍ତି । ପ୍ରବଳ ଥଣ୍ଡାରେ ଏପରି କି ମାଇନସ୍ ତାପମାତ୍ରାରେ ମଧ୍ୟ ସେମାନେ ନିଜ ଜୀବନକୁ ବାଜି ଲଗାଇ ସୀମାନ୍ତ ଜଗିଛନ୍ତି । ସେମାନଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ) ଏକ ସ୍ୱତନ୍ତ୍ର ଡିଭାଇସ୍ ବିକଶିତ କରିଛି । ଏହାର ନାମ ହିମ ତାପକ ରଖାଯାଇଛି । ହିମ ତାପକ ଏକ ସ୍ପେସ୍ ହିଟିଂ ଡିଭାଇସ୍ । ଡିଫେନ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିଓଲୋଜି ଆଣ୍ଡ ଆଲାଏଡ୍ ସାଇନ୍‌ସେସ୍‌ର ନିର୍ଦ୍ଦେଶକ ଡା. ରାଜୀବ ଭାର୍ସନେ କହିଛନ୍ତି ଯେ, ଭାରତୀୟ ସେନା ଏହି ଡିଭାଇସ୍ ପାଇଁ ୪୨୦ କୋଟି ଟଙ୍କାର ଅର୍ଡର ଦେଇଛି । ଏହି ଡିଭାଇସ୍‌କୁ କମ୍ ତାପମାତ୍ରା ରହୁଥିବା ସେନା ଏବଂ ଆଇଟିବିପି ଯବାନଙ୍କ ନୂଆ ବାସସ୍ଥାନଗୁଡ଼ିକରେ ଲଗାଯିବ ।

ଡା. ଭାର୍ସନେ ଆହୁରି କହିଛନ୍ତି ଯେ, ବରଫାବୃତ୍ତ ସୀମାନ୍ତ ଅଞ୍ଚଳରେ ଯବାନଙ୍କୁ ଥଣ୍ଡା ଏବଂ ଅନ୍ୟ ସମସ୍ୟାରୁ ରକ୍ଷା କରିବା ଲାଗି ଡିଆରଡିଓ ଏଲୋକଲ କ୍ରିମ୍ ପ୍ରସ୍ତୁତ କରିଛି । ସେନା ପକ୍ଷରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସରକାରୀ ଅର୍ଥର ସ୍ଥିତି ଜାଣିବା ପାଇଁ ମନିଟରିଂ ମେକାନିଜିମ୍ ବ୍ୟବସ୍ଥା

**ଭୁବନେଶ୍ୱର, ୧୦।୧:ତଥ୍ୟ**

ବ୍ୟାଙ୍କରେ ଗଚ୍ଛିତ ଥିବା ସରକାରୀ ଅର୍ଥର ସ୍ଥିତି ଜାଣିବା ପାଇଁ ରାଜ୍ୟ ସରକାର 'ମନିଟରିଂ ମେକାନିଜିମ' ବ୍ୟବସ୍ଥା କରିବାକୁ ଯାଉଛନ୍ତି । ଏହାଦ୍ୱାରା କେଉଁ ବ୍ୟାଙ୍କରେ କେତେ ସରକାରୀ ଅର୍ଥ ରହିଛି ତାହା ବିଭାଗମାନେ ସହଜରେ ଜାଣିପାରିବେ ।

ସରକାରୀ ସଂସ୍ଥାଗୁଡିକ ବିଭିନ୍ନ ବ୍ୟାଙ୍କରେ ବିପୁଳ ପରିମାଣର ଅର୍ଥ ଜମା ରଖିଛନ୍ତି । ଏ ସଂକ୍ରାନ୍ତରେ ଜାଣିବା ପାଇଁ ରାଜ୍ୟ ସରକାର ସ୍କିମ ବ୍ୟାଙ୍କ ଆକାଉଣ୍ଟ ମନିଟରିଂ ସିଷ୍ଟମ (ଏସ୍‌ବିଏମ୍‌ଏସ୍) ସ୍ଥାପନ କରିବେ । ଏହାଦ୍ୱାରା ବ୍ୟାଙ୍କରେ ଗଚ୍ଛିତ ଥିବା ସରକାରୀ ଅର୍ଥକୁ ଠିକଣା ଭାବେ ମନିଟରିଂ କରାଯାଇପାରିବ । ଅଧିକାରୀମାନଙ୍କ କହିବା କଥା ଯେ ଉନ୍ନୟନ ଯୋଜନା ଚଳାଇବା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଥିବାବେଳେ ବିଭିନ୍ନ ବ୍ୟାଙ୍କରେ ଏବେ ୧୧ହଜାର କୋଟିରୁ ଅଧିକ ଅର୍ଥ ଗଚ୍ଛିତ ରହିଛି । ଏଥିରେ ଉନ୍ନୟନ କାର୍ଯ୍ୟ ଚଳାଇବା ଜରୁରୀ ହୋଇପଡିଛି ।

କରୋନା ମାଡରେ ରାଜ୍ୟ ଅର୍ଥନୀତି ଦୋହଲି ଯାଇଥିବାବେଳେ ବିଭିନ୍ନ ବିଭାଗର ଅର୍ଥ ବ୍ୟୟ ଧିମେଇ ଯାଇଛି । ତେବେ ବର୍ତ୍ତମାନ ସ୍ଥିତିରେ ସୁଧାର ଆସୁଥିବାରୁ ରାଜ୍ୟ ସରକାର ଉନ୍ନୟନ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି ଯେଉଁଥିପାଇଁ ଅଧିକ ଅର୍ଥର ଆବଶ୍ୟକ ପଡୁଛି । ରାଜ୍ୟ ସରକାର ଏବେ ବ୍ୟାପକ ଉନ୍ନୟନ କାର୍ଯ୍ୟ ପାଇଁ ଅଧିକ ଅର୍ଥର ଆବଶ୍ୟକତା କରୁଥିବାବେଳେ ବ୍ୟାଙ୍କରେ ଗଚ୍ଛିତ ରହିଥିବା ସରକାରୀ ଅର୍ଥ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆସିଛି । ତେବେ ବ୍ୟାଙ୍କରେ ମୋଟ କେତେ ପରିମାଣର ଅର୍ଥ ଜମା ରହିଛି ତାହାର ସଠିକ୍ ହିସାବ ରାଜ୍ୟ ପ୍ରଶାସନ ନିକଟରେ ନାହିଁ । ଅନ୍ୟପକ୍ଷରେ ବ୍ୟାପକ ତର୍ଜମା ପରେ ଏହି ଅର୍ଥ ପରିମାଣ ୧୧ହଜାର କୋଟି ଟଙ୍କାରୁ ଅଧିକ ହେବ ବୋଲି ନଜରକୁ ଆସିଛି । ଏ ସଂକ୍ରାନ୍ତରେ ଅଧିକ ଅନୁଧ୍ୟାନ ସହିତ ବ୍ୟାଙ୍କରେ ଗଚ୍ଛିତ ଥିବା ଅର୍ଥକୁ ବ୍ୟବସ୍ଥିତ ଭାବେ ପରିଚାଳନା ଲାଗି ରାଜ୍ୟ ସରକାର ଏସ୍‌ବିଏମ୍‌ଏସ୍ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ।

ପ୍ରଶାସନିକ ବିଭାଗ ସହଯତାରେ ଏସ୍‌ବିଏମ୍‌ଏସ୍ ଦ୍ୱାରା ଯୋଜନା ୱାରୀ ଖର୍ଚ୍ଚ ଓ ସରକାରୀ ଟ୍ରେଜେରୀ ବାହାରେ ବ୍ୟାଙ୍କରେ ଜମା ଥିବା ଅର୍ଥକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୧ ଜାନୁଆରୀ, ୨୦୨୧ ସୋମବାର




## ଅବକାରୀ ଚଢ଼ାଉ ଦୁଇ ଗିରଫ

**ବେତନଟୀ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ଅବକାରୀ ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ଅଭିରାମ ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରି ଅବକାରୀ କର୍ମଚାରୀମାନେ ୮କ୍ୱିଣ୍ଟାଲ ପୋଚ ନଷ୍ଟ କରିବା ସହିତ ୧୦ ଲିଟର ଦେଶୀ ମଦ ଜବତ କରିଥିବାର ଜଣାପଡିଛି । ଏହି ଘଟଣାରେ ବୈଶିଙ୍ଗା ଥାନା ଅଧୀନ ଭୀମପୁରର ଦୁର୍ଗାଚରଣ ହାଁସଦାଙ୍କ ପତ୍ନୀ ପୁନଗି ହାଁସଦା (୨୬) ଓ ବାମୋଡାର ସ୍ୱର୍ଗତ ଧୁସା ସିଂଙ୍କ ପୁଅ ରେପ ସିଂ (୬୫)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାର ଜଣାପଡିଛି । ଘଟଣାକୁ ନେଇ ବେତନଟୀ ଅବକାରୀ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ।

## ଦୁର୍ଘଟଣାରେ ଲାଗୁନି ବ୍ରେକ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ପାଖେଇ ଆସୁଛି ସଡକ ସୁରକ୍ଷା ସପ୍ତାହ ଅନ୍ୟପଟେ ବଢିଚାଲିଛି ଦୁର୍ଘଟଣା । କରୋନା ମହାମାରୀ ସମୟରେ ଦୁର୍ଘଟଣା କମ ହୋଇଥିବାର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରକାଶ କରାଯାଇଥିବା ବେଳେ ଦୁର୍ଘଟଣା କିନ୍ତୁ ବୃଦ୍ଧି ପାଇବାରେ ଲାଗିଛି । ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲ୍ଲା ତରଭା ଫାଣ୍ଡି ଅନ୍ତର୍ଗତ କଳାପାଣି ଛକ ନିକଟରେ ଦୁର୍ଘଟଣା ଘଟିଛି । ବଣସିଂହରୁ ରାସୋଳ ଫେରୁଥିବା ବେଳେ ଭାରସାମ୍ୟ ହରାଇଥିଲା ବୋଲେରୋ । ଗାଡିରେ ୧୫ ଜଣ ଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇପଡିଥିବା ବେଳେ ଆହତଙ୍କୁ ୧୦୮ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଅନ୍ୟପଟେ ମୋଟଙ୍ଗା ଥାନା ମଶାଣିଆ ଛକ ନିକଟରେ ଏକ ଟ୍ରଲର ଏବଂ କାର ମଧ୍ୟରେ ଦୁର୍ଘଟଣା ଘଟିବା ଫଳରେ ୩ଜଣ ଗୁରୁତର ଆହତ ହୋଇପଡିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରେ ତାଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

## ଶଙ୍କରପୁର ଧାନମଣ୍ଡିରେ ଧାନ କିଣାକୁ ନେଇ ଅସନ୍ତୋଷ

**ଢେଙ୍କାନାଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ଧାନକ୍ରୟକୁ ନେଇ ଧିରେ ଧିରେ ଅସନ୍ତୋଷ କୁହୁଳିବାରେ ଲାଗିଛି । ମିଲରମାନେ ଧାନକ୍ରୟ ସମୟରେ କଟନୀ ଛଟନୀକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଏଭଳି ଏକ ସଦର ବ୍ଲକ ଅନ୍ତର୍ଗତ ଶଙ୍କରପୁର ସେବା ସମବାୟ ସମିତିରେ ଧାନ କ୍ରୟକୁ କେନ୍ଦ୍ର କରି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଯିବା ସହ ମଣ୍ଡିରେ ଉତ୍ତେଜନା ଦେଖା ଦେଇଥିଲା । ଏହି ଧାନ ମଣ୍ଡିରେ ନିୟୋଜିତ ମିଲର ଚାଷୀମାନଙ୍କ ଧାନକୁ ମନମୁଖୀ ଭାବେ କଟ୍‌ନି ଛଟନି କରୁଥିବା ଅଭିଯୋଗ କରି ଚାଷୀମାନେ ମଣ୍ଡିକୁ ବନ୍ଦ କରିଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆଜି ମଣ୍ଡିରେ ଧାନକ୍ରୟ ବନ୍ଦ ରହିଥିଲା ।

## ଖୋଲିଲା ସ୍କୁଲ : ଉପସ୍ଥାନ ସନ୍ତୋଷଜନକ

**ତାଳଚେର : ଏକ୍ସପ୍ରେସ୍ ନ୍ୟୁଜ୍**

ତାଳଚେର ଅଞ୍ଚଳରେ ରହିଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ ଖୋଲିଛି। ଉପସ୍ଥାନ ମଧ୍ୟ ସନ୍ତୋଷ ଜନକ ହୋଇଛି। ପୁରୁଣା ପୋଷାକ ମୁହଁରେ ନୂଆ ମାସ୍କ, ହାତରେ ଗ୍ଲୋପସ୍ ପରିଧାନ କରି ନିର୍ଭୟରେ ପାଠପଢ଼ିବାକୁ ଛାତ୍ରଛାତ୍ରୀ ମାନଙ୍କ ବ୍ୟଗ୍ରତା ଦେଖାଦେଇଛି। କୋଭିଡ଼୍ ମହାମାରୀ ସଂକ୍ରମଣ ଆଶଙ୍କାରେ ୨୦୨୦ ମସିହା ମାର୍ଚ୍ଚ ଠାରୁ ରାଜ୍ୟ ସରକାର ସମସ୍ତ ଘରୋଇ ଓ ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ବନ୍ଦ କରିଦେଇଥିଲେ। ତେବେ ବିଗତ ନଅମାସ ପରେ ହାଇସ୍କୁଲ ଗୁଡ଼ିକରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ଗ୍ରହଣପରେ ଆଜି ତାଳଚେର ଅଞ୍ଚଳରେ ଥିବା ଯୁବରାଜ ଉଚ୍ଚବିଦ୍ୟାଳୟ, ହାଣ୍ଡିଧୂଆଁ ଉଚ୍ଚ ବିଦ୍ୟାଳୟ, ଦେଉଳବେଢ଼ା ଉଚ୍ଚ ବିଦ୍ୟାଳୟ, ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଧରମପୁର ଉଚ୍ଚ ବିଦ୍ୟାଳୟ, ଲାଙ୍ଗିଯୋଡ଼ା ଉଚ୍ଚ ବିଦ୍ୟାଳୟ, ଡ଼େରା ଉଚ୍ଚ ବିଦ୍ୟାଳୟ, ବଳଣ୍ଡା, ଉଚ୍ଚ ବିଦ୍ୟାଳୟ ପ୍ରଭୃତି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀ ଉପସ୍ଥାନ ୫୦%ରୁ ଉପରେ ରହିଥିବା ଜଣାପଡ଼ିଛି। ଛାତ୍ରଛାତ୍ରୀ ମାସ୍କ ହ୍ୟାଣ୍ଡଗ୍ଲୋପସ୍ ପରିଧାନ କରି ବିଦ୍ୟାଳୟକୁ ଆସିଥିଲେ। କୋଭିଡ଼୍ -୧୯କୁ ଭୟ ନକରି ଛାତ୍ରଛାତ୍ରୀ ବିଦ୍ୟାଳୟରେ ସାମାଜିକ ଦୂରତା ରକ୍ଷାକରି ପାଠପଢ଼ା ଆରମ୍ଭ କରିଥିଲେ। ପ୍ରତ୍ୟେକ ସ୍କୁଲ ଗୁଡ଼ିକରେ ସରକାରୀ ନିୟମ ଅନୁସାରେ ବହୁପୂର୍ବରୁ କୋଭିଡ଼ି-୧୯ ଗାଇଡ଼୍‌ଲାଇନ୍ ନୀୟମ ଅନୁଯାୟୀ ଶ୍ରେଣୀ ଗୃହଗୁଡ଼ିକୁ ଶିକ୍ଷକମାନେ ସାନିଟାଇଜ୍ କରି ପରିସ୍କାର ପରିଚ୍ଛନ୍ନ କରିଥିଲେ ଓ ପ୍ରତ୍ୟେକ ସ୍କୁଲ ଗୁଡ଼ିକରେ ଆଇସୋଲେସନ୍ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏଥିସହ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମୁହଁରେ ମାସ୍କ ସାନିଟାଇଜ୍ କରି ଶିକ୍ଷାଦାନ ଆରମ୍ଭ କରିଦେଇଛନ୍ତି। ଦୀର୍ଘ ମାସ ବ୍ୟାପି ଅଭିଭାବକ ମହଲରେ ପିଲାଙ୍କ ପାଠପଢ଼ାକୁ ନେଇ ଯେଉଁ ବ୍ୟସ୍ତ ବିଗ୍ରତ ତାହାର ପୂର୍ଣ୍ଣଚ୍ଛେଦ ପଡ଼ିଛି ଓ ଚିନ୍ତା ଦୂରେଇ ଯାଇଛି। ସେହିଭଳି ତାଳଚେର ଅଞ୍ଚଳରେ ରହିଥିବା ସରକାରୀ ଓ ବେସରକାରୀ କଲେଜ ଗୁଡ଼ିକରେ ଯୁକ୍ତ ୨ ଓ ୩ ଶେଷବର୍ଷର ଛାତ୍ରଛାତ୍ରୀ ୧୦୦ଦିନ ଶିକ୍ଷା ଗ୍ରହଣ କରିବା ପାଇଁ ସରକାର ନିୟମ ଅନୁଯାୟୀ ଖୋଲାଯାଇଛି।



**କଟକ :** ବିଭିନ୍ନ ଦାବି ନେଇ ବିଜେପି ପକ୍ଷରୁ ମଙ୍ଗଳାବାଗ ଠାରେ ରାସ୍ତାରୋକ

## ପୋଲିସ ଡିଜିଙ୍କ ଅପରାଧ ସମୀକ୍ଷା

**ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଭୟ ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସି ଦକ୍ଷିଣାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲ୍ଲାର ଅପରାଧ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବ୍ରହ୍ମପୁର ଏବଂ ଗଞ୍ଜାମ ପୋଲିସ ଜିଲ୍ଲାକୁ ଆଗାମୀ ଦିନରେ ଯେପରି ଅପରାଧ ମୁକ୍ତ କରାଯାଇପାରିବ ସେଥି ନିମନ୍ତେ ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଦୁଇ ପୋଲିସ ଜିଲ୍ଲାରେ ନିଖୋଜ ଶିଶୁ ଉଦ୍ଧାର, ସାଇବରକ୍ରାଇମ୍ ଏବଂ ପ୍ରତ୍ୟେକ ଥାନାରେ ସିସିଟିଭି ଯେପରି କାର୍ଯ୍ୟକ୍ଷମ ହୋଇପାରିବ ଗୁରୁତ୍ୱ ଦେବାକୁ ଡ଼ିଜିପି ଯୋଗ ଦେଇଥିଲେ । ପାସ୍ ପୋର୍ଟ ପାଇଁ ହେଉଥିବା ବିଭିନ୍ନ ଭେରିଫିକେସନ୍ ଏହିଭଳି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଶେଷ ହେବ ସେଥି ନିମନ୍ତେ ସମସ୍ତ ପ୍ରସ୍ତୁତି କରିବାକୁ ଡ଼ିଜିପି କହିଥିବା ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ସୂଚନା ଦେଇଛନ୍ତି । ସେହିଭଳି ବ୍ରହ୍ମପୁର ଏବଂ ଗଞ୍ଜାମ ପୋଲିସ ଜିଲ୍ଲାରେ ନାବାଳକ ଅପହରଣ ସଂଖ୍ୟା କମ୍ ରହିଥିବା ଡିଆଇଜି କହିଛନ୍ତି । ଆଗାମୀ ଦିନରେ ତାହା ଯିମିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବ ସେ ନେଇ ବୈଠକରେ ନିଷ୍ପତ୍ତି ହୋଇଥିବା ଡିଆଇଜି ଶ୍ରୀ ଭୋଇ ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ଏଥିରେ ବ୍ରହ୍ମପୁର ଏସ୍‌ପି ପିନାକ୍ ମିଶ୍ର, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାଏ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରତିଶ୍ରୁତି ପାଳନ କର : ନଚେତ କାର୍ଯ୍ୟବନ୍ଦ

**ବ୍ରହ୍ମପୁର : ଏକ୍ସପ୍ରେସ୍ ନ୍ୟୁଜ୍**



ବ୍ରହ୍ମପୁର ବଡ଼ ମେଡ଼ିକାଲରେ କାର୍ଯ୍ୟରତ ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟମିତ କରାଇବା ଦାବିରେ ସଂଘ ପକ୍ଷରୁ ଏକ ବୈଠକ ଚକ୍ଷୁ ବିଭାଗର ନିକଟସ୍ଥ ହନୁମାନ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟକାର୍ଯ୍ୟ ୨୬୩ କର୍ମଚାରୀଙ୍କୁ କାର୍ଯ୍ୟରେ ଅବ୍ୟାହିତ ରଖିବା, ପୂର୍ବ ଏଜେଣ୍ଟସିପ୍ ପାଖରେ ବକେୟା ଥିବା ୧୫ଦିନର ଦରମା ଓ ଏରିୟର ଟଙ୍କା ତୁରନ୍ତ ପ୍ରଦାନ, କର୍ମଚାରୀଙ୍କ ଇନ୍‌ଫର୍ମ ଓ ପରିଚୟ ପତ୍ରରେ ହସ୍‌ପିଟାଲ ନାମ ଥାଇ ନୂତନ ପରିଚୟ ପ୍ରଦାନ କରାଯାଉ, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମାନ କାମକୁ ସମାନ ଦରମା, ସପ୍ତାହିକ ଛୁଟି, କର୍ମଚାରୀଙ୍କ ଜିପିଏଫ୍ ଓ ଇପିଏଫ୍ ଓ ଇଏସ୍‌ଆଇ ବକେୟା ଅର୍ଥ ତୁରନ୍ତ ଜମା କରିବା କୌଣସି କର୍ମଚାରୀଙ୍କ ମୃତ୍ୟୁ ହେଲେ ପରିବାରଙ୍କୁ ଆର୍ଥିକ ସହାୟତା ଯୋଗାଇବା, କର୍ମଚାରୀଙ୍କ ସୁବିଧା ନିମନ୍ତେ ନୂତନ ଏଜେନ୍ସି ବ୍ରହ୍ମପୁରରେ ଏକ କାର୍ଯ୍ୟାଳୟ ଖୋଲିବାକୁ ମଧ୍ୟ ଦାବି କରାଯାଇଛି । ପୂର୍ବରୁ ବ୍ରହ୍ମପୁର ବଡ଼ମେଡ଼ିକାଲର କାର୍ଯ୍ୟରତ ଆଟେଣ୍ଡାଣ୍ଟ ମାନେ ଗଞ୍ଜାମ ସୁକ୍ୟୁରିଟି ଏଜେନ୍ସି ଜରିଆରେ ନିୟୋଜିତ ଥିଲେ । ବର୍ତ୍ତମାନ ନୂତନ ଏଜେନ୍ସି ଦାୟିତ୍ୱ ନେବା ପରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି । ଏଣୁ ତୁରନ୍ତ ସମାସ୍ୟାର ସମାଧାନ କରିବାକୁ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକତା ରହିଛି । ଏଥିରେ ସଂଘ ଉପଦେଷ୍ଟା ଭାଲ୍ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ଆବାହକ, ପ୍ରତାପ ପ୍ରଧାନ, ସଂଘ ସଭାପତି ସୁନିଲ ପାତ୍ର, ରାଜଲକ୍ଷ୍ମୀ ସାହୁ, ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ତ୍ରୀ ହତ୍ୟାକାରୀକୁ ୭ବର୍ଷ ସଜା

**ଢେଙ୍କାନାଳ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅଞ୍ଚଳରେ ଗତ ୨୦୧୭ ମସିହାରେ ଘଟି ଯାଇଥିବା ହତ୍ୟା ଘଟଣାର ମାମଲାକୁ ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରତିମା ପଣ୍ଡା ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ହତ୍ୟାକାରୀ ସ୍ୱାମୀକୁ ୪୯୮ (ଏ), ୩୦୪ (ବି) ଓ ୪ଡିପି ଆକ୍ଟରେ ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସୂଚନା ଥାଉକି ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ହିନ୍ଦୋଳ ଥାନା ଅଞ୍ଚଳର ମାଧପୁର ଗ୍ରାମର କାଳିଆ ଓରଫ ପ୍ରବୀଣ ସାହୁ ୨୦୧୨ ମସିହାରେ ରାସୋଳ ଥାନା ନାଉକିଆରୀ ଅଞ୍ଚଳର ସରୋଜିନୀ ସାହୁଙ୍କୁ ବୈଦିକ ରୀତିରେ ସହ ଯାନି ଯୌତୁକରେ ନଗତ ୧ ଲକ୍ଷ ଟଙ୍କା ନେଇଥିଲେ । ବିବାହର ୧ ବର୍ଷ ପରେ ସରୋଜିନୀଙ୍କୁ କାଳିଆ ବିଭିନ୍ନ ସମୟରେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇଆସୁଥିଲେ । ମାତ୍ର ସରୋଜିନୀଙ୍କ ବାପଘର ପକ୍ଷରୁ ସମ୍ବଳ ଅଭାବରୁ କାଳିଆଙ୍କ ଦାବୀକୁ ପୂରଣ କରାଯାଇ ପାରିନଥିଲା । ଶେଷରେ କାଳିଆ ତାଙ୍କ ପତ୍ନୀ ସରୋଜିନୀଙ୍କୁ ୨୦୧୭ ମସିହା ଡିସେମ୍ବର ମାସ ୨୨ ତାରିଖ ରାତିରେ ହତ୍ୟା କରିଥିଲେ । ଖବର ପାଇ ସରୋଜିନୀଙ୍କ ପରିବାର ଘଟଣା ସ୍ଥଳରେ ପହଞ୍ଚି ଝିଅକୁ ହତ୍ୟା କରିଥିବାର ଅଭିଯୋଗ ଆଣିଥିଲେ । ଏ ନେଇ ମୃତ ସରୋଜିନୀଙ୍କ ଭିଣୋଇ ହିନ୍ଦୋଳ ଥାନାରେ ସରୋଜିନୀଙ୍କୁ କାଳିଆ ହତ୍ୟା କରିଥିବାର ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରି କାଳିଆକୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାକୁ ସିଟି ସେସନ୍ସ୍ କେସ ନଂ.୬୯/୧୮ରେ ବିଚାର କରି ବିଭିନ୍ନ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ କାଳିଆକୁ ୭ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଥିବା ବେଳେ ୨ହଜାର ଟଙ୍କା ଜୋରିମନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୨ ମାସ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ପରିଚାଳନା କରିଥିଲେ ।

## ଚିଟ୍‌ଫଣ୍ଡ ମାମଲାରେ ଅଭିଯୁକ୍ତ ସୁଧୀରଙ୍କୁ ସର୍ତ୍ତମୂଳକ ଜାମିନ

**କଟକ : ଏକ୍ସପ୍ରେସ୍ ନ୍ୟୁଜ୍**

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାଧାରଣ ଲୋକଙ୍କ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୁକ୍ତ ରୁଧିତପ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଏଣ୍ଡ୍ ମ୍ୟାନେଜ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସୁଧୀର ସାହୁକୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଏଥିପାଇଁ ତାଙ୍କୁ ୧୨ ଲକ୍ଷ ନଗଦ ଜମା ସହ ୩୩ ଲକ୍ଷ ଟଙ୍କାର ସମ୍ପତ୍ତି ଦାଖଲ କରିବାକୁ ଅଦାଲତ ସର୍ତ୍ତାରୋପ କରିଛନ୍ତି । ଏଥିସହ ମାମଲାର ପ୍ରମାଣ ନଷ୍ଟ କରିବେ ନାହିଁ ଏବଂ ୫୦ ହଜାର ଲେଖାଏ ୩ ଜଣ ଜାମିନଦାର ଓ ବଦଳରେ ସେ ଜାମିନରେ ଯିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଅଭିଯୁକ୍ତ ସୁଧୀର ସାହୁ ପକ୍ଷରୁ ରୁଜୁ ଜାମିନ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ବି.ପି ରାଉତରାୟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଭିଡିଓ କନ୍‌ଫରେନ୍ସିଂରେ ଆୟୋଜିତ ଶୁଣାଣିରେ ହାଇକୋର୍ଟ ଏହା କହିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ବିବେକାନନ୍ଦ ଭୂୟାଁ ପରିଚାଳନା କରୁଥିଲେ । ଅଭିଯୁକ୍ତ ଶ୍ରୀ ସାହୁ ସ୍ୱଳ୍ପ ସମୟରେ ଟଙ୍କା ଦୁଇଗୁଣା କରିବା ଲୋକ ଦେଖାଇ ଲୋକଙ୍କ ନିକଟରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିଲେ । ତେବେ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ଟଟଙ୍କା ନ ଫେରାଇବାରୁ ତାଙ୍କ ନାମରେ ଅଭିଯୋଗ ହୋଇଥିଲା । କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ମାମଲାର ତଦନ୍ତଭାର ନେଇଥିଲା । ଏହି ମାମଲା କଟକର ଓପିଆଇଡି କୋର୍ଟରେ ବିଚାରଧିନ ରହିଛି । ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ୪୦୬/୪୬୭/୪୬୮/୪୭୧/୪୨୦/୧୨୦-ବି ଏବଂ ଓପିଆଇଡିର ୬ ଧାରାରେ ଅଭିଯୋଗ ହୋଇଥିଲା । ଅଦାଲତରେ ତାଙ୍କ ବିରୋଧରେ ଅଭିଯୋଗଫର୍ଦ୍ଦ ଦାଖଲ କରାଯାଇଥିଲା । ଏଥିରେ ଅଭିଯୁକ୍ତ ଜଣକ ୬୨ଲକ୍ଷ ୭୯ ହଜାର ୨ ଶହ ଟଙ୍କକା ହଡପ କରିଥିବା ନେଇ ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଥିଲା । ହାଇକୋର୍ଟରେ ମାମଲାର ଶୁଣାଣି ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ୨୦୧୯ ଜୁନ୍ ୧୮ ତାରିଖରୁ ସେ ଜେଲ୍‌ରେ ଅଛନ୍ତି । ସେହିପରି ଏହି ମାମଲାର ତଦନ୍ତ ଶେଷ ହୋଇସାରିଛି ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା । ଅନ୍ୟପକ୍ଷରେ ଏହି ମାମଲାରେ ଅଭିଯୁକ୍ତ ଜଣକ ଜମାକାରୀଙ୍କୁ ୧୭ ଲକ୍ଷ ୪ ହଜାର ଟଙ୍କା ଫେରସ୍ତ କରିସାରିଛନ୍ତି ବୋଲି ଦର୍ଶାଇଥିଲେ ।



**କଟକ :** ଲିସା ଅନୁଷ୍ଠାନ ପକ୍ଷରୁ ମାସ୍କ ଓ ଶୀତବସ୍ତ୍ର ବଣ୍ଟନ

## ୧୦୬ ଏକର ଗଞ୍ଜେଇ ଗଛ ନଷ୍ଟ

**ବୌଦ୍ଧ ଏକ୍ସପ୍ରେସ୍ ନ୍ୟୁଜ୍**



ବୌଦ୍ଧ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଲଗାତାର ଭାବରେ ଚଢାଉ କରାଯାଇ ଦୁଇଦିନ ମଧ୍ୟରେ ୧୦୬ ଏକର ଅଞ୍ଚଳରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ମିଳିଥବା ସୂଚନା ମୁତାବକ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ କ୍ରିଷ୍ଣା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୌଦ୍ଧ ବ୍ଲକ ଅନ୍ତର୍ଗତ କନ୍ଧମାଳ ଜିଲ୍ଲା ସୀମାନ୍ତ ଆଭ୍ୟନ୍ତରୀଣ ଜଙ୍ଗଲ ଗୁଡିକରେ ଚଢାଉ କରାଯାଇଥିଲା। ଅବକାରୀ ଇନିସପେକ୍ଟର ବିଜୟ କୁମାର ଧରୁଆଙ୍କ ନେତୃତ୍ୱରେ ଆମ୍ବଝରୀ ପଞ୍ଚାୟତର ଆମ୍ବଖୋଲ ଗ୍ରାମର ଆଭ୍ୟନ୍ତରୀଣ ଜଙ୍ଗଲରେ ହୋଇଥିବା ଚଢାଉରେ ୬୧ ଏକର ଅଞ୍ଚଳରେ ହୋଇଥିବା ୧୮୩୦୦୦ ଗଂଜେଇ ଗଛ କାଟି ନଷ୍ଟ କରାଯାଇଥିଲା। ସେହିପରି ବଘିଆପଡା ପଞ୍ଚାୟତର ସମାପାଜୁ ଜଙ୍ଗଲ ଉପରେ ଚଢାଉ କରାଯାଇ ୪୫ ଏକର ଅଞ୍ଚଳରେ ହୋଇଥିବା ୧୩୫୦୦୦ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା। ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ସବଇନ୍ସପେକ୍ଟର ରମେଶ ମହାନ୍ତି, ଭଗବାନ ମହାନନ୍ଦିଆ, ଏଏସଆଇ ରୂପେଶ ମୁଖୀ, ବ୍ରହ୍ମାନନ୍ଦ ଭୋଇ ଓ କିଶୋର ଚନ୍ଦ୍ର ନାୟକଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ସାମିଲ ହୋଇଥିଲେ।

## ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ଭିତ୍ତିଭୂମି ବୁଲି ଦେଖିଲେ ନୂତନ ଜିଲ୍ଲାପାଳ

**ପୁରୀ : ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ଜିଲ୍ଲାପାଳ ସମର୍ଥ ବର୍ମା ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ଭିତ୍ତିଭୂମି ବୁଲି ଦେଖିଥିଲେ । ମେଡିକାଲ କାର୍ଯ୍ୟକ୍ଷମ ପାଇଁ ଖୁବଶୀଘ୍ର ୬୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ ପାଇଁ ଏକ କମ୍ପାନୀ ସହ କଥାବାର୍ତ୍ତା ଚାଲିଛି । ଜମି ଅଧିଗ୍ରହଣ ପରେ ଯୁଦ୍ଧକାଳୀନ ଭିତ୍ତିରେ ହସ୍ପିଟାଲ ନିର୍ମାଣ ହେବ । ପୂର୍ବରୁ ମେଡିକାଲ କଲେଜର ଶିକ୍ଷା ସୌଧ ନିର୍ମାଣ ହୋଇସାରିଛି । ଡାକ୍ତରଖାନା ନିର୍ମାଣ ହୋଇନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ । କଲେଜର ଡିନ୍ ନିଯୁକ୍ତ ହେବା ପରେ କିଭଳି ଆସନ୍ତା ଶିକ୍ଷାବର୍ଷଠାରୁ ଛାତ୍ର ଗ୍ରହଣ କରାଯିବ ସେ ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ଆଲୋଚନା କରିଥିଲେ । ମେଡିକାଲ କଲେଜକୁ ଯିବା ପାଇଁ ନାଗାପାଟଣା ଛକଠାରୁ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ବାଲିଗୁଆଳି ଗ୍ରାମ୍ୟ ରାସ୍ତା, ସମଗରା ସ୍କୁଲ ପାଖରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଶ୍ରୀକ୍ଷେତ୍ର ବିଶ୍ୱ ଐତିହ୍ୟ ନଗରୀର ମର୍ଯ୍ୟଦା ପାଇବା ପାଇଁ ଏହି ମେଡିକାଲ କଲେଜର ଆବଶ୍ୟକତା ରହିଛି । ଶ୍ରୀକ୍ଷେତ୍ରକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଆସୁଛନ୍ତି । ସେମାନଙ୍କର ଆଶୁ ଆରୋଗ୍ୟ ଚିକିତ୍ସା, ଅତ୍ୟାଧୁନିକ ସେବା ଯୋଗାଇ ଦେବା ପାଇଁ ଏହି କଲେଜ ସମର୍ଥ ହେବ । କଲେଜର ଭିତ୍ତିଭୂମି ସମ୍ପର୍କରେ ସ୍କେଚ ମ୍ୟାପ୍ ଜିଲ୍ଲାପାଳ ତନ୍ନ ତନ୍ନ କରି ନିରୀକ୍ଷଣ କରିଥିଲେ । ମେଡିକାଲ କଲେଜର ଚତୁଃପାର୍ଶ୍ୱରେ ସବୁଜ ବନାନୀ ସୃଷ୍ଟି କରାଯିବା ସହ ରୋଗୀମାନଙ୍କ ପାଇଁ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଓ ସୁସ୍ଥ ପରିବେଶ ସୃଷ୍ଟି କରାଯିବା ପାଇଁ ପ୍ରସ୍ତାବ ରହିଛି । ଏହାସହ ପୁରୀଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ୩୫୦ଶଯ୍ୟା ବୃଦ୍ଧି କରାଯିବା ସହ ଏହାର ଉନ୍ନତିକରଣ କରାଯିବ । ଜିଲ୍ଲା ମୁଖ୍ୟଚିକିତ୍ସାଳୟର ଚତୁଃପାର୍ଶ୍ୱ ପାଚେରି ନିର୍ମାଣ ସହ ରୋଗୀଙ୍କ ପାଇଁ ସୁରକ୍ଷିତ ରଖାଯିବ । ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ସିଡିଏମ୍‌ଓ, ଏଡିଏମ୍‌ଓ, ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



## ସିନେମାଫିନେମା ଟିଭିଫିବି



## ମଧୁବାଲାଙ୍କ ରୂପରେ ଆସିବେ ଉର୍ବଶୀ

ବଲିଉଡ୍ ନାୟିକା ଭାବେ ଯଦି କାହାର ରୂପର ପ୍ରଶଂସା କରାଯାଏ ତେବେ ସେ ହେଉଛନ୍ତି ବଲିଉଡ୍ ଅନାରକଲି ବା ବଲିଉଡ୍‌ର ମର୍ଲିନ ମୁନରୋ କୁହାଯାଉଥିବା ମଧୁବାଳା । ଏବେ ଜଣେ ନବାଗତା ନାୟିକା ମଧୁବାଳାଙ୍କ ଅନ୍ଦାଜରେ ସ୍କ୍ରିନରେ ଦେଖାଦେବା ଲାଗି ପ୍ରସ୍ତୁତି ଜାରି ରଖିଛନ୍ତି । ସେ ହେଉଛନ୍ତି ଉର୍ବଶୀ ରୌତେଲା । ଉର୍ବଶୀ କ୍ଲାସିକାଲ ଗୀତ 'ଏକ ଲଡକି ଭିଗି ଭାଗି ସି'ର ରିକ୍ରିଏଟ ଭର୍ସନ ମ୍ୟୁଜିକ ଭିଡିଓରେ ବଲିଉଡ୍‌ର ସୁନାମଧନ୍ୟା ଅଭିନେତ୍ରୀ ସ୍ୱର୍ଗତା ମଧୁବାଳାଙ୍କ ଏକ ଅପଡେଟ ଅବତାରକୁ ଜୀବନ୍ତ କରିବାକୁ ପ୍ରୟାସ କରିବେ । ଏହି ମ୍ୟୁଜିକ ଭିଡିଓକୁ ନେଇ ଉର୍ବଶୀ କୁହନ୍ତି ଏହା ମୋ ସ୍ୱପ୍ନର ଏକ ଅଂଶ । ମୁଁ ଏହି ଗୀତରେ ଅଭିନୟ କରିବାକୁ ଉତ୍ସୁକତାର ସହ ଅପେକ୍ଷା କରିଛି । ଏହି ବର୍ଷର ଆରମ୍ଭ ମୋ ପାଇଁ ଧମାକାଦାର ରହିଛି ବୋଲି ସେ କହିଛନ୍ତି । ଉର୍ବଶୀଙ୍କ ମତରେ ମଧୁବାଳା ଜଣେ ଆଇକନ ଥିଲେ ଯିଏ କେବଳ ନିଜ ସୁନ୍ଦରତା ପାଇଁ ନୁହେଁ ବରଂ ସ୍କ୍ରିନ ଉପରେ କିଛି ଗମ୍ଭୀର ଭାବନାକୁ ପ୍ରସ୍ତୁତ ବି କରିଥିଲେ ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସେ ତାଙ୍କର ଏକ ଭିନ୍ନ ଛାପ ଛାଡି ଯାଇଛନ୍ତି ।

## ବାଣିଜ୍ୟ

## ବିବାଦ ବଢ଼ିବା ପରେ ଡାଟା ଶେୟାରିଂ ନେଇ ସ୍ପଷ୍ଟୀକରଣ ରଖିଲା ହ୍ୱାଟ୍ସଆପ୍

**ନୂଆଦିଲ୍ଲୀ : ଏକ୍ସପ୍ରେସ୍ ନ୍ୟୁଜ୍**

ହ୍ୱାଟସଆପରେ ଯେଉଁ ଅପଡେଟ୍ ନୋଟିଫିକେସନ ଆସିଛି ସେଥିରେ ଫେସବୁକ ସହିତ ଡାଟା ଶେୟାରିଂ ହେବନି । ସୋଶାଲ ମିଡିଆ କିଙ୍ଗ୍ ଫେସବୁକର ସହଯୋଗୀ କମ୍ପାନୀ ହେଉଛି ହ୍ୱାଟସଆପ୍ । କୌଣସି ଡାଟା ଶେୟାରିଂର ପ୍ରକ୍ରିୟା ବଦଳିବ ନାହିଁ ବୋଲି ସ୍ପଷ୍ଟୀକରଣ ରଖିଛି ହ୍ୱାଟ୍ସଆପ୍ । ଫେସବୁକ ଓ ହ୍ୱାଟ୍ସଆପର ସିଇଓ କ୍ୟାଥକର୍ଟ ଟ୍ୱିଟ୍ କରି ଏ ବାବଦରେ ସ୍ପଷ୍ଟୀକରଣ ରଖିଛନ୍ତି । ନିକଟରେ ହ୍ୱାଟ୍ସଆପ୍ ପ୍ରାଇଭେସି ପଲିସି ଅପଡେଟ୍ ନୋଟିଫିକେସନ ପଠାଇଥିଲା । ଯଦି ଜଣେ ୟୁଜର ରାଜି ନହେବେ ତାହେଲେ ଫେବୃଆରୀ ୮ ପରେ ହ୍ୱାଟସଆପ୍ ଆଉ ତାଙ୍କ ମୋବାଇଲରେ ଚାଲିପାରିବ ନାହିଁ ବୋଲି ସୂଚନା ରହିଥିଲା ।

ଏହି ଅପଡେଟର ଉଦ୍ଦେଶ୍ୟ ହ୍ୱାଟ୍ସଆପ କହିଥିଲା ଫେସବୁକ, ହ୍ୱାଟ୍ସଆପ ମଧ୍ୟରେ ବିଜନେସ ପ୍ରକ୍ରିୟା ବଢ଼ାଇବା । ଏଥି ସହିତ ଫେସବୁକ ଓ ହ୍ୱାଟ୍ସଆପ ମଧ୍ୟରେ ବିଜ୍ଞାପନ ଆସିବା ନେଇ ଏହି ଅପଡେଟ୍ ଥିଲା ବୋଲି କମ୍ପାନୀ କହିଥିଲା । କୌଣସି ଚାଟ୍ ପ୍ରକ୍ରିୟା ବା ମେସେଜ ଶେୟାର ହ୍ୱାଟ୍ସଆପ୍ ଓ ଫେସବୁକ ମଧ୍ୟରେ ହେବନି ବୋଲି କହିଥିଲା । ଏହାପରେ ବିଭିନ୍ନ ଫୋରମରେ ହ୍ୱାଟ୍ସଆପର ଡାଟା ଶେୟାରିଂ ସୁରକ୍ଷିତ ନୁହେଁ ବୋଲି ଆଲୋଚନା ହୋଇଥିଲା । ପରେ ଅନ୍ୟ ସୋଶାଲ ମିଡିଆ କମ୍ପାନୀ ସିଗ୍ନାଲ, ଟେଲିଗ୍ରାମ ଆଦିରେ ୟୁଜର ସଂଖ୍ୟା ବଢ଼ିଥିବା ଦେଖିବାକୁ ମିଳିଛି । ସେହପରି ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହୋଇଥିବା ଟେସଲା କମ୍ପାନୀର ସିଇଓ ମଧ୍ୟ ହ୍ୱାଟ୍ସଆପକୁ ପ୍ରତ୍ୟାଖ୍ୟାନ କରିବାକୁ ଆହ୍ୱାନ କରିଛନ୍ତି । ଏବେ ଟେଲିଗ୍ରାମ କମ୍ପାନୀର ସିଇଓ ପାଓ୍ୱେଲେ ଡୁରୋଓ୍ୱ ହ୍ୱାଟ୍ସଆପ ବିରୋଧରେ ଅଭିଯୋଗ କରିଛନ୍ତି । ଟେଲିଗ୍ରାମ ବାବଦରେ ହ୍ୱାଟ୍ସଆପ୍ ବିଭ୍ରାନ୍ତିକର ଏବଂ ମନଗଢ଼ା ତଥ୍ୟ ରଖୁଛି ବୋଲି ସେ ଅଭିଯୋଗ କରିଛନ୍ତି ।

## ସାଧାରଣତନ୍ତ୍ର ଦିବସରେ ବିଶେଷ ଅଫର୍ ଆଣିଲା ବିଏସ୍‌ଏନ୍‌ଏଲ୍

**ନୂଆଦିଲ୍ଲୀ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ଟେଲିକମ୍ କମ୍ପାନୀ ବିଏସଏନଏଲ୍ ସାଧାରଣତନ୍ତ୍ର ଦିବସ ଓ ପୋଙ୍ଗଲ ଭଳି ପର୍ବକୁ ନଜରରେ ରଖି ନିଜ ୟୁଜର୍ସଙ୍କୁ ଉପହାର ଦେଇଛି । କମ୍ପାନୀ ନିଜ ଲଙ୍ଗ ଟର୍ମ ପ୍ଲାନର ବୈଧତାରେ ପରିବର୍ତ୍ତନ କରିଛି । ଏଥିରେ ୟୁଜର୍ସଙ୍କୁ ପ୍ଲାନରେ ଅଧିକ ବୈଧତା ମିଳିବ ।

**ଏହି ପ୍ଲାନରେ ବଢି ଗଲା ବୈଧତା**

ଟେଲିକମ୍ କମ୍ପାନୀ ନିଜ ୧୯୯୯ ଟଙ୍କିଆ ପ୍ରିପେଡ୍ ପ୍ଲାନର ବୈଧତାକୁ ୨୧ ଦିନ ପାଇଁ ବଢାଇ ଦେଇଛି । ପୂର୍ବରୁ ଏହି ପ୍ଲାନରେ ୟୁଜର୍ସଙ୍କୁ ୩୬୫ ଦିନର ବୈଧତା ମିଳୁଥିଲା । କିନ୍ତୁ ଏବେ ଏହି ପ୍ଲାନରେ ଲୋକଙ୍କୁ ୩୮୬ ଦିନର ବୈଧତା ମିଳିବ । ତେବେ କମ୍ପାନୀ ନିଜ ୨୩୯୯ ଟଙ୍କିଆ ପ୍ରିପେଡ୍ ପ୍ଲାନର ବୈଧତା କମାଇ ଦେଇଛି । ପୂର୍ବରୁ ଏହି ପ୍ଲାନ ଅନୁସାରେ ଲୋକଙ୍କୁ ୬୦୦ ଦିନର ବୈଧତା ମିଳୁଥିଲା । କିନ୍ତୁ ଏବେ ଏହାର ବୈଧତା କମାଇ ୩୬୫ ଦିନ କରିଦିଆଯାଇଛି । ତେବେ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ପ୍ଲାନରେ ୭୨ ଦିନ ଅତିରିକ୍ତ ବୈଧତା ମିଳୁଛି । ଏହି ହିସାବରେ ସମୁଦାୟ ବୈଧତା ୪୩୭ ଦିନ ହୋଇଯିବ । କହିରଖୁଛୁ ଏହି ଅଫର ୧୦ ଜାନୁୟାରୀରୁ ଆରମ୍ଭ ହୋଇ ୩୧ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ । ଏହି ଅବଧି ମଧ୍ୟରେ ରିଚାର୍ଜ କରି ଆପଣ ଏହି ସୁବିଧା ପାଇପାରିବେ । ଅନ୍ୟପଟେ କମ୍ପାନୀ ଏକ ୩୯୮ ଟଙ୍କିଆ ପ୍ରିପେଡ୍ ପ୍ଲାନ୍ ବାହାର କରିଛି ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୧ ଜାନୁଆରୀ, ୨୦୨୧ ସୋମବାର

# ଧାମନଗର-ଫଳପୁର ରାସ୍ତା ମରାମତି ନିମ୍ନମାନର



ଧାମନଗର, ୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

**ବହୁ ଚର୍ଚ୍ଚିତ ଧାମନଗର-ଫଳପୁର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ କାମ ନିମ୍ନମାନର ଅଭିଯୋଗ ହୋଇଛି । ପ୍ରାୟ ୧ କୋଟି ଟଙ୍କାରେ ରାସ୍ତା ମରାମତି ହେଉଥିଲେ ବି ପୁଣି ଦୁଇ ତିନି ବର୍ଷ ଭିତରେ ରାସ୍ତା ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି । ଏବେ ଯେଉଁ ରାସ୍ତା ତିଆରି ଚାଲିଛି, ତାହା ଅତି ନିମ୍ନମାନର ହେଉଥିବାରୁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି ।**

ଧାମନଗର ହାଟ ପାଖରୁ ଫଳପୁର ଯାଏ ୬.୭ କିଲୋମିଟର ଲମ୍ବର ରାସ୍ତା ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ପକ୍ଷରୁ ୧କୋଟି ୩୪ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଅଛି । ଏଥିରୁ ଜିଏସ୍‌ଟି ଓ ଅନ୍ୟାନ୍ୟ ଦେୟ କଟିବା ପରେ ୧କୋଟି ୧୮ଲକ୍ଷ ୫୮ହଜାର ୫୨୨ଟଙ୍କାର ଟେଣ୍ଡର ହୋଇଥିଲା । ଏହାପରେ ଧାମନଗର ପଳିକିରି ଅଞ୍ଚଳର ଜଣେ ଠିକାଦାର ୧୪ ପ୍ରତିଶତ କମରେ ଠିକା ଧରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧କୋଟି ୮୦ହଜାର ୯୩୦ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ମୋଟ ମରାମତି ହେବାକୁ ଥିବା ରାସ୍ତା ଭିତରୁ ୫.୦୭୫ କିଲୋମିଟର ପିଚୁ ଓ ୦.୫୯୪ କିଲୋମିଟର ଯାଏ ଲୁହା ରଡ ଦିଆଯାଇ କଂକ୍ରିଟ କରିବାକୁ ନିର୍ଦ୍ଦେଶ ଥିଲା । ପିଚୁ ରାସ୍ତାର ତଳେ ମୋରମ, ପାଣି, ବାଲି ଓ ଗେଟି ଦେଇ ଗୋଟିଏ ମୋଟା ଆସ୍ତରଣ କରାଯିବା କଥା । ତାହା ଉପରେ ପ୍ରଥମେ ବଡ଼ ଚିପ୍ସ ଓ ପିଚୁର ଆସ୍ତରଣ ପଡ଼ିବ ତାପରେ ବଜୁରି ଓ ପିଚୁର ଆସ୍ତରଣ ଦିଆଯିବା କଥା । ପ୍ରତ୍ୟେକ ଆସ୍ତରଣ ପରେ ଭଲ ଭାବେ ରୋଲିଙ୍ଗ କରାଯିବାକୁ ରାସ୍ତାର ପ୍ଲାନ୍ ଆଣ୍ଡ ଏଷ୍ଟିମେଟରେ ରହିଛି । ହେଲେ ଠିକାଦାର ତାହା କରୁନାହାନ୍ତି । ତଳେ ମୋରମ, ପାଣି, ବାଲି ଓ ଗେଟିକୁ ମିଶାଇ (ୱାଟର ବାଉଣ୍ଡ ମ୍ୟାକାଡମ ଡିଜାଇନର) ରାସ୍ତା କରିବା ବଦଳରେ, ପୁରୁଣା କଂକ୍ରିଟକୁ ଭାଙ୍ଗି ତଳେ ପକାଯାଉଛି । ତା ଉପରେ ସ୍କ୍ରିନିଙ୍ଗ କରାନଯାଇ ସିଧାସଳଖ ପିଚୁ କରିବାର ପ୍ଲାନ ହୋଇଛି । ସେହିପରି ଯେଉଁ ସ୍ଥାନରେ କଂକ୍ରିଟ ରାସ୍ତା ତିଆରି ହେଉଛି, ସେଠାରେ ଭାରତ ମାନକ ବ୍ୟୁରୋ ଦ୍ୱାରା ନିର୍ଦ୍ଧାରିତ କଂକ୍ରିଟ ଡିଜାଇନକୁ ଧ୍ୟାନ ଦିଆଯାଉନି । ଧାମନଗର-ଫଳପୁର ରାସ୍ତାଟି ବନ୍ୟା ପ୍ଲାବିତ ଅଞ୍ଚଳ ଓ ରାସ୍ତା ତଳେ ଥିବା ମାଟି କେଲୁଆ ପ୍ରକାରର ଏଣୁ ଏଠାରେ କଂକ୍ରିଟ ରାସ୍ତା ନିର୍ମାଣ ଲାଗି ସ୍ୱତନ୍ତ୍ର ଧ୍ୟାନ ଦିଆଯିବାକୁ ନିର୍ଦ୍ଦେଶ ରହିଛି । ଏହିସବୁ ଜାଗାରେ କଂକ୍ରିଟ ରାସ୍ତା ପାଇଁ ଏମ୍-୨୦ ଗ୍ରେଡର ହେବା କଥା । ତାସାଙ୍ଗକୁ ଏଫ୍‌ଇ-୪୧୫ ଶ୍ରେଣୀର ଲୁହା ରଡ୍ ଲାଗିବା କଥା । ହେଲେ ଠିକାଦାର ସେସବୁକୁ ଆଦୌ ଧ୍ୟାନ ଦେଉନାହାନ୍ତି । କଂକ୍ରିଟ ରାସ୍ତା ପାଇଁ ଆବଶ୍ୟକ ଜ୍ଞାନ କୌଶଳକୁ ଅବଲମ୍ବନ କରାଯାଉନି । ଏମ୍-୨୦ କଂକ୍ରିଟ ବଦଳରେ ମନଇଚ୍ଛା କଂକ୍ରିଟ ମିକ୍ସ କରାଯାଇ କେଉଁଠି ୨ଇଞ୍ଚ କେଉଁଠି ୩ଇଞ୍ଚ ରାସ୍ତାରେ ଢଳାଇ ହେଉଛି । ତା' ଛଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସୂଚୀତ ଲୁହାରଡ୍ ବଦଳରେ ନିମ୍ନମାନର ରଡ୍ ବ୍ୟବହାର କରାଯାଉଛି । ବଡ଼ କଥା ହେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା କରୁଥିବାବେଳେ ନିର୍ମାଣସ୍ଥଳରେ ବିଭାଗୀୟ ଯନ୍ତ୍ରୀ ରହୁନାହାନ୍ତି । ଏନେଇ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗର ଡିଭିଜନ-୨ର କନିଷ୍ଠ ଯନ୍ତ୍ରୀ ସୁବାସ ସାହୁଙ୍କୁ ପଚାରିବାରୁ ସେ ଭିନ୍ନ ଯୁକ୍ତି ଦେଖାଇଥିଲେ । ସନ୍ତୋଷଜନକ ଉତ୍ତର ଦେବା ବଦଳରେ ସେ କହିଥିଲେ ଯେ, ମହାଭାରତ ସରିଲାଣି । ଆପଣ ଷ୍ଟେଜ୍ ସଫା କରିବା ବେଳେ ଆସିଲେ । ଯେଉଁଠି କାମ ହେଉଛି, ସେ ରାସ୍ତା ପାଇଁ ଆପଣଙ୍କ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ତୁମୁଳକାଣ୍ଡ ହୋଇଯାଇଛି । ତା' ପରେ କାମ ହେଲା । କାମକୁ ବିଜେପିର ଓ ବିଜେଡିର ୨ଜଣ ଲେଖାଁଏ କର୍ମୀ ଦୈନିକ ଛିଡ଼ା ହୋଇ ତଦାରଖ କରୁଛନ୍ତି । ଏଣୁ କାମ ସଂପୂର୍ଣ୍ଣ ଠିକ୍ ହେଉଛି ବୋଲି ଶ୍ରୀ ସାହୁ କହିଲେ । ଧାମନଗର-ଫଳପୁର ରାସ୍ତା ୨୦୦୬ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଆସିଥିଲା । ଦଳାଙ୍ଗ, ଫଳପୁର, ନଦୀଗାଁ, ଧୁଷୁରୀ, ପଧାନୀ ଓ ଅର୍ଜ୍ଜୁନପୁର ପଞ୍ଚାୟତର ୪୦ ହଜାର ଲୋକଙ୍କ ଲାଇଫ ଲାଇନ ଥିବା ଏହି ରାସ୍ତାକୁ ୨୦୧୫ରେ ପିଏମଜିଏସୱାଇରେ କଂକ୍ରିଟ ଓ ପିଚୁ ମିଶା ରାସ୍ତା କରାଯାଇଥିଲା । ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାଟି ସଂପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା । ଏହାପରେ ବର୍ତ୍ତମାନର ବିଧାୟକ ବିଷ୍ଣୁଚରଣ ସେଠୀଙ୍କ ଦାବି ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମରାମତି ପାଇଁ ବ୍ୟୟ ମଞ୍ଜୁର କରିଥିଲା ।

## ଆଜିର ରାଶିଫଳ

ତାରିଖ ୧୧.୧.୨୦୨୧ | ସୋମବାର- ତ୍ରୟୋଦଶୀ
ନକ୍ଷତ୍ର- ଜ୍ୟୋଷ୍ଠା, ବିଛା



**ମେଷ** : କାର୍ଯ୍ୟରେ ବିଫଳତା ଯୋଗୁଁ ଚିନ୍ତିତ ରହିବେ ।
**ବୃଷ** : ହସଖୁସିରେ ସମୟ ବିତିବି ।
**ମିଥୁନ** : ବନ୍ଧୁ ସହୋଦରରେ ପ୍ରୀତି ଲାଭ ।
**କର୍କଟ** : ଅପବାଦ ଆଶଙ୍କା ରହିଛି ।
**ସିଂହ** : ଅସ୍ତ୍ରଶସ୍ତ୍ରରେ ଆଘାତ ପାଇବେ ।
**କନ୍ୟା** : ଆମୋଦପ୍ରମୋଦରେ ସମୟ କଟିବ ।
**ତୁଳା** : ଅପମାନ ପାଇବାର ଆଶଙ୍କା ଅଛି ।
**ବିଛା** : ଅର୍ଥ ଲାଭର ଦିନଟି ଆସିଛି ।
**ଧନୁ** : ଶରୀରରେ ପୀଡା ପାଇବେ ।
**ମକର** : ବନ୍ଧୁଙ୍କ ଠାରୁ ସହଯୋଗ ପାଇବେ ।
**କୁମ୍ଭ** : ଶତ୍ରୁଙ୍କ ଠାରୁ ବିଜୟ ଲାଭ କରିବେ ।
**ମୀନ** : କର୍ମକ୍ଷେତ୍ରରେ ଅସୁଖୀ ହେବେ ।

# ଧାନ କିଣା ଅନିୟମିତା : ଦାବିପତ୍ର ପ୍ରଦାନ



ଛତ୍ରପୁର,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

ଚାଷୀଙ୍କ ସୁବିଧା ଅନୁଯାୟୀ ପ୍ରତି ରାଜସ୍ୱ ଗ୍ରାମରେ ମଣ୍ଡି ଖୋଲାଯାଇ ସରକାରୀ ଦରରେ ଧାନ କିଣିବା, ସରକାରଙ୍କ ତରଫରୁ ଚାଷୀଙ୍କୁ ଅଖା ଦେବା ନିୟମ ଥିଲେ ସୁଦ୍ଧା ଚାଷୀଙ୍କୁ ମିଲର୍‌ମାନେ ଅଖା ଦେଉନାହାନ୍ତି। ଏଣୁ ଚାଷୀଙ୍କୁ ଅଖା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଉ, ପୋଡ଼ାପଦର ପଞ୍ଚାୟତର ଚାଷୀଙ୍କ ଠାରୁ ଦୀର୍ଘ ତିନିବର୍ଷ ଧରି ସୋସାଇଟି ସମ୍ପାଦକଙ୍କ ନିର୍ଦ୍ଦେଶରେ ଚାଷୀମାନେ ନିଜ ଅଖାରେ ଧାନ ନେଇ ଗାଡ଼ି ଭଡ଼ା ଓ ଲେବର ଖର୍ଚ୍ଚ ଦେଇ ମିଲ୍ ରେ ଧାନ ଦେଇଛନ୍ତି। ଏଣୁ ତାଙ୍କର ଅଖା ଟଙ୍କା ଓ ଗାଡ଼ି ଭଡ଼ା ଏବଂ ଲେବର ଖର୍ଚ୍ଚ ତରନ୍ତ ଫେରାଇବା ପାଇଁ ନିର୍ଦ୍ଦେଶ ଦିଆଯାଉ। ଚଳିତ ବର୍ଷ ସେହି ଚାଷୀଙ୍କ ଧାନ ତାଙ୍କ ଗ୍ରାମରେ ପିପିସି କରି କିଣାଯାଉ। ଧାନ କିଣା ଠିକ୍ ସମୟରେ ସାରିବା ନିମନ୍ତେ ଦୈନିକ ଅନ୍ୟୁନ ୫୦୦ କ୍ୱିଣ୍ଟାଲ୍ ଧାନ କିଣିବା ବ୍ୟବସ୍ଥା କରାଯାଉ । ଗାଇଡ୍ ଲାଇନ୍ ଅନୁଯାୟୀ ବଡ଼ ମିଲର ମାନଙ୍କୁ ଟେକ୍ କରାଯାଇ ପ୍ରତିଦିନ ଧାନ କିଣାଯାଉ, ଧାନ କିଣା ସମସ୍ୟା ସଂପର୍କରେ ଅଭିଯୋଗ କରିବା ପାଇଁ ଟୋଲ୍ ଫ୍ରି' ନମ୍ବର ଜାରି କରାଯାଉ, ଧାନ କିଣା କେନ୍ଦ୍ରରେ ମଧ୍ୟ କ୍ୱିଣ୍ଟାଲ୍ ପିଛା ଅଧିକ ଧାନ ନେଇ ଚାଷୀଙ୍କୁ ଠକୁଥିବା ବେଳେ ଏହାର ତଦନ୍ତ କରି ମିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଆଦି ଦାବି ନେଇ ଋଷିକୁଲ୍ୟା ରୟତ ମହାସଭାର ଛତ୍ରପୁର ବ୍ଲକ୍ ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଉମାଶଙ୍କର ପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ବ୍ଲକ୍ ସଭାପତି ତଥା ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡ଼ା, ଯୁବନେତା ସପନ ନାହାକ, ବିପୁଳିଙ୍ଗି ସମିତି ସଭ୍ୟ ଜୟଦେବ ଲେଙ୍କା, ମାଣିକ ମହାରଣା, ବିଜୟ ପରିଡା, ପ୍ରଭାତ କୁମାର ପାଣିଗ୍ରାହୀ, ନାରାୟଣ ପାଢି ଓ ବିପିନ ନାହାକଙ୍କ ସମେତ ବ୍ଲକ୍‌ର ବହୁ ଚାଷୀମାନେ ଉପସ୍ଥିତ ଥିଲେ।

# ବାଇକ୍ ଲୁଟେରାଙ୍କ ଉତ୍ପାତ

ତାଳଚେର,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ କୋଲିୟରୀ ଥାନା ଓ ତାଳଚେର ସଦର ଥାନା ଅଞ୍ଚଳରେ ଦିନକୁଦିନ ବାଇକ ଲୁଟେରାମାନେ ଦିନ ଦି'ପହରରେ ମୋଟର ସାଇକେଲଗୁଡ଼ିକୁ ଚୋରି କରି ନେଉଥିବାର ଘଟଣା ଦେଖିବାକୁ ମିଳିଛି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ତାଳଚେରର ବିଭିନ୍ନ ସ୍ଥାନରୁ ଅନାୟସରେ ବାଇକ ଲୁଟ କରି ଚମ୍ପଟ ମାରୁଥିବା ବେଳେ ପୋଲିସ ଏନେଇ ନିରବଦ୍ରଷ୍ଟା ସାଜିଥିବାର ଅଭିଯୋଗ ହୋଇଛି। ଗତ ଗୁରୁବାର ଦିନ କୋଲିୟରୀ ଥାନା ଅଧିନସ୍ଥ ଡେରା କୋଲିୟରୀରେ ରହୁଥିବା ପ୍ରମୋଦ ପରିଡ଼ାଙ୍କ କ୍ୱାର୍ଟର ସାମନାରୁ ତାଙ୍କ ବୁଲେଟକୁ ଲୁଟେରାମାନେ ନେଇ ପଳାଇଥିବା ବେଳେ ସେଇଦିନ ହିଁ ତାଳଚେର ଥର୍ମାଲ ହାଟକୁ ମାର୍କେଟିଂ ପାଇଁ ଆସିଥିବା ସୁଶାନ୍ତ କୁମାର ଗାହାଣ ତାଙ୍କର ବାଇକ(ଓଡି ୧୯ ଏ ୪୪୭୫)କୁ ଥର୍ମାଲ ପାଚେରି ପାଖରେ ରଖି ହାଟକୁ ଯାଇଥିବା ବେଳେ ଲୁଟେରାମାନେ ତାହାକୁ ନେଇ ଫେରାର ହୋଇ ଯାଇଥିଲେ। ଏନେଇ ଉଭୟ ବ୍ୟକ୍ତି କୋଲିୟରୀ ଥାନାରେ ଲିଖିତ ଅଭିଯୋଗ କରିଥିବାର ଜଣାପଡ଼ିଛି। ସେହିପରି ଶନିବାର ହାଟ କରିବାକୁ ଆସିଥିବା ଆଇଟିଆଇ ଛକ ଅଞ୍ଚଳର ସନ୍ତୋଷ ବେହେରା ନିଜର ହିରୋହୋଣ୍ଡା ବାଇକ (ଓଡି ୧୯ ଡି ୧୬୦୦)ଟିକୁ ହାଟର ଘରୋଇ ଷ୍ଟାଣ୍ଡରେ ରଖି ପରିବା କିଣି ଫେରିବା ବେଳକୁ କେହି ଲୁଟେରା ତାଙ୍କର ବାଇକଟିକୁ ନେଇ ଯାଇଥିବାର ଦେଖିଥିଲେ। ଏନେଇ ସେ ତାଳଚେର ଥାନାରେ ଅଭିଯୋଗ କରିଥିବାର ଜଣାପଡ଼ିଛି।

# ଗଞ୍ଜାମ ଜିଲ୍ଲାରେ ଦାଦନ ଶ୍ରମିକ ସଂଖ୍ୟା ଅଧିକ : ବିଜେପି



ବ୍ରହ୍ମପୁର,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲା ଗଞ୍ଜାମ ଏଣୁ ବିକାଶ କ୍ଷେତ୍ରରେ ଗଞ୍ଜାମ ସବୁବେଳେ ଦୁଇପାଦ ଆଗାରେ ଥିବ ବୋଲି ସମସ୍ତଙ୍କ ବିଶ୍ୱାସ ରହିଛି । ଏହାର ଜ୍ୱଳନ୍ତ ଉଦାହରଣ ରୋଜଗାର ନିମନ୍ତେ ବାହାର ରାଜ୍ୟକୁ ଯୁବପିଢ଼ି ସର୍ବାଧିକ ଗଞ୍ଜାମ ଜିଲ୍ଲାରୁ ଯାଇଥାନ୍ତି । ଏହା ହେଉଛି ଜିଲ୍ଲା ବିକାଶର ନଗ୍ନଚିତ୍ର ବୋଲି ସ୍ଥାନୀୟ ସର୍କିଟ୍ ହାଉସ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ପ୍ରଭାରୀ ଡ଼ି.ପୁରନ୍ଦେଶ୍ୱରୀ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଅର୍ଥ ଯୋଗାଇ ଦେଇଥାନ୍ତି । ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ଯୋଜନାକୁ ପରିବର୍ତ୍ତନ କରି ସାବସ୍ ନେବା ପାଇଁ ଉଦ୍ୟମ କରୁଛନ୍ତି । ସେହିଭଳି ଭଞ୍ଜନଗର ନିର୍ବାଚନ ମଣ୍ଡଳିରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଥିବା ବିକ୍ରମ କେଶରୀ ଆରୁଖ ନିଜର ଦଳୀୟ ସମର୍ଥକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରୁଥିବା ମଧ୍ୟ ବିଜେପି ଅଭିଯୋଗ କରିଛି । ଗଞ୍ଜାମ ଜିଲ୍ଲାରେ ବିଶେଷ କରି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଥିବା ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ହିଞ୍ଜିଳି ମେଡ଼ିକାଲ ସମେତ ଜିଲ୍ଲାର ବିଭିନ୍ନ ମେଡ଼ିକାଲରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ଅଭାବ ହେତୁ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ । ଏଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ସେହିଭଳି କେନ୍ଦ୍ର ସରକାରଙ୍କ ଯୋଜନାକୁ ହରିଲୁଟ୍ କରୁଥିବା ଶାସକ ଦଳର ନେତା ଓ କର୍ମୀଙ୍କ ବିରୋଧରେ ଆନ୍ଦୋଳନ ଯୋର ଯାର କରାଯିବ ବୋଲି ଡ଼ି. ପରୁନ୍ଦେଶ୍ୱରୀ ଚେତାବନୀ ଦେଇଛନ୍ତି । ଏଥିରେ ରାଜ୍ୟ ଉପ ସଭାପତି ଭୃଗୁବକ୍ସି ପାତ୍ର, ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲା ପୂର୍ବତନ ସଭାପତି କାହ୍ନୁ ଚରଣ ପତି, ସଂଗଠନ ସମ୍ପାଦକ ମାନସ ମହାନ୍ତି, ପିଙ୍କି ପ୍ରଧାନ, ମନୁଧାନ ସାମନ୍ତରା, ସୁନିଲ ସାହୁ, ପ୍ରଭାତ କିରଣ ଷଡ଼ଙ୍ଗୀ, ପ୍ରଶାନ୍ତ କରଙ୍କ ଉପସ୍ଥିତିରେ ଛତ୍ରପୁର ନିର୍ବାଚନ ମଣ୍ଡଳିର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ରାମ ବେହେରା ନିଜର ଶତାଧିକ ସମର୍ଥକଙ୍କ ସହିତ ବିଜେପିରେ ସାମିଲ ହୋଇଥିଲେ ।

# କୋଭିଡ ନିୟମରେ ୯ ମାସ ପରେ ବିଦ୍ୟାଳୟ ଖୋଲିଲା

ରାଇକିଆ,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

ଦୀର୍ଘ ମାସ ପ୍ରତିକ୍ଷାର ଅନ୍ତ ଘଟିଛି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସାରା ରାଜ୍ୟରେ ବିଦ୍ୟାଳୟ ଶୁକ୍ରବାର ଖୋଲା ଯାଇଥିବା ବେଳେ କନ୍ଧମାଳ ଜିଲ୍ଲା ତଥା ରାଇକିଆ ବ୍ଲକ୍‌ରେ ମଧ୍ୟ ସ୍କୁଲ୍ ଖୋଲିଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପଢୁଥିବା କେବଳ ୧୦ ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଠ ପଢ଼ିବା ପାଇଁ ନିଷ୍ପତ୍ତି ନିଆଯାଇଛି । କୋରନା ସଂକ୍ରମଣ ସମ୍ପୂର୍ଣ୍ଣ ଭାବେ ଯାଇନଥିବା ଯୋଗୁଁ ସରକାରଙ୍କ କୋଭିଡ-୧୯ ଗାଇଡ ଲାଇନ୍ ଅନୁଯାୟୀ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଜଣଜଣ କରି ପିଲାଙ୍କ ଥର୍ମାଲ ସ୍କାନ୍,ମାସ୍କ ବ୍ୟବହାର, ହାତ ସାନିଟାରୀ କରାଯାଇଛ । ଶ୍ରେଣୀ ଗୃହରେ ୨ ମିଟର ସାମାଜିକ ଦୂରତାରେ ବସିଥିଲେଛକୋଭିଡ ନିୟମ ପାଳନ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢ଼ାଇବା ଆରମ୍ଭ କରାଯାଇଛି । ଏଥିପୂର୍ବରୁ ସ୍କୁଲ ପରିସର ସଫାସୁତୁରା କରିବା ସହ ସମସ୍ତ ଶ୍ରେଣୀ ଗୃହକୁ ସାନିଟାଇଜର କରାଯାଇଥିଲା । ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନା କମ୍ ରହିଥିବା ଦେଖିବାକୁ ମିଳିଛି ।

## ନିରଞ୍ଜନ ହତ୍ୟା ଘଟଣା

# ଅଭିଯୁକ୍ତ କାକା ପୁଅ ଭାଇ ବିଦ୍ୟାଧର ଗିରଫ



ବୌଦ୍ଧ,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

ବୌଦ୍ଧ ଥାନା ଅନ୍ତର୍ଗତ ମୁଣ୍ଡାପଡା ପଞ୍ଚାୟତ ଖମାରୀପଡା ଗ୍ରାମରେ ଗତ ୭ ତାରିଖରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଯାଇଥିଲା । ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ବିଦ୍ୟାଧର ନାଏକ(୨୪)କୁ ବୌଦ୍ଧ ପୋଲିସ ଗିରଫ କରିବା ସହିତ ହତ୍ୟାକାଣ୍ଡରରେ ବ୍ୟବହୃତ ଟାଙ୍ଗିଆକୁ ମଧ ଜବତ କରିଛି । ପୋଲିସ ସୂତ୍ରରୁ ପ୍ରକାଶ, ଖମାରୀପଡା ଗ୍ରାମର ନିରଂଜନ ନାଏକ(୩୬) ଗାଧୋଇ ଘରକୁ ଆସିଥିବା ବେଳେ ସାମନ୍ୟ କଥାକୁ ନେଇ କାକାପୁଅ ଭାଇ ଅଭିଯୁକ୍ତ ବିଦ୍ୟାଧର ଏକ ଟାଙ୍ଗିଆରେ ନିରଞ୍ଜନକୁ ଆକ୍ରମଣ କରିଥିଲା । ଫଳରେ ନିରଞ୍ଜନ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଅଭିଯୁକ୍ତ ବିଦ୍ୟାଧର ହତ୍ୟାକାଣ୍ଡ ଘଟାଇ ଟାଙ୍ଗିଆ ଧରି ଏକ ସାଇକେଲରେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା । ସେଠାରୁ ଫେରାର ହୋଇ ଗ୍ରାମ ନିକଟରେ ଥିବା ମନ୍ଦିର ପାଖ ନାଳରେ ଟାଙ୍ଗିଆକୁ ଧୋଇ ସେଠାରେ ଥିବା ଏକ ବୁଦାରେ ଟାଙ୍ଗିଆକୁ ଲୁଚାଇ ସାଇକେଲରେ ଡମ୍ବରଗାଡ ଚାଲି ଆସିଥିଲା । ସେଠାରେ ସାଇକେଲକୁ ରଖି ନଦୀ କୂଳେ କୂଳେ ବୌଦ୍ଧ ଆଡକୁ ଆସିଥିବା ବେଳେ ବୌଦ୍ଧ ପୋଲିସ ମହାନଦୀ ଆରପଡ କିଆକଟା ପାଖରୁ ତାକୁ ଗିରଫ କରିଛି । ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ମଧ ଜବତ କରାଯାଇଛି ବୋଲି ପୋଲିସ ପକ୍ଷରୁ ପ୍ରକାଶ ।

# ଆଠ ଜଣ ଦାଦନ ଶ୍ରମିକ ଉଦ୍ଧାର



ଖପ୍ରାଖୋଲ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍

ଗତ ଶୁକ୍ରବାର ଦିନ ଖପ୍ରାଖୋଲ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ଅଟୋ ରିକ୍ସାରେ ଆଠଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ପ୍ରାପ୍ତ ସୂଚନା ଅନୁଯାୟୀ ଖପ୍ରାଖୋଲ ପୋଲିସ ଏ ଏସ ଆଇ ଗୋକୁଳାନ୍ଦ ମିଶ୍ର ଏକ ଦଳନେଇ ଖପ୍ରାଖୋଲ ରୁ ହରୀଶଙ୍କର ପଟ୍ରୋଲିଂ କରୁଥିବା ସମୟରେ କୌଣସି ସୁତ୍ରରୁ ଖବର ପାଇ ଧଣ୍ଡାମୁଣ୍ଡା ଛକ ଠାରେ ଏକ ଅଟୋରିକ୍ସା ନଂ ଓଡି ୦୩ଏମ୍‌୮୭୬୯ ପୁତୁଲାମହୁଲରୁ ଖପ୍ରାଖୋଲ ଆସୁଥିବା ଜାଣିବାକୁ ପାଇଥିଲେ । ତେବେ ଧଣ୍ଡାମୁଣ୍ଡା ଛକ ଠାରେ ଉକ୍ତ ଅଟୋକୁ ଅଟକାଇ ଅଟୋଚାଳକ ପାଖରୁ ଦାଦନଶ୍ରମିକ ଚାଲାଣ ହେଉଥିବା ଜାଣିବାକୁ ପାଇ ଥିଲେ, ଏହି ଅଟୋରେ ପୁତୁଲାମହୁଲ ଗ୍ରାମର ଅଠଜଣ ଦାଦନ ଶ୍ରମିକ ସହ ଜଣେ ଶିଶୁ ଥିବା ବେଳେ ଏସମସ୍ତଙ୍କୁ ଦୁଇଜଣ ଦାଦନ ସଦ୍ଦାର ଲାଠୋରର ଦାରାସିଂ ଘିଭେଲା ଓ ଘୁନସର୍ ଗ୍ରମର ଭକ୍ତ ବାଗ ବିନା ପାଉଣାରେ ତେଲେଙ୍ଗାନା ନେଉଥିବା ଦାଦନ ଶ୍ରମିକମାନେ ସ୍ୱୀକାର କରିଥିଲେ । ତେବେ ଦୁଇଜଣ ସଦ୍ଦାର ବାଇକ ଯୋଗେ ଫେରାର୍ ହୋଇଯାଥିଲା । ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ଦାଏର୍ ହୋଇଥିବା ଜଣାପଡିଛି । ତେବେ ସମସ୍ତ ଦାଦନଶ୍ରମିକ ମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଥିବା ବେଳେ ଦୁଇଜଣ ସଦ୍ଦାର ନାମରେ ଦଫା ୪୨୦/୩୭୪/୩୪ ଆଇପିସି ୨୫ରେ ମାମଲା ରୁଜୁ କରି ହରିଶଙ୍କର ଇନ୍‌ଚାର୍ଜ ସେବନ କେରକେଟାଙ୍କୁ ଦିଅଯାଇଥିବା ଜଣାପଡିଛି ।

# ପାଦଚଲା ରାସ୍ତାକୁ ଫେଂବର ବ୍ଲକ କରିବାକୁ ଦାବି

ଆନନ୍ଦପୁର,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

ଆନନ୍ଦପୁର ଓ ଘସିପୁରାରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ରାସ୍ତାର ଦୁଇପାର୍ଶ୍ୱ ପାଦଚଲା ରାସ୍ତାକୁ ଫେଂବର ବ୍ଲକ କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ ଆନନ୍ଦପୁର ଉପକାରାଗାର ଠାରୁ ଫକୀରପୁର ଓ ଶାଳପଡ଼ା ଠାରୁ ଶୈଲଙ୍ଗ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ପିଚୁ ରାସ୍ତାର ଦୁଇପାର୍ଶ୍ୱ ପାଦଚଲା ରାସ୍ତା ଖାଲଢ଼ିପରେ ପରିଣତ ହୋଇ ଶୋଚନୀୟ ହୋଇ ପଡ଼ିରହିଥିବା ବେଳେ ଯାତାୟତ କରୁଥିବା ଲୋକମାନେ ଘୋର ଅସୁବିଧାର ସମ୍ମୁଖିନ ହୋଇ ଦୁର୍ଘଟଣାର ଶିକାର ହେଉଥିବାର ଦେଖାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ସହରାଞ୍ଚଳରେ ରାସ୍ତାର ଦୁଇପାର୍ଶ୍ୱ ପାଦଚଲା ରାସ୍ତାକୁ ଫେଂବର ବ୍ଲକ କରାଯାଇ ପାଦଚଲା ଲୋକମାନଙ୍କ ପାଇଁ ସୁବିଧା କରାଯାଉଥିବା ବେଳେ ଆନନ୍ଦପୁର ପୂର୍ତ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପାଦଚଲା ରାସ୍ତାକୁ ଫେଂବର ବ୍ଲକ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି

ବେତନଟୀ,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

କୁଡୁମୀ ଜାତିକୁ ପୁର୍ନବାର ଆଦିବାସୀ ମାନ୍ୟତା ଦାବିରେ ଓଡିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ରାଜ୍ୟର କୁଡୁମୀ ନେତାମାନେ ଆନ୍ଦୋଳନ ଯୋରଦାର କରିଛନ୍ତି । ପଶ୍ଚିମବଙ୍ଗର ଜଙ୍ଗଲ ମହଲ ଭାବେ ପୂର୍ବ ମେଦିନୀପୁର, ବାଙ୍କୁଡା, ଝାଡଗ୍ରାମ, ପଶ୍ଚିମ ମେଦିନୀପୁର ଓ ପୁରୁଲିଆ ଜିଲ୍ଲାକୁ କୁହାଯାଏ । ଏହି ପାଞ୍ଚଟି ଜିଲ୍ଲାରେ ୨୪ ଘଣ୍ଟିଆ ବନ୍ଦ ପାଳନ କରା ଯାଇଛି । ଏଥି ପାଇଁ ପୂର୍ବରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ଆନ୍ଦୋଳନରେ ଓଡିଶା କୁଡୁମୀ ସେନାର ଅଧ୍ୟକ୍ଷ ଜୈମୁନୀ କୁମାର ମହାନ୍ତ ନିଜର କର୍ମୀ ଓ ସମର୍ଥକମାନଙ୍କ ସହିତ ସାମିଲ ହୋଇଥିବାର ଜଣାପଡିଛି । ଏହି ବନ୍ଦ ଡାକରାକୁ ସମର୍ଥନ ଜଣାଇ ପାଞ୍ଚଟି ଜିଲ୍ଲାରେ ସମସ୍ତ ଦୋକାନ ବଜାର, ଗାଡି ମୋଟର, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବାର ଜଣାପଡିଛି । କୁଡୁମୀ ସେନା ନେତୃବୃନ୍ଦଙ୍କ ମଧ୍ୟରେ ହିମାଂଶୁ ମହାନ୍ତ, ବିବେକାନନ୍ଦ ମହାନ୍ତ, ଜୟକୃଷ୍ଣ ମହାନ୍ତ, ସଞ୍ଜୟ ମହାନ୍ତ, ଅଜିତ ମହାନ୍ତ, ଶଶାଙ୍କ ଶେଖର ମହାନ୍ତ, ସୂର୍ଯ୍ୟ ମହାନ୍ତ, ରଙ୍ଗାଧର ମହାନ୍ତଙ୍କ ସମେତ ୩୦୦ରୁ ଉର୍ଦ୍ଧ କର୍ମୀ ସାମିଲ ହୋଇଥିଲେ । ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କୁଡୁମୀ ସେନା ଅଧ୍ୟକ୍ଷ ଜୈମୁନୀ କୁମାର ମହାନ୍ତ ସୂଚନା ଦେଇଛନ୍ତି ।

# କପାସିଆ ଜଙ୍ଗଲରୁ କାଠ ଜବତ



ଖପ୍ରାଖୋଲ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍

ହରିଶଙ୍କରରେ ଅନକାମରା ଗାଁ ନିକଟ କପାସିଆ ଜଙ୍ଗଲରୁ ଜଙ୍ଗଲ ବିଭାଗ ଶନିବାର ୩୫ ଖଣ୍ଡ ପିଆଶାଳ କାଠଗଣ୍ଡି ଜବତ କରିଥିବା ଜଣାଯାଇଛି । ସୂଚନା ଅନୁସାରେ କପାସିଆ ଜଙ୍ଗଲରେ ୧୩ଟି ପିଆଶାଳ ଗଛ କେହି କାଟିଦେଇଥିବା ଜଙ୍ଗଲ ବିଭାଗ ଖବର ପାଇଥିବା ବେଳେ ଏ ନେଇ ଘଟଣାସ୍ଥଳକୁ ଯାଇ କେହି କାଟିଛି । ସେନେଇ ସ୍ୱଷ୍ଟ ସୂଚନା ନପାଇ ଗଛଗୁଡିକୁ ଗଣ୍ଡି କରି ଖପ୍ରାଖୋଲ ରେ କାର୍ଯ୍ୟାଳୟକୁ ଆଣିଥିଲେ । ୧୩ଟି ପିଆଶାଳ ଗଛ ୩୫ ଟି କାଠଗଣ୍ଡି ହୋଇଥିବା ବେଳେ ଅନୁମାନିକ ୪୫ ସିଏଫଟି କାଠ ହେବ ଏବଂ ଏହାର ଅଣୁମାନିକ ମୂଲ୍ୟ ପ୍ରାୟ ୪୫ ହଜାର ଟଙ୍କା ହେବ ବୋଲି ହରିଶଙ୍କରରେ ଅଧିକାରୀ ଶ୍ରୀବସ୍ତ କୁମୁରା ପ୍ରକାଶ କରିଛନ୍ତି । ଏ ନେଇ ହରିଶଙ୍କରରେ ୟୁଡି କେସ୍ ନଂ ୨/୨୦୨୧ ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଥିବା ବେଳେ କାଠ ଜବତ ବେଳେ ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ, ଫରେଷ୍ଟଗାର୍ଡ ଲକ୍ଷ୍ମୀ ମୁଣ୍ଡା ସହ ଭ୍ରାମ୍ୟମାଣ ସ୍କ୍ୱାର୍ଡ ସାମିଲ ହୋଇଥିଲେ ।

# ଆବାସ ଯୋଜନାରେ ସାମିଲ ସରକାରୀ ଚାକିରିଆ ଓ ଥିଲାବାଲା

ତିହିଡ଼ି,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍

**ଗରିବ ଓ ଝୁମ୍ପୁଡି ଘରେ ରହୁଥିବା ସାଧାରଣ ଲୋକଙ୍କ ପାଇଁ ସରକାରୀ ଆବାସ ଯୋଜନା ଏକ ପ୍ରକାର ଭେଳିକ ହୋଇଥିବା ବେଳେ ସରକାରୀ ଚାକିରିଆ ଓ କୋଠାଘର ଥିବା ଲୋକଙ୍କୁ ମିଳୁଛି ଆବାସ ।**

ଏକଥା ଆମେ କହୁନୁ ପଞ୍ଚାୟତ ସମିତି ବୈଠକରେ ଧାମନଗର ବିଧାୟକ ତଥା ବିରୋଧି ଦଳ ଉପନେତା ବିଷ୍ଣୁ ସେଠୀ ଅଭିଯୋଗ ଆଗତ କରିଥିଲେ। ଯାହାକୁ ନେଇ କିଛି ସମୟ ପାଇଁ ଗୃହରେ ତୁମ୍ଭିତୋଫାନ ହୋଇଥିବା ଜଣାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଗୁରୁତ୍ୱାରୋପ କରାଯାଇ ପ୍ରକୃତ ହିତାଧିକାରୀମାନେ କିପରି ଯୋଜନାରୁ ବାଦ୍ ନପଡ଼ିବେ ସେନେଇ ଆଲୋଚନା କରାଯାଇଥିଲା । ତେବେ ଯୋଜନାରେ ଗରିବ ଲୋକମାନେ ସେମାନଙ୍କର ନାଯ୍ୟ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ସରକାରୀ ଚାକିରିଆ ଓ ଥିଲାବାଲା ଲୋକ ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ନେଇ ଶ୍ରୀ ସେଠୀ ଅଭିଯୋଗ କରିବା ପରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ୧୫ ଦିନ ମଧ୍ୟରେ ତାହାର ତଦନ୍ତ କରାଯାଇ ସେମାନଙ୍କ ବିରୋଧରେ ଆଇନତଃ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ବିଡିଓ ବସନ୍ତ କୁମାର ସାହାଣୀ ଗୃହରେ ସୂଚନା ଦେଇଥିଲେ। ବାରୋ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବା ବେଳେ ପକ୍କାଘର ଥିବା ଲୋକଙ୍କୁ ଆବାସ ଦିଆଯାଇ ଫାଇନାଲ ବିଲ୍ ପ୍ରଦାନ କରାଯାଇଥିବା ସମିତି ସଭ୍ୟ ଉଦ୍ଧବ ଚରଣ ନାୟକ ଅଭିଯୋଗ କରିଥିଲେ। ମହରମପୁର ପଞ୍ଚାୟତରେ ଗରିବ ହିତାଧିକାରୀମାନେ ଋଣ କରି ଆବାସ ଯୋଜନାରେ ଘର ନିର୍ମାଣ କରିଥିବା ବେଳେ ସେମାନଙ୍କୁ ବିଲ୍ ପ୍ରଦାନ କରାଯାଇ ନଥିବା ସରପଞ୍ଚ ଅଲୀଳ ପ୍ରଭା ରାଉଳ ଅଭିଯୋଗ କରିଥିଲେ। ତେବେ ଆସନ୍ତା ସପ୍ତାହେ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ବିଡିଓ ଶ୍ରୀ ସାହାଣୀ ଗୃହରେ ସୂଚନା ଦେଇଥିଲେ। ସେହିପରି ଭାଟପଡ଼ା ପଞ୍ଚାୟତରେ ୯୦ଜଣ କୋଠାଘର ଥିବା ଲୋକଙ୍କୁ କାହିଁକି ଆବାସ ଯୋଜନାରେ ତାଲିକାଭୁକ୍ତ କରାଯାଇଛି ବୋଲି ସରପଞ୍ଚ ସ୍ୱର୍ଣ୍ଣମୟୀ ଜେନା ପ୍ରଶ୍ନ କରିଥିଲେ। ତେବେ ଏହାର ପୁନଃ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷା ସୁଶ୍ରୀ ନାୟକ ଗୃହକୁ ଅବଗତ କରିଥିଲେ। ସେହିପରି ଆବସ ଯୋଜନାରେ ଆବେଦନ କରିବାକୁ ସରକାର ଯେଉଁ ଦିନ ଧାର୍ଯ୍ୟ କରିଥିଲେ ସେହି ଦିନ ମଧ୍ୟରେ ଗୁଆମାଳ ପଞ୍ଚାୟତର ବହୁ ଯୋଗ୍ୟ ଗରିବ ହିତାଧିକାରୀ ଆବେଦନ କରିପାରି ନାହାନ୍ତି। ତେଣୁ ସେମାନେ କେମିତି ଯୋଜନାରେ ସାମିଲ ହୋଇ ପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ସରପଞ୍ଚ ପ୍ରଦୀପ ପଣ୍ଡା ଗୃହକୁ ନିବେଦନ କରିଥିଲେ। ୨୦୧୫-୧୬ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ଘର କାର୍ଯ୍ୟ କରି ଏନଆରଇଜିଏସ ଯୋଜନାରେ ଶ୍ରମିକ ମଜୁରି ପାଇନଥିବା ଜିଲ୍ଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ ଅଭିଯୋଗ କରିଥିଲେ।

ଏଇଠି ଆଉ ଏକ ଅନୁରୋଧ ବୋଥ୍ରା ମହାଶୟଙ୍କୁ କରିବା ଉଚିତ୍ ହେବ ବୋଲି 'ମୋ ବସ୍' ଯାତ୍ରୀମାନେ କହୁଛନ୍ତି । ଏଭଳି ପରାମର୍ଶ ଏବଂ ଅନୁରୋଧ ପୂର୍ବରୁ ଅନେକ ଥର କରାଯାଇଛି ହେଲେ କାର୍ଯ୍ୟକାରୀ ହୋଇନି । ଏ ଅନୁରୋଧଟି ହେଉଛି–'ମୋ ବସ୍' ପଛପଟେ ରୁଟ୍ ନମ୍ବର ଲେଖାଯିବାର ଅନୁରୋଧ । ଏହାଫଳରେ ଜଣେ ଯାତ୍ରୀଙ୍କୁ ବସ୍‌ର ସାମ୍ନା ପଟକୁ ଦୌଡ଼ିବାକୁ ପଡ଼ନ୍ତାନି ରୁଟ୍ ନମ୍ବର ଦେଖିବା ପାଇଁ । ଯେଉଁ ବସ୍‌ଟି ଚାଲିଗଲା ସେଇଟି କେଉଁ ରୁଟ୍‌ର ବସ୍ ଏ କଥା ମଧ୍ୟ ଜାଣିପାରନ୍ତା ଯାତ୍ରୀ ଜଣକ, ଫଳରେ ତା' ମନରେ ଦ୍ୱନ୍ଦ୍ୱ ରୁହନ୍ତାନି । ତା'ଛଡ଼ା ବସ୍ ସାମ୍ନା ପଟକୁ ନମ୍ବର ଦେଖିବା ପାଇଁ ଦୌଡ଼ିବା ଫଳରେ ଦୁର୍ଘଟଣା ମଧ୍ୟ ଘଟିପାରେ ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର

୧୧ ଜାନୁଆରୀ ୨୦୨୧ ସୋମବାର

ଓଡ଼ିଶା ଏକ୍ସପ୍ରେସ


## ମୂଲ୍ୟବୋଧୀ ଜାପାନ ରେଲଓ୍ୱେ ଏବଂ ଆମ 'ମୋ ବସ୍'

୨୦୧୬ ମସିହାରେ ଚର୍ଚ୍ଚାରେ ଥିବା ଏବଂ ଖୁବ୍ ଭାଇରାଲ୍ ହୋଇଥିବା ଏକ ଖବର ହୁଏତ ଆପଣମାନଙ୍କର ମନେଥିବ !

ଖବରଟି ଏଇଭଳି– ଜାପାନ ହୁକାଇଡୋ ଦ୍ୱୀପର ଏକ ଛୋଟ ଗ୍ରାମ୍ୟ ରେଳଷ୍ଟେସନର ନାଁ କ୍ୟୁ-ସିରାକାଟି । ଏ ଗ୍ରାମ୍ୟ ରେଳପଥର ଶେଷ ଷ୍ଟେସନ ଏଇଟି । ଏ ଷ୍ଟେସନରୁ ଖୁବ୍ ସୀମିତ ସଂଖ୍ୟକ ଯାତ୍ରୀ ଉଠନ୍ତି । ଶେଷରେ ଯେତେବେଳେ ପ୍ରତିକୂଳ ପାଣିପାଗ ଏବଂ ତୁଷାରପାତ ପାଇଁ ଯାତ୍ରୀ ସଂଖ୍ୟା କମିଯାଇ ମାତ୍ର ୧ରେ ପହଞ୍ଚିଲା ସେତେବେଳେ ରେଳ କର୍ତ୍ତୃପକ୍ଷ ସେ ଷ୍ଟେସନଟିକୁ ବନ୍ଦ କରିଦେବାର ନିଷ୍ପତ୍ତି ନେଲେ । କିନ୍ତୁ ରେଳବାଇ କର୍ତ୍ତୃପକ୍ଷ ଡ୍ରାଇଭର ଠାରୁ ଖବର ନେଇ ଜାଣିଲେ–ସେ ଷ୍ଟେସନରୁ ସ୍କୁଲକୁ ଯିବା ପାଇଁ ଝିଅଟିଏ ଉଠେ ପ୍ରତିଦିନ । ପୁଣି ସ୍କୁଲ ଛୁଟି ପରେ ଫେରେ ସେଇ ଟ୍ରେନ୍‌ରେ ।

ଷ୍ଟେସନଟିକୁ ବନ୍ଦ କରିଦେଲେ ଏବଂ ସେ ଷ୍ଟେସନ ଯାଏଁ ଟ୍ରେନ୍ ନଗଲେ ଝିଅଟି କେମିତି ସ୍କୁଲ ଯିବ, ହୁଏତ ଏଥିପାଇଁ ସିଏ ପାଠପଢ଼ା ଛାଡ଼ିଦେଇପାରେ– ଏ କଥା ଚିନ୍ତା କରି ରେଳବାଇ କର୍ତ୍ତୃପକ୍ଷ ଝିଅଟିର ପାଠପଢ଼ା ଶେଷ ହେବା ଯାଏଁ ଗୋଟିଏ



ଟ୍ରେନ୍‌କୁ ଝିଅଟିର ସ୍କୁଲ ଯିବା ଓ ଫେରିବା ସମୟରେ ଚଳାଇ ରଖିବାର ନିଷ୍ପତ୍ତି ନେଲେ ।

ସେତେବେଳେ ଜାପାନ ଗ୍ରାମ୍ୟ ରେଳଓ୍ୱେର ଏ ଆଦର୍ଶ ଓ ମୂଲ୍ୟବୋଧକୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା । ଗୋଟେ ଛୋଟ ପ୍ରାମାଣିକ ଚଳଚ୍ଚିତ୍ର ମଧ୍ୟ ନିର୍ମାଣ କରାଯାଇଥିଲା ଏ ବିଷୟକୁ ନେଇ ।

ଠିକ୍ ଏଇଭଳି ଏକ ଆଦର୍ଶ ଏବଂ ମୂଲ୍ୟବୋଧର ପରିଚୟ ଦେଇଛନ୍ତି ଆମ ରାଜଧାନୀର 'ମୋ ବସ୍' ପରିଚାଳନା (କ୍ରୁଟ୍) କର୍ତ୍ତୃପକ୍ଷ ।

ଦୀର୍ଘ ୯ମାସ ପରେ ସ୍କୁଲ ଖୋଲିଛି । ଭୁବନେଶ୍ୱରର ଏମ୍‌ବିଏସ୍ ପବ୍ଲିକ୍ ସ୍କୁଲର ଜଣେ ଛାତ୍ର–ସାଇ ଅନ୍ୱେଷ ଅମୃତମ୍ ପ୍ରଧାନ ଟ୍ୱିଟ୍ କରି 'ମୋ ବସ୍' ସମୟରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲା । ପିଲାଟିର ସ୍କୁଲ ସମୟରେ 'ମୋ ବସ୍' ତାଙ୍କ ଅଞ୍ଚଳରୁ ଆସୁନଥିବାରୁ ସେ ସ୍କୁଲରେ ଠିକ୍ ସମୟରେ ପହଞ୍ଚିପାରୁନାହିଁ ବୋଲି ଜଣାଇଥିଲା । କ୍ରୁଟ୍ ମୁଖ୍ୟ ଅରୁଣ ବୋଥ୍ରା ଏ କଥାକୁ ଗୁରୁତ୍ୱ ଦେଇ ତତ୍କାଳ ବସ୍ ସମୟ ପରିବର୍ତ୍ତନ କରିଥିବାର ଜଣାଯାଇଛି । କ୍ରୁଟ୍ କର୍ତ୍ତୃପକ୍ଷଙ୍କ ଏଭଳି ସମ୍ବେଦନଶୀଳତାକୁ ନିହାତି ପ୍ରଶଂସା କରାଯିବା ଉଚିତ୍ ।

ଏଇଠି ଆଉ ଏକ ଅନୁରୋଧ ବୋଥ୍ରା ମହାଶୟଙ୍କୁ କରିବା ଉଚିତ୍ ହେବ ବୋଲି 'ମୋ ବସ୍' ଯାତ୍ରୀମାନେ କହୁଛନ୍ତି । ଏଭଳି ପରାମର୍ଶ ଏବଂ ଅନୁରୋଧ ପୂର୍ବରୁ ଅନେକ ଥର କରାଯାଇଛି ହେଲେ କାର୍ଯ୍ୟକାରୀ ହୋଇନି । ଏ ଅନୁରୋଧଟି ହେଉଛି–'ମୋ ବସ୍' ପଛପଟେ ରୁଟ୍ ନମ୍ବର ଲେଖାଯିବାର ଅନୁରୋଧ । ଏହାଫଳରେ ଜଣେ ଯାତ୍ରୀଙ୍କୁ ବସ୍‌ର ସାମ୍ନା ପଟକୁ ଦୌଡ଼ିବାକୁ ପଡ଼ନ୍ତାନି ରୁଟ୍ ନମ୍ବର ଦେଖିବା ପାଇଁ । ଯେଉଁ ବସ୍‌ଟି ଚାଲିଗଲା ସେଇଟି କେଉଁ ରୁଟ୍‌ର ବସ୍ ଏ କଥା ମଧ୍ୟ ଜାଣିପାରନ୍ତା ଯାତ୍ରୀ ଜଣକ, ଫଳରେ ତା' ମନରେ ଦ୍ୱନ୍ଦ୍ୱ ରୁହନ୍ତାନି । ତା'ଛଡ଼ା ବସ୍ ସାମ୍ନା ପଟକୁ ନମ୍ବର ଦେଖିବା ପାଇଁ ଦୌଡ଼ିବା ଫଳରେ ଦୁର୍ଘଟଣା ମଧ୍ୟ ଘଟିପାରେ ।

ଏ ସମସ୍ୟାର ସମାଧାନ ପାଇଁ ବିଶେଷ ପଇସା ବୋଧେ ଖର୍ଚ୍ଚ ହେବନି । 'ମୋ ବସ୍'ର ପଛପଟେ କାଗଜ ଷ୍ଟିକରରେ ନମ୍ବର ଲେଖି ମଧ୍ୟ ଲଗାଇ ଦିଆଯାଇ ପାରେ ଇଲୋକ୍ଟ୍ରୋନିକ୍ସ ଡିସ୍‌ପ୍ଲେ ବଦଳରେ । ତେଣୁ ପ୍ରତିଟି କ୍ଷେତ୍ରରେ 'ମୋ ବସ୍' ଉଦାହରଣ ସୃଷ୍ଟି କଲେ ହିଁ ଯାଇ ଯାତ୍ରୀ ଉପଯୁକ୍ତ ସେବା ପାଇପାରିବେ । ଯାତ୍ରୀ କେଉଁସବୁ ଛୋଟ ଛୋଟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେଥିପ୍ରତି ମଧ୍ୟ କ୍ରୁଟ୍ କର୍ତ୍ତୃପକ୍ଷ ଧ୍ୟାନ ଦେବା ଉଚିତ୍ ।

# ଏକା ମା' ପେଟର ଚାରି ଭାଇ


ଦୈନନ୍ଦିନ ଜୀବନରେ ଏବେ ପ୍ରତ୍ୟେକ ପ୍ରାପ୍ତିକୁ ବସ୍ତୁବାଦର ବଟକରାରେ ତଉଲି ଲାଭ–କ୍ଷତିର ହିସାବ କରାଯାଉଛି । ଲାଭ ହିଁ ଜୀବନର ମୂଳ ଲକ୍ଷ୍ୟ, ମୂଳ ମନ୍ତ୍ର । ଏହି ମାନସିକତାକୁ ଲକ୍ଷ୍ୟ କଲେ ମନେହୁଏ ସମସ୍ତେ ବେପାରୀ । ଶିକ୍ଷକ କୁହନ୍ତୁ, ଡାକ୍ତର କୁହନ୍ତୁ, ଓକିଲ କୁହନ୍ତୁ, ଅଫିସର କୁହନ୍ତୁ, ସାମ୍ବାଦିକ କୁହନ୍ତୁ, ସିନେମା ଷ୍ଟାର୍ କୁହନ୍ତୁ, ସମାଜସେବୀ କୁହନ୍ତୁ ସମସ୍ତଙ୍କ ଆଖି ଲାଭରେ ଲାଖିଯାଉଛି। ସବୁରି ମୁହଁରେ ଗୋଟିଏ କଥା– କେତେ ମିଳିବ ?


ଏ ଥର କ'ଣ ଲେଖିବି ଠିକ୍ କରିପାରି ନଥିଲି । ଚିନ୍ତାରେ ଥିଲି । ଏ ଚିନ୍ତା ଦୂର ହେଲା ମୋର ଜଣେ ଆତ୍ମୀୟ ମିତ୍ରଙ୍କ ହ୍ୱାଟ୍ସଆପ୍‌ରେ ପଠାଇଥିବା ଏକ ପୋଷ୍ଟରୁ । ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍‌ଙ୍କୁ କେନ୍ଦ୍ରକରି ଏହି ଘଟଣାଟି ଘଟିଥିଲା । ଏଥିରେ ସତ୍ୟତା କେତେ ମୁଁ କହିପାରିବିନି । ତେବେ ଏହାର ଅନ୍ତର୍ନିହିତ ବାର୍ତ୍ତା ଯେ, ବର୍ତ୍ତମାନ ପ୍ରତ୍ୟେକ ମଣିଷର ଏକ ମାନସିକତାରେ ପରିଣତ ହୋଇଛି ଏହା ସତ୍ୟ । ଆସନ୍ତୁ ହ୍ୱାଟ୍ସଆପ୍‌ରେ ଆସିଥିବା ଏହି ଘଟଣାଟି କ'ଣ ଜାଣିବା ।

ଚର୍ଚ୍ଚିଲ୍ ଦିନେ ଟ୍ୟାକ୍ସି କରି ବିବିସି ଅଫିସ୍‌ରେ ପହଁଚିଲେ । ସେଠାରେ ତାଙ୍କର ଏକ ସାକ୍ଷାତକାର ନେବାର ଥାଏ । ଚର୍ଚ୍ଚିଲ୍‌ଙ୍କୁ ନେଇ ଯାଉଥିବା ଟ୍ୟାକ୍ସି ଡ୍ରାଇଭର କିନ୍ତୁ ତାଙ୍କୁ ଚିହ୍ନି ନଥାଏ । କେବେ ଦେଖିନି ତ !

ବିବିସି ଅଫିସ୍‌ରେ ପହଞ୍ଚିବା ପରେ ଟ୍ୟାକ୍ସି ଡ୍ରାଇଭର ଫେରିଯିବାକୁ ଉଦ୍ୟମ କରନ୍ତେ ଚର୍ଚ୍ଚିଲ୍ କହିଲେ– ତମେ ଆଉ ୪୦/୪୫ ମିନିଟ୍ ଖଣ୍ଡେ ରହିଯାଅ । ମୋର ଏଠୁ କାମ ସରିଗଲେ ମୁଁ ପୁଣି ତୁମ ଟ୍ୟାକ୍ସିରେ ଚାଲିଯିବି ।

ଡ୍ରାଇଭର ବିନୟର ସହିତ କହିଲା– ନାଇଁ ସାର୍ ! ମୋର ଘରେ ପହଞ୍ଚିବା ନିହାତି ଜରୁରୀ । କାରଣ ଆଉ ଅଳ୍ପ ସମୟ ପରେ ଚର୍ଚ୍ଚିଲ୍‌ଙ୍କ ଏକ ସାକ୍ଷାତକାର ରେଡିଓରେ ଦେବ । ସେଇଟା ଶୁଣିବା ଦରକାର ।

ଚର୍ଚ୍ଚିଲ୍ ଏ କଥା ଶୁଣି ଖୁସିରେ କୁରୁଳି ଉଠିଲେ । ତତ୍‌କ୍ଷଣାତ୍ ପକେଟ୍‌ରୁ ବାହାର କରି ୧୦ ପାଉଣ୍ଡ ଟ୍ୟାକ୍ସି ଡ୍ରାଇଭର ହାତକୁ ବଢ଼ାଇଦେଲେ । ଟ୍ୟାକ୍ସି ଡ୍ରାଇଭର ହାତକୁ ଅର୍ଥ ଚାଲିଆସିବାରୁ ସେ ଖୁସିହୋଇ କହିଲା– ଠିକ୍ ଅଛି, ଆପଣଙ୍କର ଯେତେବେଳେ କାମ ସରୁଛି ସରୁ ମୁଁ ଅଛି ।

ଚର୍ଚ୍ଚିଲ୍ ପଚାରିଲେ– ଆଉ ତମେ ଯୋଉ କହୁଥିଲ କାହାର ସାକ୍ଷାତକାର ଶୁଣିବ ବୋଲି?

ଟ୍ୟାକ୍ସି ଡ୍ରାଇଭର ଟିକେ ବେଖାତିର ଭାବ ନେଇ କହିଲା– ମାର ଗୁଲି ମ ସେ ସାକ୍ଷାତକାରକୁ, କ'ଣ ମିଳୁଛି ସେଥିରୁ ?

କେବଳ ଏଇ ଟ୍ୟାକ୍ସି ଡ୍ରାଇଭର ନୁହଁନ୍ତି, ସାମ୍ପ୍ରତିକ ମଣିଷର ଗତି, ବିଧି, ପ୍ରକୃତିକୁ ଅନୁଶୀଳନ କଲେ ଯେଉଁ ସତ୍ୟ ସାମ୍ନାକୁ ଆସେ ତାକୁ ଯଦି ଗୋଟିଏ ବାକ୍ୟରେ କୁହାଯାଏ ତେବେ ତା' ହେବ– ଏ ଜୀବନ ଏକ ବ୍ୟବସାୟ, ଯେଉଁଥିରେ ଲାଭ–କ୍ଷତିର ହଜାରେ ହିସାବ !

ଉପରୋକ୍ତ କଥାକୁ ଆଉ ଟିକେ ତର୍ଜମା କଲେ ଏହା ହେବ– ମଣିଷ ଜୀବନ ଏକ ଲାଭଦାୟକ ବ୍ୟବସାୟ । ତେଣୁ ପ୍ରତ୍ୟେକ କଥା ପାଇଁ ଗୋଟିଏ ପ୍ରଶ୍ନ– 'ଏଥିରୁ କି ଲାଭ ମିଳୁଛି' ? ତେଣୁ ଲାଭ କଥା ଉଠିଲେ ଏଥିରେ ଅର୍ଥ ଯୋଡ଼ି ହୋଇଯିବା ସ୍ୱାଭାବିକ ।

ଆମ ସମାଜରେ ବ୍ୟବସାୟୀଙ୍କ ସଂଖ୍ୟା କମ୍ । ବ୍ୟବସାୟ ସମସ୍ତେ କରିପାରନ୍ତିନି । ତେଣୁ ମାସିକ ଭିତ୍ତିରେ ରୋଜଗାର ସୁରକ୍ଷା ଯେଉଁଠି ଥାଏ ସେଇଠାକୁ ଯାଏ ମଣିଷ । କିନ୍ତୁ ଜୀବନର ଭଲ–ମନ୍ଦ ସେ ଜଣେ ବ୍ୟବସାୟୀ ପରି ଲାଭ–କ୍ଷତିରେ ତଉଲେ । ବୃତ୍ତିଗତ ଜୀବନଠାରୁ ନେଇ ଦାମ୍ପତ୍ୟ ଜୀବନ ଯାଏଁ ସବୁଥିରେ ଲାଭର ଅସ୍ତିତ୍ୱ ଖୋଜେ । ଏଇଟା କରି କ'ଣ ଲାଭ ହେଲା ? ସେଇଟା କରି କ'ଣ ଲାଭ ହେଲା ? ଏଠିକି ଆସି କି ଲାଭ ହେଲା ? ସେଠିକି ଯାଇ କି ଲାଭ ହେଲା ? ଏ ଘରେ ରହି କ'ଣ ଲାଭ ହେଲା ? ସେ ଘରେ ରହି କ'ଣ ଲାଭ ହେଲା ? ତାଙ୍କ ଘରେ ବନ୍ଧୁ ବାନ୍ଧି ଲାଭ କ'ଣ ମିଳିଲା ? ସେ ପ୍ରସ୍ତାବ ଖାରଜ କରି କି ଲାଭ ହେଲା ? ଆଗରେ ବସି କ'ଣ ଲାଭ ହେଲା ? ଶୀଘ୍ର ଆସିକି ଲାଭ କ'ଣ ? ଡେରିରେ ପହଞ୍ଚି କି ଲାଭ? କେବଳ ଲାଭ, ଲାଭ ଆଉ ଲାଭ...

ମୁଁ ଯେଉଁ ଅନୁଶୀଳନ କଲି ତାହା ମଣିଷର ବ୍ୟବସାୟିକ ମାନସିକତା ହୋଇପାରେ ! ତେଣୁ ଏହା ଲାଭର ବାସ୍ତବ ଉପଲବ୍ଧି ନୁହେଁ । ବ୍ୟବସାୟ କଲେ ହିଁ ଲାଭ–କ୍ଷତିର ହିସାବ ଜଣାପଡ଼େ । କିନ୍ତୁ ବ୍ୟବସାୟ କରୁନାହୁଁ, ଲୋକଙ୍କ ସେବା କରୁଛୁ ଏହା ପ୍ରଫେସନ୍ ନୁହେଁ ଏକ ମିଶନ୍, ଗଣତନ୍ତ୍ରର ସୁରକ୍ଷା ପାଇଁ ଲୋକଙ୍କୁ ସେମାନଙ୍କ ଅଧିକାର ଦେବାପାଇଁ ଆମେ ଏହି ସଂସ୍ଥା ଖୋଲିଛୁ କହୁଥିବା ଟିଭି ଚାନେଲ୍ ମାଲିକମାନଙ୍କର ଲାଭ ପ୍ରତି ଲୋଭ ଦେଖିଲେ ଯେକୌଣସି ଲୋକ ସନ୍ଦେହରେ ପଡ଼ିବ– ଇଏ ନ୍ୟୁଜ୍ ଚାନେଲ୍ ନା ଆଡ୍ ଏଜେନ୍ସି ! ସଂଖ୍ୟାର ସଂଜ୍ଞା ବଦଳାଇ ଦେଇଛନ୍ତି ଏମାନେ । ଛୋଟ–ବଡ଼ର ହିସାବ ଆପଣଙ୍କର ଗଣ୍ଡଗୋଳ ହୋଇଯିବ ଏହି ସବୁ ଚାନେଲ୍ ଦେଖିଲେ । ସମସ୍ତେ ଭଲଭାବେ ଜାଣନ୍ତି, ଦୁଇ ଠାରୁ ୭ ଅଧିକ । କିନ୍ତୁ ଆଜିକାଲି ନ୍ୟୁଜ୍ ଚାନେଲ୍‌ମାନେ ଏ ହିସାବକୁ ଓଲଟାଇ ଦେଇଛନ୍ତି । ଦୁଇ ବେଶୀ ୭ କମ୍ ! ଦୁଇ ମିନିଟ୍ ସମ୍ବାଦ ପରିବେଷଣ ପରେ ଅଳ୍ପ ହସି କହୁଛନ୍ତି– ଗୋଟେ ଛୋଟ ବିରତି ପରେ ପୁଣି ଆସିବୁ । କିନ୍ତୁ ଆସୁଛନ୍ତି ୭ ମିନିଟ୍ ପରେ ! ଏହି ସମୟତକ ମନଇଚ୍ଛା ବିଜ୍ଞାପନ । ଏହାପରେ ୩୦ ସେକେଣ୍ଡର ହେଡ୍‌ଲାଇନ୍ ତା' ପରେ ୮ ମିନିଟ୍‌ର ଛୋଟ ବିରତି । ୩୦ ସେକେଣ୍ଡ ୮ ମିନିଟ୍‌ର ୧୬ ଭାଗରୁ ଭାଗେ । ଏମାନଙ୍କର ଏଇ 'ଛୋଟ'ର ସଂଜ୍ଞା କ'ଣ ବୁଝିବା ମୁସ୍କିଲ୍ ! କିଏ ଛୋଟ ? ବିଜ୍ଞାପନ ବିରତି ନା ସମ୍ବାଦର ଅବଧି ? ମୂଳକଥା ହେଲା, କେତେ ଲାଭ ମିଳିବ।

ଆଜିକାଲି ତ ଖବରକାଗଜର ପାଠକ ଆଉ ନାହାନ୍ତି । ସେମାନେ କେବେଠୁ ଗ୍ରାହକ ହୋଇସାରିଲେଣି । ଅଧିକ ଗ୍ରାହକ ସୃଷ୍ଟି କରିଥିବାର ଦାବି କରୁଥିବା ମାଲିକମାନେ ନିଜଆଡୁ ଏ କଥା ସ୍ୱୀକାର କରି ରାସ୍ତା କଡ଼ରେ ବଡ଼ ବଡ଼ ବିଜ୍ଞାପନ ମଧ୍ୟ ଲଗେଇଲେଣି । ଖବରକାଗଜର ବିକ୍ରି ବଢ଼େଇବା ପାଇଁ ଅନ୍ୟାନ୍ୟ ବ୍ୟବସାୟ ପରି ଉପହାର ଯୋଜନା ଚାଲୁ ହୋଇଛି । କିନ୍ତୁ ପଚାରିଲେ ବଡ଼ ବଡ଼ କାଗଜର ମାଲିକ, ଯେଉଁମାନଙ୍କର ଦୈନିକ ଆୟ ଲକ୍ଷାଧିକ ଟଙ୍କା ସେମାନେ ବି ମୁହଁ ଶୁଖେଇ କହୁଛନ୍ତି– ଖବରକାଗଜ ବ୍ୟବସାୟ କରି ଆଉ ଲାଭ ନାହିଁ । ହାତରେ କିନ୍ତୁ ଗଣତନ୍ତ୍ରର ବିରାଟ ଧ୍ୱଜା !

ଲୋକଙ୍କ ସେବା ପାଇଁ ସଂସ୍ଥା ଖୋଲିଥିବା ଲୋକମାନେ ତାଙ୍କର ସେବାକୁ ଲାଭରେ ତଉଲୁଛନ୍ତି । କେତେ ଏଡ୍ ମିଳିବ ଏବଂ କୋଉଠୁ ମିଳିବ ତା'ର ନକ୍ସା ତିଆରି ହେଉଛି । ଏବେ ଦରମାଖିଆ ସ୍ୱେଚ୍ଛାସେବୀ ମଧ୍ୟ ବାହାରିଲେଣି । ସ୍ୱେଚ୍ଛାରେ ସେବା କରୁଛନ୍ତି, ତେବେ ମାସିକ ବେତନ ଭିତ୍ତିରେ । ସରକାର ତ ଅନେକ ଦିନରୁ ବ୍ୟବସାୟୀ ହୋଇସାରିଛନ୍ତି । ସରକାରୀ ସଂସ୍ଥାରେ ବୋନସ୍ ବ୍ୟବସ୍ଥା ଚାଲୁ ହେଲାଣି । ପୂର୍ବେ ଲାଭର କିୟଦ୍ ଅଂଶ ବୋନସ୍ ଭାବେ ଦିଆଯାଉଥିଲା । ଏବେ ଲାଭ ହେଉ କି କ୍ଷତି ହେଉ, ବୋନସ୍ ମିଳିବ ହିଁ ମିଳିବ ।

ସବୁଥିରେ ଲାଭ ଖୋଜିବା, ସବୁ କଥାକୁ ଲାଭ କ୍ଷତିରେ ହିସାବ କରିବା, ସବୁ ସମ୍ପର୍କକୁ ଲାଭରେ ତଉଲିବା ଏ ସବୁ କାହିଁ କେଉଁ କେତେ କାଳରୁ ଆମ ଦେଶରେ ପ୍ରଚଳିତ ଏକ ନକାରାତ୍ମକ ମାନସିକତାର ସକାରାତ୍ମକ ପ୍ରୟୋଗ । ତେଣୁ ମୋଟାମୋଟି ଭାବେ କହିବାକୁ ଗଲେ ଲାଭ ହିଁ ଏ ଜୀବନର ମୂଳ ଲକ୍ଷ୍ୟ । ଲାଭ ଛଡ଼ା ଆଜିକାଲି କୋଉ କଥା ଚିନ୍ତା କରିହେବ ନାହିଁ ।

ଏବେ ଏହି କରୋନା କାଳରେ ମଧ୍ୟ ଟିକାର ବିକ୍ରିକୁ ନେଇ ଲାଭ–କ୍ଷତିର ଜୋର୍ ଅଙ୍କକଷା ଚାଲିଛି। ସରକାରଙ୍କୁ ବିକିବେ କେତେରେ, ବଜାରକୁ ଛାଡ଼ିବେ କେତେରେ ?

ଲାଭ ବ୍ୟବସାୟର ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଲାଭ ନହେଲେ କୌଣସି ବେପାର ଚାଲିବ ନାହିଁ । କିନ୍ତୁ ଦୈନନ୍ଦିନ ଜୀବନରେ ଏବେ ପ୍ରତ୍ୟେକ ପ୍ରାପ୍ତିକୁ ବସ୍ତୁବାଦର ବଟକରାରେ ତଉଲି ଲାଭ–କ୍ଷତିର ହିସାବ କରାଯାଉଛି । ଲାଭ ହିଁ ଜୀବନର ମୂଳ ଲକ୍ଷ୍ୟ, ମୂଳ ମନ୍ତ୍ର । ଏହି ମାନସିକତାକୁ ଲକ୍ଷ୍ୟ କଲେ ମନେହୁଏ ସମସ୍ତେ ବେପାରୀ । ଶିକ୍ଷକ କୁହନ୍ତୁ, ଡାକ୍ତର କୁହନ୍ତୁ, ଓକିଲ କୁହନ୍ତୁ, ଅଫିସର କୁହନ୍ତୁ, ସାମ୍ବାଦିକ କୁହନ୍ତୁ, ସିନେମା ଷ୍ଟାର୍ କୁହନ୍ତୁ, ସମାଜସେବୀ କୁହନ୍ତୁ ସମସ୍ତଙ୍କ ଆଖି ଲାଭରେ ଲାଖିଯାଉଛି। ସବୁରି ମୁହଁରେ ଗୋଟିଏ କଥା– କେତେ ମିଳିବ ?

ଲୋକଙ୍କ ସିଧାସଳଖ ସେବାରେ ନିୟୋଜିତ ଡାକ୍ତରମାନେ ଏବେ ଡାକ୍ତର କମ୍ ବିଜିନେସ୍‌ମ୍ୟାନ୍ । ଅର୍ଥାତ୍ ଡାକ୍ତରୀ କାମ ଯେତେ ପାରୁଛ କମ୍ କର, ବ୍ୟବସାୟଆଡ଼େ ମନ ଦିଅ । ଯେଉଁ କାରଣରୁ ଆଜିକାଲି ବୀମା କମ୍ପାନୀମାନେ ଭଲ ବେପାର ପାଉଛନ୍ତି । ବୀମା କମ୍ପାନୀମାନେ ବିଭିନ୍ନ ଘରୋଇ ଡାକ୍ତରଖାନା ସହିତ ଯୋଡ଼ିହୋଇ ନିଜେ ଲାଭ ପାଉଛନ୍ତି, ଡାକ୍ତରଖାନାକୁ ଲାଭ ଦିଆଉଛନ୍ତି । ପୂର୍ବେ ମରିଗଲେ ବୀମା ଟଙ୍କା ମିଳୁଥିଲା । ଏବେ ମଳିଚମ ଛାଲି ହୋଇଗଲେ ତା'ର ଚିକିତ୍ସା ପାଇଁ ଟଙ୍କା ମିଳିବାର ବ୍ୟବସ୍ଥା ହେଲାଣି । ଆଜିକାଲି ତେଣୁ ଅନେକ ଡାକ୍ତରଙ୍କର କଥାବାର୍ତ୍ତାର ଧରଣ ଫୁଟ୍‌ପାଥ୍‌ରେ ୩ ଟଙ୍କାର ଜିନିଷକୁ ୧୩ ଟଙ୍କାରେ ବିକ୍ରି କରୁଥିବା ବ୍ୟବସାୟୀ ଠାରୁ ଆହୁରି ସୂକ୍ଷ୍ମ ! ଯେକୌଣସି ନର୍ସିଂହୋମ୍‌କୁ ଯାଆନ୍ତୁ ସେଠାକାର ବାସ୍ନାକୁ ବାଦ୍ ଦେଲେ ଆଉ ସବୁଥିରେ ବ୍ୟବସାୟିକ କୌଶଳ, ଲାଭ–କ୍ଷତିର ହିସାବ!

ଲୋକଙ୍କୁ ନ୍ୟାୟ ପ୍ରଦାନ କରୁଥିବା ଓକିଲମାନଙ୍କ ବୃତ୍ତି ଆଇନ ବ୍ୟବସାୟ ଭାବେ ଜଣା । ଏବେ କୋର୍ଟରେ କେସ୍ ଫାଇଲ୍ କରିବା ଏକ ଇନ୍‌ଭେଷ୍ଟମେଣ୍ଟ ବୋଲି ଅନେକେ ମନେ କରୁଛନ୍ତି । ବଡ଼ ଓକିଲ ଲଗେଇଲେ କେସ୍ ଜିତିବା ସୁନିଶ୍ଚିତ । କେସ୍ ଜିତିଲେ ଲାଭ ହିଁ ଲାଭ ! ଅଦାଲତରେ ଦୀର୍ଘଦିନ ଧରି ଗଡୁଥିବା ମୋକଦ୍ଦମା ତାଲିକା ଦେଖିଲେ ମନେହେବ, ବିଲ୍ଡର ଠାରୁ ଦୀର୍ଘ ସୂତ୍ରରେ ଘର କିଣିଥିବା ଲୋକଟି ମାସିକ କିସ୍ତି ପଇଠ କରୁଛି ! ବର୍ଷ ଶେଷରେ ହିସାବ କଲେ ସୁଧର ୪ ଭାଗରୁ ଭାଗେ ମୂଳ ବାବଦକୁ ଭରଣା ହେଉଛି ! ବିଚାରପତିମାନେ ଯାହା ସରକାରୀ କର୍ମଚାରୀ ! ନହେଲେ ବାକି ସବୁଥିରେ ବ୍ୟବସାୟର ବାସ୍ନା !

ସରକାରୀ ଅଫିସ୍‌ରେ କାମ କରୁଥିବା ଲୋକଙ୍କ ମନୋବୃତ୍ତି ଲାଭଖୋର୍ ବ୍ୟବସାୟୀଙ୍କ ଠାରୁ ଆହୁରି ଉଗ୍ର । କିଛି ପାଇବାର ସମ୍ଭାବନା ନଥିଲେ ମୁହଁକୁ ଆଡ଼ ଆଖିରେ ବି ଚାହିଁବେନି । ଏମାନଙ୍କ ବୋଲହାକ କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବ୍ୟବହାର ଜମି ଦଲାଲ୍‌ଙ୍କ ଠାରୁ ଆହୁରି ବିରକ୍ତିକର । ଲାଭ ଦେଖିଲେ ଲଭ୍ କରିବେ । ନହେଲେ 'ସାର୍ ନାହାନ୍ତି' ସୂଚନା !

ଆଜିକାଲି ରାଜନୀତିର ମୂଳମନ୍ତ୍ର ଯେ ଲାଭ ଏ କଥା କାହାକୁ ଅଜଣା ନାହିଁ । କ୍ଷମତା ଲାଭ ଏହାର ଏକମାତ୍ର ଲକ୍ଷ୍ୟ । ତେଣୁ ଲାଭ–କ୍ଷତିର ଅହରହ ହିସାବ ଚାଲିଛି । ଏ ଦଳକୁ ଆସି କି ଲାଭ ହେଲା, ସେ ଦଳକୁ ଯାଇ କି ଲାଭ ହେଲା, ଏ ବିଭାଗ ପାଇ କି ଲାଭ ହେଲା, ସେ ବିଭାଗ ପାଇ କି ଲାଭ ହେଲା, ଶାସକ ଦଳରେ ଥାଇ କି ଲାଭ, ବିରୋଧୀ ଦଳରେ ଥାଇ କି ଲାଭ, ଟିକଟ ମିଳିଲା କିନ୍ତୁ ଯୋଉଠୁ ଚାହୁଁଥିଲି ଲଢ଼ିବାକୁ ମିଳିଲାନି, ଲାଭ କ'ଣ ?

ଚାରିଆଡ଼େ ଲାଭ ପ୍ରତିଧ୍ୱନିତ ହେଉଛି ଏବଂ ସେ ପ୍ରତିଧ୍ୱନୀ ଭିତରେ ଲୋଭ ଶବ୍ଦଟି ଆହୁରି ଜୋର୍‌ରେ ଶୁଭୁଛି, ଯାହା ସ୍ୱାଭାବିକ ଭାବେ ପାପ ଆଡ଼କୁ ମୁହାଁଏ । ଏହା ପରେ କ'ଣ ହୁଏ ସେ କଥା ବୁଝେଇ କହିବା ଆବଶ୍ୟକତା ନାହିଁ । ଲାଭ, ଲୋଭ, ପାପ, ମୃତ୍ୟୁ ଏମାନେ ଗୋଟିଏ ମା' ପେଟର ଚାରୋଟି ଭାଇ । ଏମାନଙ୍କ ମା'ଙ୍କ ନାଁ ଅର୍ଥ । ଏହି ମା' ହିଁ ସବୁ ଅନର୍ଥର ମୂଳ । ତେଣୁ ଯେଉଁଠି ଅର୍ଥ ନାହିଁ ସେଠି ସ୍ୱାର୍ଥ ନାହିଁ । ଏତେ କଥା କହିବା ପରେ ମୋ ମନକୁ ସେଇ ମୂଳ କଥାଟି ଆସୁଛି– ଏ ସବୁ କହି ଲାଭ କ'ଣ ?

## ଅପମାନ ସୁଧ-ମୂଳ ସହ ଶୁଝାଇବା ଦରକାର



ମହାଶୟ,

ନମସ୍କାର ନେବେ । ଅପମାନ ସୁଧ ମୂଳ ସହ ଶୁଝାଇବା ଦରକାର ଲେଖାଟିଏ ପଢ଼ିଲି । ଏହା ଅତ୍ୟନ୍ତ ସରସ, ସୁନ୍ଦର ଓ ଆକର୍ଷଣୀୟ ହୋଇଛି । ଜୀବନ ନିଛକ ସତ୍ୟ ଘଟଣା ଉପସ୍ଥାପନା କରି ଆଗାମୀ ପିଢ଼ି ପାଇଁ ସୁନ୍ଦର ବାର୍ତ୍ତାଟିଏ ପ୍ରଦାନ କରିଛନ୍ତି । ଆପଣ ଉଲ୍ଲେଖ କରିଥିବା ଉକ୍ତିଟି ଆଘାତ ପାଇଥିବା ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ସଫଳତାର ସହିତ କାର୍ଯ୍ୟ କରିଥାଏ । ଏହା ଏକ ବାସ୍ତବଧର୍ମୀ ନିର୍ଭୀକ ସଚ୍ଚୋଟ ଅସତ ପଥରେ ଆଗଭର ନହେଉ ଥିବା ବ୍ୟକ୍ତି ଜୀବନର ଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଗାମୀ ପିଢ଼ି ପାଇଁ ଏହା ପ୍ରେରଣାର ଉତ୍ସ ହେବ । ସେଥିପାଇଁ ଅଶେଷ ଧନ୍ୟବାଦ ଜଣାଉଛି ।

***ଅକ୍ଷୟ ପଣ୍ଡା**, ଲୋକାପଡ଼ା, ଆଳି*

ମହାଶୟ,

ଆଜିର ଆଲୋଚନାଟି ଅତ୍ୟନ୍ତ ମର୍ମସ୍ପର୍ଶୀ । ସହଯୋଗ ଓ ଅସହଯୋଗ ଗୋଟିଏ ବୃନ୍ତର ଦୁଇଟି କଳିକା । ଅସହଯୋଗକୁ ଗ୍ରହଣ କରିବା ଓ ଏହାକୁ ଆହ୍ୱାନ ଭାବିଲେ ଉପରକୁ ଉଠିବାରେ ସହାୟକ ହୁଏ ଯାହା ଆପଣଙ୍କ ଜୀବନରେ ଘଟିଛି । ମାଙ୍କଡଟି ତାଳ ଗଛଟିର ଶୀର୍ଷକୁ ଯିବାକୁ ଚେଷ୍ଟା କରି ଯେତିକି ଚଢେ ସେତିକି ତଳକୁ ଖସେ କିନ୍ତୁ ଏହାକୁ ଭୃକ୍ଷେପ ନକରି ଶେଷରେ ତା' ଇପ୍ସିତ ଲକ୍ଷ୍ୟସ୍ଥଳୀରେ ପହଞ୍ଚିପାରେ । ଆପଣଙ୍କ ସହ ଘଟିଥିବା ସମବାୟ ବ୍ୟାଙ୍କ ଘଟଣା ଅତ୍ୟନ୍ତ ଶିକ୍ଷଣୀୟ ଓ ଚାଣକ୍ୟ ନୀତିଟି ମଧ୍ୟ ଯୁଗୋପଯୋଗୀ । କ୍ଷତିସାଧନ କରୁଥିବା ବ୍ୟକ୍ତିକୁ ସୁଧ ମୂଳ ସହ ପରିଶୋଧ କରିବା ବାଞ୍ଛନୀୟ । ମୋ ଜୀବନରେ ଚାକିରି କ୍ଷେତ୍ରରେ ହେଉ ବା ସମାଜସେବା କ୍ଷେତ୍ରରେ ହେଉ,ଏହାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି । ଧନ୍ୟବାଦ ।

***କୈଳାସ ଚନ୍ଦ୍ର ସାମନ୍ତରାୟ***
*ଅନ୍ତେଇ, ପାଟକୁରା*

ମହାଶୟ,

ସତକଥା । ଚାଣକ୍ୟଙ୍କ ଉପଦେଶର ଉପଯୁକ୍ତ ଉଦାହରଣ ।

***କୃପାନିଧି ବିଶ୍ୱାଳ***
*ଅବସରପ୍ରାପ୍ତ କର୍ମଚାରୀ, ଭୁବନେଶ୍ୱର*

ମହାଶୟ,

ଚାଣକ୍ୟଙ୍କ ଉକ୍ତି ଯଥାର୍ଥ ଉପସ୍ଥାପନା ।

***ସସ୍ମିତା ଦାସ**, ଢେଙ୍କାନାଳ*

ମହାଶୟ,

ହୃଦୟସ୍ପର୍ଶ ସ୍ତମ୍ଭ ।

***ନିର୍ମଳ ଚନ୍ଦ୍ର**, ଭୁବନେଶ୍ୱର*

ମହାଶୟ,

ଏହି ସ୍ତମ୍ଭ ସମାଜ ପାଇଁ ଏକ ଶ୍ରେଷ୍ଠ ଉଦାହରଣ । ପାଣ୍ଡବ ଓ କୌରବଙ୍କ ଉଦାହରଣ ମଧ୍ୟ ଶ୍ରେଷ୍ଠ । ଭଗବାନ କୃଷ୍ଣଙ୍କ ପ୍ରତି ଆପଣଙ୍କର ବିଶ୍ୱାସ ରହିଛି । ପ୍ରତ୍ୟେକ ମୁହୂର୍ତ୍ତରେ ଭଗବାନ ଆପଣଙ୍କୁ ସହାୟ ହୁଅନ୍ତୁ ।

***କମଳିନୀ ରଥ**, ଭୁବନେଶ୍ୱର*

ମହାଶୟ,

ନିଛକ ସତକଥା ।

***ଭଞ୍ଜ କିଶୋର ମହାନ୍ତି**, କେନ୍ଦ୍ରାପଡ଼ା*

ମହାଶୟ,

ଚମତ୍କାର ଅଭିବ୍ୟକ୍ତି ।

***ସୌମେନ୍ଦ୍ର ମହାପାତ୍ର**, ପାରାଦୀପ*

ମହାଶୟ,

ଏ ଦୁନିଆରେ କୁଚକ୍ରୀ ଅନେକ ରହିବେ । କିନ୍ତୁ ତାଙ୍କୁ ଉଚିତ ସମୟରେ ସାବାଡ୍ କରିବା ବି ଦରକାର ।

***ମନ୍ମଥ ନାଥ ରାଉତ**, କେନ୍ଦ୍ରାପଡ଼ା*

ମହାଶୟ,

ଅତ୍ୟନ୍ତପ୍ରଭାବଶାଳୀ ସ୍ତମ୍ଭ ।

***ଶୁଭ୍ରାଂଶୁ ଶେଖର**, ଭୁବନେଶ୍ୱର*

ମହାଶୟ,

ଚମତ୍କାର ସ୍ତମ୍ଭ ।

***ଗୌରପ୍ରସାଦ ମହାପାତ୍ର**, କେନ୍ଦ୍ରାପଡ଼ା*

ମହାଶୟ,

ବାସ୍ତବ ଉପସ୍ଥାପନା । ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ ସମସ୍ତଙ୍କ ଭାଗ୍ୟଡୋରି । ନିଜ ଭାଗ୍ୟ ଡୋରି କାଳହସ୍ତେ ବନ୍ଧା ପକାନ୍ତି ହେଲେ ପାସୋରି ।

***ଅକ୍ଷୟ କୁମାର ନାୟକ**, କେନ୍ଦ୍ରାପଡ଼ା*

ମହାଶୟ,

ନିରାଟ ସତ କଥାର ସୁନ୍ଦର ବର୍ଣ୍ଣନା ।

***ସାରଦା ପ୍ରସାଦ ଦାସ***
*ଆଇନଜୀବୀ, କେନ୍ଦ୍ରାପଡ଼ା*

ମହାଶୟ,

ଯେ ପାଞ୍ଚେ ପର ମନ୍ଦ ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ । ଏହି ଆପ୍ତ ବାକ୍ୟ ଏହି ଠାରେ ପ୍ରଯୁଜ୍ୟ । ଆମ ସମାଜରେ ଅନେକ ବ୍ୟକ୍ତି ଗର୍ବ ଅହଂକାରରେ ବୁଡି ଧରାକୁ ସରା ମନେ କରନ୍ତି । ତା'ର ପରିଣତି ପରିଶେଷରେ ବି ସମୟ ଦେଇଥାଏ ।

***ନିର୍ମଳ ଚନ୍ଦ୍ର ସାମଲ***
*ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର*

ମହାଶୟ,

ସତ କହିବାକୁ ଡରିବାର ନାହିଁ । ସାର୍ ବହୁତ ନିଶ୍ଚିତ ଭାବରେ ଶତପ୍ରତିଶତ ଠିକ୍ ଉପସ୍ଥାପନା କରିଛନ୍ତି ।

***ମନୋରଞ୍ଜନ ମହାନ୍ତି**, ଭୁବନେଶ୍ୱର*

ମହାଶୟ,

ଲେଖାଟି ଅତି ସୁନ୍ଦର ଓ ପ୍ରଶଂସନୀୟ ହୋଇଛି । ସ୍ତମ୍ଭକାରଙ୍କୁ ସାଧୁବାଦ । ଉପଯୁକ୍ତ ଉଦାହରଣ ବାସ୍ତବ ସତ୍ୟ ଉପସ୍ଥାପନ କରିଛନ୍ତି ।

***ଶଙ୍କର୍ଷଣ ପଣ୍ଡା***
*ଖଡ଼ିଅଙ୍ଗ, କେନ୍ଦ୍ରାପଡ଼ା*

# ଷଣ୍ଢ ମାର୍କା ଟୋକା ଓ ଓମ୍ ଶାନ୍ତି



**ଚିନ୍ତି ମହାକାଳି ଚକୁଳି**

**ସମରେନ୍ଦ୍ର ବଳିଆରସିଂହ**

କୁହାଯାଏ, 'ଏଜ୍ ଇଜ୍ ଜଷ୍ଟ ଏ ନମ୍ବର' । ବୟସ କେବଳ ଗୋଟିଏ ସଂଖ୍ୟା ମାତ୍ର । ବୟସ ବଢିବା ସଙ୍ଗେ ସଙ୍ଗେ ଶରୀରର ଅଭିବୃଦ୍ଧି ଘଟିଥାଏ । ତେବେ ନିର୍ଦ୍ଦିଷ୍ଟ ବୟସ ଅତିକ୍ରାନ୍ତ ହେଇଗଲେ ଶରୀର ଦୁର୍ବଳ ହୋଇପଡ଼ିଥାଏ । ତେବେ ମନକୁ ଯୁବସୁଲଭ ରଖି ଶାରୀରିକ ଭାବେ ସୁସ୍ଥ ରହିଲେ ବାର୍ଦ୍ଧକ୍ୟ ଛୁଏଁନାହିଁ । ଏଥିପାଇଁ ସକରାତ୍ମକ ବିଚାରଧାରା ଲୋଡ଼ା । ଯୁବାବସ୍ଥାର ଏହା ଏକ ବହୁପ୍ରଚଳିତ ପରିଭାଷା । ତେବେ ସୃଷ୍ଟି ଆରମ୍ଭରୁ ମଣିଷର ଇଚ୍ଛା, ସେ ସଦାସର୍ବଦା ଯୁବକ/ଯୁବତୀ ହୋଇ ରୁହନ୍ତା ! ସୁସ୍ଥ ଓ ନିରୋଗ ରୁହନ୍ତା ! ଏସବୁ ଆଲୋଚନା କରିବାର ତାତ୍ପର୍ଯ୍ୟଟି ହେଲା, ଯୁବାବସ୍ଥା ହେଉଛି ମଣିଷର ଏଭଳି ଏକ ଅବସ୍ଥା, ଯାହା ଅସମ୍ଭବକୁ ସମ୍ଭବ କରିପାରିଥାଏ । ତେଣୁ ଜୀବନର ଏହି ମୂଲ୍ୟବାନ ସମୟର ସଦୁପଯୋଗ କରିପାରିଲେ ଜୀବନ ସାର୍ଥକ ହୁଏ । ତେବେ ସାର୍ଥକ ଜୀବନ ପାଇଁ ଲୋଡ଼ା ସାର୍ଥକ ବିଚାରଧାରା । କ'ଣ ସେଇ ବିଚାରଧାରା ? ପାଠ ପଢିବା ଏବଂ ଭଲ ଚାକିରିଟିଏ କରିବା । ସୁନ୍ଦର ପାତ୍ର ବା ପାତ୍ରୀ ଦେଖି ବାହାହେବା । ଘର କରିବା, ଗାଡ଼ିଘୋଡ଼ା କିଣିବା । ବ୍ୟାଙ୍କ ବାଲାନ୍ସ ବଢାଇବା । ପିଲା, ଛୁଆଙ୍କ ଲାଳନପାଳନ କରିବା । ତା'ପରେ ପିଲାଏ ବଡ଼ ହେଇ କେମିତି ଚାକିରି ବାକିରି କରିବେ, ଭଲରେ ରହିବେ, ସେଇ ଚିନ୍ତା । ଏମିତି ସରିଯାଏ ଜୀବନ । ଶେଷପର୍ଯ୍ୟନ୍ତ ଅନେକ କିଛି ସ୍ୱପ୍ନ ଅଧୁରା ରହିଯାଏ । ପ୍ରଶ୍ନ ହେଉଛି, ମଣିଷର ଜନ୍ମ କ'ଣ କେବଳ ନିଜ ପାଇଁ ? ତା'ର ସାମାଜିକ ଅଙ୍ଗୀକାରବଦ୍ଧତା କ'ଣ ନାହିଁ ? କାହିଁକି ମଣିଷ ଦିନକୁ ଦିନ ସ୍ୱାର୍ଥକୈନ୍ଦ୍ରିକ ହୋଇଚାଲିଛି ? ନୀତି, ଆଦର୍ଶ କିଛି ନାହିଁ । ମୁଁ ଭଲ ତ, ଦୁନିଆ ଭଲ, ଏଇ ନୀତିରେ ସେ ଚାଲିଛି । ବସ୍ତୁବାଦ ମଣିଷକୁ ଭିନ୍ନ ଏକ ଜଗତକୁ ଟାଣିନେଇଛି, ଯେଉଁଠି ଅର୍ଥ ହିଁ ସର୍ବସ୍ୱ । ବଞ୍ଚିବା ପାଇଁ ଅର୍ଥ ଲୋଡ଼ା, କିନ୍ତୁ ଅର୍ଥ ସର୍ବସ୍ୱ ନୁହେଁ । ଯଦି ଏହା ହେଉଥାନ୍ତା, ତା'ହେଲେ ପୃଥିବୀର ସବୁ ଧନୀକମାନେ ବୋଧହୁଏ ସବୁଠାରୁ ସୁଖୀଲୋକ ହୋଇଥାନ୍ତେ ! ବାସ୍ତବିକତା କିନ୍ତୁ ସେୟା ନୁହେଁ । ବାହାରକୁ ଯାହା ଦିଶେ, ଭିତରେ ତାହା ନୁହେଁ । ମଣିଷର ଅତ୍ୟଧିକ ଅର୍ଥ ଲୋଲୁପତା, ଈର୍ଷା, ପରଶ୍ରୀକାତରତା ମଣିଷକୁ ସୁଖ, ଶାନ୍ତିରେ ବସାଇଦିଏନି । ଆଗରୁ ଏଭଳି ସ୍ଥିତି ନଥିଲା ।

ଯେହେତୁ ଯୁବାବସ୍ଥାର କଥା ଏ ଆଲୋଚନାର ମୁଖ୍ୟ ପ୍ରସଙ୍ଗ, ନିଃସଙ୍କୋଚରେ କହିହେବ ଯେ, ଆଜିର ଯୁବକ ପଥହରା । ସେ କ'ଣ କରିବ, କୁଆଡ଼େ ଯିବ, ତାକୁ ସେ ବାଟ ମିଳୁନାହିଁ । ଗାଇଡ୍ କରିବାକୁ କେହିନାହାନ୍ତି । ବେକାର ହୋଇ ସେ ବୁଲୁଛି । ନିଶାକୁ ସେ ସାଥୀ କରିଛି । ନିଶା ରାକ୍ଷସ ତାକୁ ଗିଳିଗିଳି ଚାଲିଛି । ତା' ସାଙ୍ଗରେ ପ୍ରେମ ବି ଗୋଟେ ବଡ଼ ନିଶା । ସ୍ମାର୍ଟଫୋନ୍ ଆଉ ଏକ ସାଂଘାତିକ ନିଶା । ବାଇକ୍ ତଥା କାର୍ ଚଢିବାର ନିଶା ବି ଯାହାକୁ ଯେତେ । ଘରେ ଖାଇବାକୁ ନଥାଉ, କିନ୍ତୁ ବାଇକ୍ ନଚଢିଲେ ନଚଳେ । ଆମେ ତ ଟୋକା ଷଣ୍ଢମାର୍କା । ରାସ୍ତାରେ ଏଭଳି ଷଣ୍ଢମାର୍କାଙ୍କର ଉତ୍ପାତ ଯୋଗୁଁ ବହୁ ଧନହାନି ହେଉଛି, କିନ୍ତୁ ଏମାନଙ୍କ ଉତ୍ପାତ କମୁନି । ଯୁବସମାଜର ଏସବୁ ଉତ୍ପାତ ବା ନିଶା ପାଇଁ ଅର୍ଥ ଲୋଡ଼ା ପଡୁଛି । ସେଥିପାଇଁ ସେ ଅପରାଧୀ ସାଜୁଛି । ହତ୍ୟା, ଅପହରଣ, ଦାଦାବଟି ତା'ର ବେଉସା ପାଲଟିଛି । କାହାକୁ ତା'ର ଡର ନାହିଁକି ଭୟ ନାହିଁ । ଆମ ବ୍ୟବସ୍ଥାର ଢିଲାପଣ ଯୋଗୁଁ ସେ ନିସ୍ତାର ପାଉଛି, ଛୋଟରୁ ବଡ଼ ଅପରାଧୀ ସାଜୁଛି । ଆମେ ନାଚାର । ରାତାରାତି ବଡ଼ଲୋକ ହେବାର ସ୍ୱପ୍ନରେ ଆମ ଯୁବସମାଜ ବିଭୋର । ପରିଶ୍ରମ କରିବୁନି, ମାଗଣା ମାହାଳିଆରେ କୋଟିପତି ହବୁ । ଦିନଥିଲା ରାଜନୀତି ବୋଲାଉଥିଲା ଶ୍ରେଷ୍ଠନୀତି । ହେଲେ ସେଇ ନୀତିରେ ମାତି ଯୁବସମାଜ ମାନୁନି ନୀତି, ଅନୀତି । ନେତାଏଁ ତାଙ୍କ ହାତର କ୍ରୀଡ଼ନକ ସଜାଇ ଦିଆଁଉଛନ୍ତି ଯୁବକମାନଙ୍କୁ । ଆଜିକାଲି ରାଜନୀତିରେ ଟୋକାଙ୍କର ଭାରି ଚାହିଦା । ଯୋଉ ନେତାଙ୍କ ହାତରେ ଯେତିକି ଟୋକା ଅଛନ୍ତି, ସେମାନଙ୍କର ପାରିବାପଣିଆ ସେତିକି ଅଧିକ। । କ୍ଷମତା ରାଜନୀତିରେ ଧନବଳ ସାଙ୍ଗରେ ଏଇ ଟୋକାବଳ ବା ବାହୁବଳ ଭାରି ଲୋଡ଼ା ପଡୁଛି । ଭୋଟ ସମୟରେ ଏମାନଙ୍କର ଭାଉ ଯାହାକୁ ଯେତେ । ଏମାନେ ଯାହାକୁ ଭୋଟ ଦେବାକୁ କହିବେ, ଲୋକେ ଭୋଟ ଦେବେ । ବିଶେଷକରି ଗାଁଗହଳି ଓ ସହରର ବସ୍ତି ତଥା କଲୋନୀମାନଙ୍କରେ ଟୋକାଙ୍କ ରାଜୁତି । ବୁଢ଼ା ବି ନାଚାର । ଟୋକା ଯୋଉ ନେତାଙ୍କୁ ଭୋଟ ଦେବାକୁ କହିବେ, ଏମାନେ ତାଙ୍କୁ ଭୋଟ ଦେବେ । ମଦ, ମାଂସ, ମାଣିଆ ହେଇଗଲେ ଟୋକା ଅସାଧ୍ୟ ସାଧନ କରିପାରନ୍ତି । ଦୁର୍ନୀତି ଓ ପ୍ରିୟାପ୍ରୀତି ଆମ ବ୍ୟବସ୍ଥାର ଦାରୁଣ ଦୁର୍ଗତି । ଲାଞ୍ଚ, ମିଛ, ଖଚ ଓ ପେଞ୍ଚପାଞ୍ଚରେ ଚାଲିଚି ଏ ସଂସାର । ଜାଣିହେଉନି କିଏ ନିଜର, କିଏ ପର ! ମଣିଷ ଏ ସଂସାରକୁ ଆସିଛି କର୍ମ କରିବା ପାଇଁ, ତେବେ ସେ କର୍ମବିମୁଖ ହେଉଛି, ଆଳସ୍ୟପରାୟଣତା ତା'ର ସହଚର ହୋଇଛି । ଆମ ବ୍ୟବସ୍ଥାର ଏକ ଦୁଷ୍ଟବ୍ରଣ ହେଲା ମାଗଣା, ମାହାଳିଆ ଯୋଜନା । ଆମ ଶାସକମାନେ ଭୋଟ ଖଣ୍ଡକ ପାଇଁ ଆମ ଯୁବକମାନଙ୍କୁ କର୍ମକୁଣ୍ଠ କରିଦେଲେ ।

ଦିନ ଥିଲା, ଦେଶକୁ ସ୍ୱାଧୀନ କରିବା ପାଇଁ ଯୁବସମାଜ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସେଇ ଜାତୀୟତାଭାବ ଏବେ କ'ଣ ଆଉ ଅଛି ? ଏବେ କେବଳ ଫମ୍ପା ଜାତୀୟତାବୋଧ, ଯାହା କେବଳ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି । କିଛିଦିନ ତଳେ ରାଜଧାନୀ ଦିଲ୍ଲୀରେ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହୁଥିଲେ, 'ଯୁବବର୍ଗ ହେଉଛନ୍ତି ସାରା ବିଶ୍ୱରେ ଭାରତର ବ୍ରାଣ୍ଡ ଆମ୍ବାସାଡାର । ଯୁବବର୍ଗ ଭାରତର ସଂସ୍କୃତି ଓ ପରମ୍ପରାର ପ୍ରତିନିଧିତ୍ୱ କରୁଛନ୍ତି । ଆମର ସ୍ୱାର୍ଥ ଜାତୀୟ ସ୍ୱାର୍ଥର ଅନୁକୂଳ ହେବା ଉଚିତ୍ ।' ମୋଦୀଙ୍କର ଏ ବକ୍ତବ୍ୟ ଯୁବସମାଜ ପାଇଁ ଉଦ୍ଦିଷ୍ଟ ଥିଲା । ଯୁବସମାଜ ଭାବନ୍ତୁ ତ, ସତରେ କ'ଣ ସେମାନେ ଭାରତର ବ୍ରାଣ୍ଡ ଆମ୍ବାସାଡାର ! ବିଶ୍ୱବାସୀ ସେମାନଙ୍କ ଠାରୁ ସତରେ କ'ଣ ଅନୁପ୍ରେରିତ ହେଉଛନ୍ତି ! କୁହନ୍ତୁ ତ, ଆଜିର ଯୁବକମାନଙ୍କ ନିକଟରେ ଗୁରୁଜନମାନଙ୍କ ପ୍ରତି ଆଗର ସେ ସମ୍ମାନବୋଧ ଅଛିକି ? ଆଗେ ଗାଁରେ ସଭା ବସୁଥିଲେ ବାପା ଯଦି ସଭାକୁ ଯାଇଥିବେ, ପୁଅ ସେ ସଭାକୁ ଯାଏନି । ଏବେ କିନ୍ତୁ ଓଲଟା କଥା । ବାପାଙ୍କୁ ପୁଅ ସଭାରେ ବିରୋଧ କରୁଛି । ଅନେକ କ୍ଷେତ୍ରରେ ସଭାକୁ ବାପାଙ୍କୁ ନଯିବାକୁ ତାଗିଦ୍ କରୁଛି ପୁଅ । ସୃଷ୍ଟିର ଏ ସନ୍ଧିକ୍ଷଣରେ ଏସବୁ ବିଲକ୍ଷଣ ଦେଖିବାକୁ ମିଳୁଛି । କଳିକାଳରେ ଏଭଳି ଘଟଣାସବୁ ଘଟୁଛି, ଯାହା ଦିନେ କଳ୍ପନା ବାହାରେ ଥିଲା । ବିଶ୍ୱାସ ହେଉନି, ପାରିବାରିକ ସମ୍ପର୍କ, ସାମାଜିକ ସମ୍ପର୍କ କ'ଣ ଏଭଳି ବିଗିଡ଼ିଯିବ.. !

ତେବେ ଏହାର ସମାଧାନ କ'ଣ ? ଯୁଗର ସନ୍ଧିକ୍ଷଣରେ ଯୁବକମାନେ କ'ଣ ଏମିତି ପଥଭ୍ରଷ୍ଟ ହୋଇ ଚାଲିବେ? ଯଦି ଏମିତି ବ୍ୟବସ୍ଥା ଲାଗିରହେ, ତା'ହେଲେ ଏ ପୃଥିବୀରେ ବଞ୍ଚିବା ତ ଦୁର୍ବିସହ ହୋଇଯିବ । ଏଇଠି ପ୍ରଶ୍ନ ଆସୁଛି ଆଧ୍ୟାତ୍ମିକତାର । ଓମ୍ ଶାନ୍ତି । ସୃଷ୍ଟିର ଆଦ୍ୟସ୍ୱର । ଏହା ହିଁ ମଣିଷକୁ ଶୃଙ୍ଖଳିତ କରିବ, ସଂସ୍କାରିତ କରିବ, ଶାନ୍ତି ପ୍ରତିଷ୍ଠା କରିବ । ବାହ୍ୟ ଧର୍ମାଡମ୍ବର କଥା କହୁନାହୁଁ, ଅନ୍ତଃକରଣରେ ଯାହା ଶାନ୍ତ, ଶାଶ୍ୱତ, ପବିତ୍ର, ସେହିକଥା କହୁଛୁ । ଧର୍ମ କୁହେ ସତ୍ୟ, ନ୍ୟାୟ, ପରୋପକାର, ମଣିଷପଣିଆର କଥା । ଆତ୍ମା–ପରମାତ୍ମାଙ୍କ କଥା କୁହେ ଧର୍ମ । ଯୁଗ ଯୁଗରୁ ଧର୍ମମାର୍ଗରେ ମଣିଷ ଚାଲିଛି । ତେବେ ଏ କଳିଯୁଗରେ ସେ ବାଟ ହୁଡୁଛି । ସେ ଚେତିଯିବା ଦରକାର, ନହେଲେ ପ୍ରଳୟ ଅବଶ୍ୟମ୍ଭାବୀ ।


***ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା***
***ମୋ. ୮୨୪୯୬୭୯୦୯୯***

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**






## ସୁସ୍ଥ ସତେଜ ଜୀବନ ପାଇଁ

ଆଜିର ଦ୍ରୁତ ଜୀବନଶୈଳୀରେ ନିଜକୁ ଟିକେ ହାଲ୍‌କା ସତେଜ କରାଇବାକୁ ସମସ୍ତେ ଚାହୁଁଛନ୍ତି । ତେଣୁ ବିଭିନ୍ନ ପ୍ରକାର ବଡ଼ି ମସାଜ ଥେରାପିର ସାହାଯ୍ୟ ନେଉଛନ୍ତି ଲୋକମାନେ । ଛୋଟ ସହରଠାରୁ ଆରମ୍ଭ କରି ମହାନଗର ପର୍ଯ୍ୟନ୍ତ ସବୁଠି ଥେରାପିର ଚାହିଦା ବଢ଼ିଚାଲିଛି । ଏହା କେବଳ ସତେଜତା ଦେଉନି ଶରୀରକୁ ନିରୋଗ ଓ ଫିଟ୍ ମଧ୍ୟ ରଖୁଛି । ମନ ହାଲ୍‌କା ରଖିବା ସହ ରକ୍ତ ସଞ୍ଚାଳନ ବଢ଼ାଉଛି । ଶରୀରର ଆକାର ଠିକ୍ ରହୁଛି, ରକ୍ତଚାପ ନିୟନ୍ତ୍ରଣରେ ରହୁଛି ଓ ଶରୀରର ଯନ୍ତ୍ରଣାରୁ ମୁକ୍ତି ମିଳୁଛି । ମାଂସପେଶୀକୁ ଆରାମ ଓ ଶରୀରକୁ ନମନୀୟତା ଦେଉଛି ବିଭିନ୍ନ ପ୍ରକାର ମସାଜ ଓ ଥେରାପି । ନିୟମିତ ଭାବରେ ଥେରାପିର ସାହାଯ୍ୟ ନେଲେ ଟେନ୍‌ସନ୍, ଡିପ୍ରେସନ୍ ଓ ମୁଣ୍ଡବିନ୍ଧାରୁ ମୁକ୍ତି ମିଳୁଛି । ଏଥି ସହ ଶରୀରର ପ୍ରତିରୋଧକ କ୍ଷମତା ବଢୁଛି । ଏତିକି ନୁହେଁ ଏହାର ସୁଫଳ ତାଲିକା ଢେର୍ ଲମ୍ବା ତେଣୁ ସମସ୍ତେ ଏହାର ଲାଭ ନେବାକୁ ନିଶ୍ଚୟ ଚାହିଁବେ । ତା'ହେଲେ ଆସନ୍ତୁ ଜାଣିବା ସେମିତି କିଛି ଥେରାପି ବିଷୟରେ । ଯାହା ଦିନକୁ ଦିନ ବହୁ ପ୍ରଚଳିତ ହେବାରେ ଲାଗିଛି ସାରା ବିଶ୍ୱରେ, ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସେଲିବ୍ରିଟିମାନେ ଏବେ ଏହିସବୁ ଥେରାପିର ଆଶ୍ରାରେ ।



**ମଡ୍ ଥେରାପି :** ଏହା ନ୍ୟାଚୁରୋପାଥି ଥେରାପି । ଏଥିରେ ଅନେକ ଅସାଧ୍ୟ ରୋଗ ମଧ୍ୟ ଦୂର ହୋଇଯାଏ । ମଡ୍ ପ୍ୟାକ୍ ଓ ମଡ୍ ବାଥ୍ ଦ୍ୱାରା କରାଯାଏ ଏହି ଥେରାପି । ସମଗ୍ର ଶରୀର ଓ ଚେହେରାରେ ମଡ୍ ପ୍ୟାକ୍ ଲଗାଇ ଦିଆଯାଏ । ଏଥିରେ ତ୍ୱଚା ସତେଜ ହୋଇଯାଏ ଓ ଅନେକ ତ୍ୱଚା ରୋଗରୁ ମୁକ୍ତି ମିଳେ ।

**ଥାଇ ମସାଜ୍ :** ଏହାକୁ ଥାଇ ଯୋଗା ମସାଜ୍ ମଧ୍ୟ କୁହାଯାଏ ।



ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ଏହି ମସାଜ ଶୈଳୀ ଆବିଷ୍କାର କରାଯାଇଥିଲା । ଏହା ମୁଖ୍ୟତଃ ଥାଇଲାଣ୍ଡର ମାଲିସ୍ କୌଶଳ, ଏଥିରେ ଆୟୁର୍ବେଦର କୌଶଳ ଓ ସିଦ୍ଧାନ୍ତକୁ ସାମିଲ କରାଯାଇଛି । ଏହା ବ୍ୟତୀତ ଏଥିରେ ଥାଇ ଓ ଚାଇନିଜ୍ ମେଡିସିନ୍ ମଧ୍ୟ ବ୍ୟବହାର କରାଯାଏ । ଏଥିରେ ହାତ, ଗୋଡ଼, ଆଣ୍ଠୁ ଆଦି ମସାଜ୍ କଲାବେଳେ ଯୋଗ ଶୈଳୀ ପରି ଏହାକୁ ଭଙ୍ଗାଯାଏ । ତେଣୁ ଏହାକୁ ଥାଇ ଯୋଗା ମସାଜ୍ କୁହାଯାଏ । ଏହି ମସାଜ୍ କରିବା ପରେ ହାଲ୍‌କା ଓ ଖୁବ୍ ସତେଜ ମନେହୁଏ ।

**ଷ୍ଟୋନ୍ ଥେରାପି :** ଏଥିରେ ଗରମ ପଥରରେ ମସାଜ୍ କରାଯାଏ । ଏଥିରେ ଶରୀରର ଭିନ୍ନ ଭିନ୍ନ ଅଂଶରେ ଗରମ ପଥର ରଖାଯାଏ ଓ ମାଲିସ୍ କରାଯାଏ । ପଥରଗୁଡ଼ିକୁ ୧୨୦ରୁ ୧୫୦ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାରେ ପାଣିରେ ଗରମ କରାଯାଏ । ଏହାପରେ ଏହି ପଥରରେ ଶରୀରକୁ ମସାଜ୍ କରାଯାଏ । ଏଥିରେ ମେରୁଦଣ୍ଡ, ପାଦ, ହାତ, ପାପୁଲି, ହାତଆଙ୍ଗୁଳି ଓ ଗଣ୍ଠିଗୁଡ଼ିକରେ ପଥର ରଖାଯାଏ ।

**ଅଏଲ୍ ମସାଜ୍ :** ଏହା ଆୟୁର୍ବେଦ ମାଲିସ୍ ପଦ୍ଧତି । ଏଥିରେ ଆୟୁର୍ବେଦ ତେଲକୁ ଗରମ କରି ଶରୀରରେ ମାଲିସ୍ କରାଯାଏ । ଏଥିରେ ଶରୀର ସତେଜ ହୁଏ ଏବଂ ଶରୀରକୁ ସମ୍ପୂର୍ଣ୍ଣ ପୋଷଣ ମିଳେ । ଏହି ମାଲିସ୍ ଶୈଳୀରେ ଦୃଷ୍ଟିଶକ୍ତି ମଧ୍ୟ ବଢ଼େ ।

**ଚାଇନିଜ୍ ମସାଜ୍ :** ଏହା ଚୀନର ପାରମ୍ପରିକ ମସାଜ୍ ଶୈଳୀ । ଏବେ ସାରା ବିଶ୍ୱରେ ଏହାର ଚାହିଦା ବଢ଼ିବାରେ ଲାଗିଛି । ଏହା ଏକ ପ୍ରକାର ଆକ୍ୟୁପ୍ରେସର୍, ଏଥିରେ ଶରୀରର କେତେକ ବିଶେଷ ସ୍ଥାନରେ ଚାପଦେଇ ମସାଜ୍ କରାଯାଏ । ଏଥିରେ ହାତ, ଆଣ୍ଠୁ, ବାହୁ ଓ ଆଇବ୍ରୋ ଉପରେ ଚାପ ଦିଆଯାଏ । ଏହା ଶରୀରକୁ ସତେଜ କରିବା ସହ ମାନସିକ ସନ୍ତୁଳନ ରଖିବାରେ ସହାୟକ ହୁଏ । ଏଥିରେ ମାଇଗ୍ରେନ୍, ଉଚ୍ଚ ରକ୍ତଚାପ, ଇନ୍‌ସୋମ୍ନିଆ ଓ ଆଜ୍‌ମା ପରି ରୋଗରୁ ମୁକ୍ତିମିଳେ ।

**ପାଉଡର ମସାଜ୍ ଥେରାପି :** ଆୟୁର୍ବେଦିକ ପାଉଡର ମସାଜ୍‌ରେ ଆପଣ ନିଜ ଓଜନ ଉପରେ ନିୟନ୍ତ୍ରଣ ରଖିପାରିବେ । ଏଥିରେ ପ୍ରାକୃତିକ ଜଡ଼ିବୁଟିକୁ ପାଉଡର କରି ଶରୀରରେ ମାଲିସ୍ କରାଯାଏ । ଏଥିରେ ୨୦ ଦିନରେ ୫ କେଜି ପର୍ଯ୍ୟନ୍ତ ଓଜନ ହ୍ରାସ କରିହୁଏ । ଏହା ତ୍ୱଚାର ଦାଗ ଦୂର କରେ, ଚମକ ଆଣେ ଓ ନୂଆ ଟିସ୍ୟୁ ସୃଷ୍ଟି କରେ ।

**ମ୍ୟାଗ୍ନେଟ୍ ଥେରାପି :** ଏହା ଏକ ବିକଳ୍ପ ଚିକିତ୍ସା । ଚୁମ୍ବକ ଦ୍ୱାରା ଶରୀରେ ମ୍ୟାଗ୍ନେଟିକ୍ ଫିଲ୍ଡ ସୃଷ୍ଟି କରି ଚିକିତ୍ସା କରାଯାଏ । ଏହାର ସୁଫଳ କମ୍, ହେଲେ ଆଘାତ ଭରଣା ଏବଂ ଶରୀରର ଶକ୍ତିସ୍ତର ବୃଦ୍ଧି ପାଇଁ ଏହା ଖୁବ୍ ଲାଭଜନକ । ଏହି ଥେରାପି ପାଇଁ ମ୍ୟାଗ୍ନେଟିକ୍ ବ୍ରେସ୍‌ଲେଟ୍, ନେକଲେସ୍, ଗହଣା ଏବଂ କଚଟି, ଆଣ୍ଠୁ ଓ କହୁଣି ପାଇଁ ମ୍ୟାଗ୍ନେଟିକ୍ ଷ୍ଟ୍ରାପ୍, ମ୍ୟାଗ୍ନେଟିକ୍ ବ୍ଲାକେଟ୍, ମ୍ୟାଗ୍ନେଟିକ୍ କ୍ରିମ୍ ଏବଂ ଅନ୍ୟ କେତେ ପ୍ରକାରର ବିକଳ୍ପ ଉପଲବ୍ଧ ହୁଏ ।

**ୱାଟର ଥେରାପି :** ଏହାକୁ ହାଇଡ୍ରୋବାଥ୍ ଥେରାପି ମଧ୍ୟ କୁହାଯାଏ । ଏହା ନ୍ୟାଚୁରୋପ୍ୟାଥିର ଏକ ଅଂଶ । ଏଥିରେ ପାଣିଦ୍ୱାରା ଚିକିତ୍ସା କରାଯାଏ । ଏହି ୱାଟର ଥେରାପି ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର । ଯଥା ଷ୍ଟିଜ୍ ବାଥ୍, ହିପ୍ ବାଥ୍, ହଟ୍ ଫୁଟ୍ ବାଥ୍, ଫୁଲ୍ ବେଡ୍‌ସିଟ୍ ପ୍ୟାକ୍ ଇତ୍ୟାଦି । ଏହାଦ୍ୱାରା ଶରୀରର ସମସ୍ତ ବିଷାକ୍ତ ପଦାର୍ଥ ବାହାରିଯାଏ ଏବଂ ଯନ୍ତ୍ରଣା କମିଯାଏ ।





**ପଞ୍ଚକର୍ମ ଥେରାପି :** ଏହା ଆୟୁର୍ବେଦର ରହସ୍ୟ । ଏଥିରେ ଶରୀର ବିଷାକ୍ତ ତତ୍ତ୍ୱ ବାହାର କରିବା ପାଇଁ ୫ଟି ପଦ୍ଧତି ଯଥା ବମନ, ବିରେଚନ, ଅନୁବସନା, ଅସ୍ଥାପନା ଏବଂ ନ୍ୟାସା ବ୍ୟବହାର କରାଯାଏ । ଏଥିରେ ଶିରୋଧାରା, କାତିବସ୍ତି, ଜାନୁବସ୍ତି, ନାଡ଼ିସ୍ୱେଦ, ପିଣ୍ଡାସ୍ୱେଦ ଆଦି ଥେରାପି ନେଇହୁଏ । ଏଥିରେ ଆପଣଙ୍କ କ୍ଲାନ୍ତି ଦୂର ହୋଇ ସତେଜତା ଆସେ, ମସ୍ତିଷ୍କ ଦ୍ରୁତ ହୁଏ, ରୋଗ ପ୍ରତିରୋଧକ ପ୍ରଣାଳୀ ଦୃଢ଼ହୁଏ ଏବଂ ତ୍ୱଚାର ବୟସ ହ୍ରାସ ପାଏ ।

**ମ୍ୟୁଜିକ୍ ଥେରାପି :** ସଙ୍ଗୀତ ଶୁଣିବାକୁ ସମସ୍ତେ ଭଲ ପାଆନ୍ତି । ଏବେ ଏହା ଚିକିତ୍ସାରେ ସଂଯୁକ୍ତ ହେଲାଣି । ଏଥିରେ ହାଲ୍‌କା ସଂଗୀତ ଦ୍ୱାରା ବ୍ୟକ୍ତିକୁ ରିଲାକ୍ସ କରାଯାଏ ଏବଂ ସଙ୍ଗୀତର ଭିନ୍ନ ଭିନ୍ନ କ୍ଷେତ୍ର ଯଥା ଗୀତ ଲେଖିବା, ସଙ୍ଗୀତ ଦେବା ଏବଂ ସଙ୍ଗୀତ ସମ୍ପର୍କରେ ଆଲୋଚନା କରିବା ଆଦି ଦ୍ୱାରା ମାନସିକ ଚିକିତ୍ସା କରାଯାଏ । ପାରମ୍ପରିକ ଚିକିତ୍ସା ଶୈଳୀ ସହ ମ୍ୟୁଜିକ୍ ଥେରାପିକୁ ସଂଯୁକ୍ତ କଲେ ଅଧିକ ସୁଫଳ ମିଳେ ।

---

## ସଫଳତାର ଅସଲ ମନ୍ତ୍ର

ଆଜିର ଯୁଗରେ ସମସ୍ତେ ସଫଳତା ଓ ପ୍ରାଚୁର୍ଯ୍ୟ ପଛରେ । ଏଥିପାଇଁ ଦୌଡରେ ସମସ୍ତେ ସାମିଲ ଏବେ । ସମସ୍ତେ ଆଗକୁ ଦଉଡୁଛନ୍ତି । ହେଲେ ସଫଳତା ସମସ୍ତଙ୍କୁ ମିଳୁନି । କାରଣ ଏଥିପାଇଁ ପ୍ରଥମେ ନିଜକୁ ପ୍ରସ୍ତୁତ କରିବାକୁ ହେବ, ହାସଲ କରିବାକୁ ହେବ ସଫଳତାର ଚାବିକାଠି । ଜାଣିବାକୁ ହେବ ଆପଣଙ୍କ ପ୍ରତିବନ୍ଧକ କିଏ, କେଉଁ ଦୁର୍ବଳତାକୁ ବାଦ୍‌ଦେଲେ ଲକ୍ଷ୍ମୀ ଆପଣଙ୍କ ସାଥ୍ ଦେବେ ।

ଧନୀ ହେବାକୁ ଚାହୁଁଥିଲେ ପ୍ରଥମେ ଆପଣଙ୍କୁ ନିଜର ଅଭ୍ୟାସ ଓ ଦୁର୍ବଳତାକୁ ଖୁବ୍ ଭଲ ଭାବେ ବୁଝିବାକୁ ହେବ । ଦେଖିବାକୁ ହେବ ଏମିତି କେଉଁ ଅଭ୍ୟାସ ଅଛି ଯାହା ଆପଣଙ୍କ ଉନ୍ନତି ରାସ୍ତାରେ ପ୍ରତିବନ୍ଧକ ସାଜୁଛି । ଏମିତି କ'ଣ ଦୁର୍ବଳତା ଅଛି ଯାହା ଦୂର କରି ଆପଣ ଧନୀ ହୋଇପାରିବେ । କଠୋର ପରିଶ୍ରମ ନକରି ଆପଣ ପରିସ୍ଥିତି ଓ ଅନ୍ୟମାନଙ୍କ ଉପରେ ଦୋଷାରୋପ କଲେ କେବେ ବି ଉନ୍ନତି ରାସ୍ତାରେ ଆଗକୁ ବଢିପାରିବେ ନାହିଁ । ଆପଣଙ୍କୁ ପ୍ରଥମେ ନିଜ ପାଇଁ ରାସ୍ତା ତିଆରି କରିବାକୁ ହେବ । ପରିସ୍ଥିତିକୁ




ନିଜ ଅନୁକୂଳ କରିବାକୁ ହେବ । ଯେତେବେଳେ ଆପଣ ପରିସ୍ଥିତିକୁ ନିଜ ନିୟନ୍ତ୍ରଣକୁ ଆଣିପାରିବେ, ସେତେବେଳେ ଜାଣିବେ ଆପଣ ସଫଳତାର ପ୍ରଥମ ସିଡ଼ି ପାର କରିନେଲେ । ଏହି କ୍ରମରେ ଆସନ୍ତୁ ଦେଖିବା ବ୍ୟକ୍ତିତ୍ୱରେ ଲୁକ୍କାୟିତ ଥିବା କିଛି ସୂତ୍ରକୁ ଯାହା ପ୍ରତ୍ୟେକ ବ୍ୟକ୍ତିର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଯଦି ଆପଣ ନିଜକୁ ଧନୀ ଲୋକଙ୍କ ସୂଚୀରେ ସାମିଲ କରିବାକୁ ଚାହୁଁଛନ୍ତି ତା' ହେଲେ ପ୍ରଥମେ ସମୟର ମୂଲ୍ୟ ବୁଝନ୍ତୁ, ଏହାକୁ ସମ୍ମାନ ଦିଅନ୍ତୁ । କାରଣ ସମୟ ହିଁ ସେହି ଶକ୍ତି ଯିଏ ଆପଣଙ୍କୁ ମାଲାମାଲ୍ କରିଦେବ । ଦୁନିଆରେ ଅନେକେ ସମୟର ସଦ୍‌ବ୍ୟବହାର କରି ଧନକୁବେର ପାଲଟିଛନ୍ତି । ପ୍ରଥମେ ଆଜିର କାମ କାଲି ପାଇଁ ରଖନ୍ତୁ ନାହିଁ । କାରଣ କାଲି ଯେଉଁସବୁ କାମ ରଖିବେ ସେ ମଧ୍ୟରୁ ଅଧିକାଂଶ କେବେ ବି ହୋଇପାରେ ନାହିଁ । କାରଣ ଆସନ୍ତା କାଲିର ବି ଅନେକ କାମ ଥିବ କରିବାକୁ । ଏହା ପ୍ରକୃତିର ନିୟମ – ସମୟକୁ ପଛରୁ ନୁହେଁ, ବରଂ ଆଗକୁ ବଢି ଧରି ହେବ । ବିତି ଯାଇଥିବା ସମୟ ପୁଣି ଥରେ ଲେଉଟି ଆସେ ନି । ଯେତେ ଧନୀ ହେଲେ ବି କେହି ନିଜର ବିଗତ ଦିନକୁ ଫେରାଇ ଆଣିପାରେନି ।

ସଫଳ ହେବାକୁ ଏକନିଷ୍ଠ ଥିଲେ ପ୍ରଥମେ ଏମିତି କାମ ବାଛନ୍ତୁ ଯେଉଁଥିରେ ଆପଣଙ୍କର ଆଗ୍ରହ ଅଛି । ଯାହାକରି ଆପଣ ଥକି ପଡନ୍ତି ନି କିମ୍ବା ବିରକ୍ତ ହୋଇଯା'ନ୍ତି ନାହିଁ ।

ମନୋବିଜ୍ଞାନୀମାନେ କୁହନ୍ତି, ସମସ୍ତେ ନିଜ ପସନ୍ଦର କାମକୁ ବେଶୀ ଭଲ ଭାବରେ କରିପାରନ୍ତି । କାମ ଆପଣଙ୍କର ପସନ୍ଦ ହେଲେ ଏହା ପ୍ରତି ନିଶା ବଢିବ ଏବଂ ଆପଣ ଏହାକୁ ସଫଳତାର ଶିଖରରେ ପହଞ୍ଚାଇପାରିବେ । ଉତ୍ସାହ, ଧୈର୍ଯ୍ୟ, ନିଷ୍ଠା ଓ ଏକାଗ୍ରତାର ସହ ଆପଣ ଯାହା କରିବେ ସେଥିରେ ନିଶ୍ଚୟ ସଫଳ ହେବେ ।

ତେଣୁ ପ୍ରଥମେ ନିଜର ଲକ୍ଷ୍ୟ ବାଛନ୍ତୁ । ଯୋଜନାବଦ୍ଧ ଭାବରେ ଏହା କରିବା ଆରମ୍ଭ କରି ଦିଅନ୍ତୁ । ଲକ୍ଷ୍ୟପ୍ରତି ସମର୍ପଣ ଭାବ ରଖନ୍ତୁ । ନିଜ ଠାରୁ ଅଧିକ ଅନୁଭବୀ ଓ ଯୋଗ୍ୟ ଲୋକଙ୍କୁ ପାଖରେ ରଖନ୍ତୁ । ଦେଖିବେ ସଫଳତା ଓ ଧନ ଆପଣଙ୍କର ମିତ୍ର ପାଲଟିଯିବେ ।

---

## ପୁଅକୁ କରନ୍ତୁ ସମ୍ବେଦନଶୀଳ



ପୁଅମାନଙ୍କ ଭଲ ଶିକ୍ଷା ଓ ଉଚ୍ଚ କ୍ୟାରିଅର୍ ନିମନ୍ତେ ନିଜ ଜୀବନର ସବୁ ଖୁସି ତ୍ୟାଗ କରିଦିଅନ୍ତି ବାପା-ମା', ହେଲେ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ କିପରି ହେବାକୁ ହୁଏ ଏବଂ ସେମାନଙ୍କୁ ସମାନ ଅଧିକାର କିପରି ଦେବାକୁ ହୁଏ ଏ କଥା କୌଣସି ପିତାମାତା ନିଜ ପୁଅକୁ ଶିଖାନ୍ତି ନାହିଁ ।



ଆପଣ ଜାଣନ୍ତି କି ଜେଣ୍ଟଲମ୍ୟାନ୍ କେମିତି ବନନ୍ତି ଆଉ କେମିତି ବନାନ୍ତି ? ଜାଣନ୍ତି କି ଆପଣଙ୍କ ଘର, ସାଇପଡ଼ିଶା, ସ୍କୁଲ ଓ ସମାଜରେ ଝିଅମାନେ କମ୍ ସ୍ତରର ନୁହଁନ୍ତି, ପୁରୁଷମାନଙ୍କ ସହ ସମାନ । ଜାଣନ୍ତି କି ଆଦର୍ଶ ସମାଜ ଓ ଆଇନ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ଅଧିକାର ଦେଇଛି । ସ୍ତ୍ରୀ ଉପରେ ହାତ ଉଠାଇବା ଆଇନତଃ ଅପରାଧ ନୁହେଁ ବରଂ ନୈତିକ ଅପରାଧ ମଧ୍ୟ, ଏହା ବୁଝିବା ପାଇଁ ସମ୍ବେଦନଶୀଳତା ଆପଣଙ୍କ ଠାରେ ଅଛି । ଦୁର୍ଭାଗ୍ୟବଶତଃ ଆମ ସମାଜର ଅଧିକାଂଶ କିଶୋର ଓ ଯୁବକ ମହିଳାମାନଙ୍କ ସମ୍ପର୍କରେ ଏ କଥା ଜାଣନ୍ତି ନାହିଁ । ଫଳସ୍ୱରୂପ ବିକାଶର ଦ୍ରୁତ ଗତି ସତ୍ତ୍ୱେ ମହିଳାମାନଙ୍କ ସ୍ଥିତିରେ ପରିବର୍ତ୍ତନ ଆସିନାହିଁ ।

ମହିଳାମାନଙ୍କ ପ୍ରତି ଅପରାଧର ବର୍ଦ୍ଧିତ ହାରକୁ ଦେଖି କିଛି ସଂଗଠନ ଏକ ନୂଆ ପଦକ୍ଷେପ ନେଇଛନ୍ତି । ଏବେ ସେମାନେ କିଶୋର ଓ ଯୁବକମାନଙ୍କୁ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ହେବା ପାଇଁ ତାଲିମ ଦେଉଛନ୍ତି ।

ପୁଅମାନଙ୍କ ଭଲ ଶିକ୍ଷା ଓ ଉଚ୍ଚ କ୍ୟାରିଅର୍ ନିମନ୍ତେ ଲୋକମାନେ ସବୁକିଛି କରିବାକୁ ପ୍ରସ୍ତୁତ ଥାଆନ୍ତି । ନିଜ ଜୀବନର ସବୁ କିଛି ଏଥିପାଇଁ ତ୍ୟାଗ କରିଦିଅନ୍ତି ବାପା-ମା', ହେଲେ ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ କିପରି ହେବାକୁ ହୁଏ ଏବଂ ସେମାନଙ୍କୁ ସମାନ ଅଧିକାର କିପରି ଦେବାକୁ ହୁଏ ଏ କଥା କୌଣସି ପିତାମାତା ନିଜ ପୁଅକୁ ଶିଖାନ୍ତି ନାହିଁ । ତେଣୁ କେତେକ ସଂଗଠନ ଏହି କାମ ହାତକୁ ନେଇଛନ୍ତି । ସେମାନଙ୍କର ଚେଷ୍ଟା ଯେମିତି ପିଲାଙ୍କୁ ଖେଳିବା ଓ ପଢ଼ିବା ଶିଖାଯାଏ ସେମିତି ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହେବା ମଧ୍ୟ ଶିଖାଇ ଦିଆଯିବ । ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନ ଏବଂ ଦି ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ୱିମେନ୍ ଏହି ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ଯୁବ କ୍ରିକେଟରମାନଙ୍କ ସହ । ମୁମ୍ବାଇର ୨୫ଟି ସ୍ପୋର୍ଟ୍ସ ସ୍କୁଲର କୋଚ୍‌ମାନେ କ୍ରିକେଟ କ୍ଲାସ୍ ପରେ ଛାତ୍ରମାନଙ୍କୁ ଜେଣ୍ଟଲମ୍ୟାନ ହେବାର ପାଠ ଶିଖାଇବା ଆରମ୍ଭ କରିଛନ୍ତି ।

'ଦି ଇଣ୍ଟରନ୍ୟାସନାଲ ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ୱିମେନ୍' ଚଳିତ ଶିକ୍ଷାବର୍ଷ ଆରମ୍ଭରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପରିବର୍ତ୍ତନ' ଆରମ୍ଭ କରୁଛି । ଏହାଦ୍ୱାରା ମୁମ୍ବାଇର ଯୁବ କ୍ରିକେଟରମାନଙ୍କୁ ମହିଳାମାନଙ୍କ ପ୍ରତି ହିଂସା ସମେତ ଅନ୍ୟ ସମ୍ବେଦନଶୀଳ ବିଷୟ ବୁଝାଇ ଦିଆଯିବ । ଏଥିପାଇଁ କ୍ରିକେଟ କୋଚ୍‌ମାନଙ୍କୁ ତାଲିମ ଦେବା ଆରମ୍ଭ କରିଛି ଅନୁଷ୍ଠାନ । ସେମାନଙ୍କର ତାଲିମ ସମାପ୍ତ ହେଲା ପରେ ନିଜ ଛାତ୍ରମାନଙ୍କୁ ବ୍ୟାଟିଂ ଓ ବୋଲିଂ କୌଶଳ ସହ ଭଦ୍ର ମଣିଷ ହେବାର କୌଶଳ ବି ଶିଖାଇବେ । ଏହି ଅନ୍ତଃରାଷ୍ଟ୍ରୀୟ ସଂଗଠନର ଦିଲ୍ଲୀସ୍ଥିତ କେନ୍ଦ୍ରର ବରିଷ୍ଠ ଟେକ୍‌ନିକାଲ ସ୍ପେଶାଲିଷ୍ଟ ମଧୁମିତା ଦାସ କୁହନ୍ତି, ଆମେ ମୁମ୍ବାଇରେ ସ୍କୁଲ ସହ ସହରର ବିଭିନ୍ନ କଲୋନୀରେ ମଧ୍ୟ ଏହି ପ୍ରଚାର କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ କରିବୁ । ପ୍ରତ୍ୟେକ ଯୁବକ ଭଲ ଓ ସମ୍ବେଦନଶୀଳ ମଣିଷ ହେବା ଖୁବ୍ ଜରୁରୀ । ନିଜ ମା', ଭଉଣୀ, ପତ୍ନୀ, ସହକର୍ମୀ ଏବଂ ଅନ୍ୟ ମହିଳାମାନଙ୍କ ସହ ସମ୍ମାନର ସହ ଏବଂ ସମାନତାର ସହ କିପରି ବ୍ୟବହାର କରାଯାଏ ସେମାନେ ଜାଣିବା ଉଚିତ୍ । ମୁମ୍ବାଇରେ ଏହା ଅନୁଷ୍ଠାନର ପ୍ରଥମ ପ୍ରୋଜେକ୍ଟ । ଅକ୍ଟୋବର ମାସରେ ଏହାର ସମୀକ୍ଷା କରାଯିବ । ଏହା ପରେ ଦିଲ୍ଲୀ ସମେତ ଅନ୍ୟ ମହାନଗର ଏବଂ ବଡ଼ ସହରମାନଙ୍କରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ।

ମୁମ୍ବାଇର ସ୍କୁଲ ସ୍ପୋର୍ଟ୍ସ ଆସୋସିଏସନର ସଚିବ ଏଚ୍.ଏଚ୍. ଭୋର୍ ଏ ସମ୍ପର୍କରେ ନିଜର ସକାରାତ୍ମକ ମନୋଭାବ ଦର୍ଶାଇ କହିଛନ୍ତି, ଛୋଟପିଲା ଓ କିଶୋରମାନଙ୍କ ମଧ୍ୟରେ ମାନସିକତାର ପରିବର୍ତ୍ତନ ଆଣିବା ଆମର ଲକ୍ଷ୍ୟ । ଥରେ ଦୁଇଥର ବୁଝାଇଦେଲେ କୌଣସି ପିଲାର ମାନସିକତା ବଦଳିଯିବା ଆବଶ୍ୟକ । ଏଥିପାଇଁ ବର୍ଷ ବର୍ଷ ସମୟ ଲାଗିଯିବ । ଏହି କାର୍ଯ୍ୟକ୍ରମରେ ଫ୍ୟାମିଲି ଭାଓଲେନ୍ସ ପ୍ରିଭେନସନ୍ ଫଣ୍ଡ୍ ଏବଂ ଅପନାଳୟ ପରି ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ସାମିଲ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ କିଶୋର ଏବଂ ଯୁବକମାନଙ୍କୁ ସାମିଲ କରାଯାଇଥିବାରୁ ଆଗାମୀ ସମୟ ମହିଳାମାନଙ୍କ ପାଇଁ ସହଜ ହେବ ବୋଲି ଆଶା କରାଯାଉଛି ।



## ଝିଅଙ୍କ ମନରେ ଏବେ ବି ଭୟ

ଆମ ଦେଶର ମହାନଗର ଏବଂ ବଡ଼ ବଡ଼ ସହରରେ ୭୭ ପ୍ରତିଶତ ଝିଅଙ୍କ ମନରେ ଇଭଟିଜିଂ ବା ଅଶ୍ଳୀଳ ବ୍ୟବହାରର ଭୟ ଥାଏ ।

ପ୍ଲାନ ଇଣ୍ଡିଆ ନାମକ ଏକ ଏନଜିଓର ସର୍ଭେରୁ ଏହା ଜଣା ପଡ଼ିଛି । ଏହି ସର୍ଭେ ଅନୁଯାୟୀ ୬୯ ପ୍ରତିଶତ କିଶୋରୀ ଓ ଯୁବତୀ ନିଜ ନିଜ ସହରକୁ ସୁରକ୍ଷିତ ମାନନ୍ତି ନାହିଁ । ଏହି ମତାମତ ସମାଜର ପ୍ରତିବର୍ଗରୁ ମିଳିଛି । ବସ୍ତିରେ ରହୁଥିବା ଝିଅ ହୁଅନ୍ତୁ, ସ୍କୁଲ କଲେଜର ଛାତ୍ରଛାତ୍ରୀ ହୁଅନ୍ତୁ ବା କର୍ମଜୀବୀ ହୁଅନ୍ତୁ ସମସ୍ତଙ୍କର ମତ ଏହା । ଏହା ସହର ଓ ମହାନଗରମାନଙ୍କର ଆଇନ ବ୍ୟବସ୍ଥା ପ୍ରତି ଏକ କଡ଼ା ଟିପ୍‌ପଣୀ ।

ଗୋଟିଏ ଆଧୁନିକ ସମାଜର ପ୍ରକୃତ ପରିଚୟ ମହିଳାମାନଙ୍କ ସ୍ଥିତିରୁ । ମହିଳାମାନେ ନିଜକୁ କେତେ ସୁରକ୍ଷିତ ଓ ସ୍ୱାଧୀନ ମନେକରନ୍ତି ଏଥିରୁ ଜଣା ପଡ଼େ ସମାଜଟି କେତେ ଉନ୍ନତ । ଏହି ଦୃଷ୍ଟିରୁ ଦେଖିଲେ ଆମ ଦେଶର ସହରଗୁଡ଼ିକ ଏବେ ବି ଆଧୁନିକ ମୂଲ୍ୟବୋଧରୁ ଖୁବ୍ ଦୂରରେ । ଏଠାରେ କମେଣ୍ଟ ମାରିବା, ଅଶ୍ଳୀଳ ଇଙ୍ଗିତ କରିବା ବା ଯୌନ ଅପରାଧ ଜଣାଇଦିଏ ଯେ ସମାଜରେ ସ୍ତ୍ରୀ-ପୁରୁଷ ସମ୍ପର୍କରେ ସ୍ୱାଭାବିକତା ଆସିନାହିଁ । ସମାନତା ଆସିନାହିଁ ଦୁଇ ଲିଙ୍ଗର ସମ୍ପର୍କରେ । ଫଳରେ ସେମାନଙ୍କ ମଧ୍ୟରେ ଆଳାପ-ଆଲୋଚନା ମଧ୍ୟ ସ୍ୱାଭାବିକ ଭାବରେ ହୋଇପାରେନା । ମାତ୍ର ଧୀରେ ଧୀରେ ସମୟ ବଦଳିବା ସହ ନାରୀକୁ ପ୍ରତିଟି ସ୍ତରରେ ଆଗକୁ ଯିବା ପାଇଁ ସୁଯୋଗ ମିଳିଲା । ଧୀରେ ଧୀରେ ସେମାନଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ମଧ୍ୟ ବଦଳିଲା । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମହିଳାମାନଙ୍କୁ ଅଧିକ ସ୍ୱାଧୀନତା ମିଳିଲା । ଶିକ୍ଷା ଓ ରୋଜଗାରର ଅବସର ମିଳିଲା । କିନ୍ତୁ ପୁରୁଷମାନଙ୍କ ମାନସିକତାରେ ସାମନ୍ତବାଦୀ ଚିନ୍ତାଧାରା ଏବେ ବି ରହିଛି । ଯୌନ ଅପରାଧ କୌଣସି ନା କୌଣସି ରୂପରେ ଏହାର ଅଭିବ୍ୟକ୍ତି ।



ସର୍ଭେରେ ୪୦ ପ୍ରତିଶତ ଝିଅ କହିଥିଲେ, ସେମାନଙ୍କୁ କେହି ଅଶ୍ଳୀଳ ଇଙ୍ଗିତ କଲେ ସେମାନେ ଅଣଦେଖା କରନ୍ତି । କାରଣ ପ୍ରତିକ୍ରିୟା ପ୍ରକାଶ କଲେ ସମାଜ ପ୍ରଥମେ ତାଙ୍କ ଚରିତ୍ରକୁ ସନ୍ଦେହ କରିବ । ଏହାର ବିରୋଧ କଲେ ବା ଆଇନର ଆଶ୍ରୟ ନେଲେ ସମସ୍ୟା ବଢ଼ିବ ପଛେ କମିବ ନାହିଁ ।

ପ୍ରକୃତରେ ସାମାଜିକ ବିକାଶ ପ୍ରକ୍ରିୟା ସବୁ ସ୍ଥାନରେ ସମାନ ନୁହେଁ । ଏଥିରେ ଅନେକ ଅସାମଞ୍ଜସ୍ୟ ରହିଛି । ଏହି କାରଣରୁ ଦିଲ୍ଲୀପରି ମହାନଗରମାନଙ୍କର ଲିଭ୍-ଇନ୍-ରିଲେସନ୍‌କୁ ସ୍ୱୀକାର କରାଯାଉଛି ଏବଂ ଅନ୍ୟପକ୍ଷରେ ଅନର କିଲିଂ ପରି ଘଟଣାମାନ ମଧ୍ୟ ଘଟୁଛି । ଦୁର୍ଭାଗ୍ୟର କଥା ପୋଲିସ ଓ ପ୍ରଶାସନରେ ମଧ୍ୟ ପୁରୁଷବାଦର ପ୍ରଭାବ ଅଧିକ । ତେଣୁ ମହିଳାମାନଙ୍କ ପ୍ରତି ଅପରାଧକୁ ଖୁବ୍ ସହଜ ଭାବରେ ନିଅନ୍ତି ସେମାନେ ଏହା ଅସାମାଜିକ ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହିତ କରେ । ମହିଳାମାନେ ମଧ୍ୟ ଯଥାସମ୍ଭବ ସବୁକିଛି ଚୁପ୍‌ଚାପ୍ ସହ୍ୟ କରିବାକୁ ଶ୍ରେୟସ୍କର ମଣନ୍ତି । କାରଣ ସେମାନେ ଜାଣନ୍ତି ଏହାର ବିରୋଧ କଲେ ବା ଆଇନର ଆଶ୍ରୟ ନେଲେ ସମସ୍ୟା ବଢ଼ିବ ପଛେ କମିବ ନାହିଁ । ସର୍ଭେରେ ୪୦ ପ୍ରତିଶତ ଝିଅ କହିଥିଲେ, ସେମାନଙ୍କୁ କେହି ଅଶ୍ଳୀଳ ଇଙ୍ଗିତ କଲେ ସେମାନେ ଅଣଦେଖା କରନ୍ତି । କାରଣ ପ୍ରତିକ୍ରିୟା ପ୍ରକାଶ କଲେ ସମାଜ ପ୍ରଥମେ ତାଙ୍କ ଚରିତ୍ରକୁ ସନ୍ଦେହ କରିବ ।

ଏହା ସମସ୍ୟାର ସମାଧାନ ନୁହେଁ । ସାରା ଦେଶରେ ମହିଳା ସଶକ୍ତିକରଣକୁ ନେଇ ଜୋର୍‌ସୋର୍‌ରେ ଚର୍ଚ୍ଚା ଚାଲିଛି । ହେଲେ ଯଦି ଝିଅମାନେ ନିର୍ଭୟ ହୋଇ ରାସ୍ତାରେ ଚାଲି ନପାରିବେ ତା'ହେଲେ ସଶକ୍ତିକରଣର ମୂଲ୍ୟ କ'ଣ ?



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର, ୧୧ ଜାନୁଆରୀ ୨୦୨୧, ସୋମବାର

## ଶ୍ରୀଚୈତନ୍ୟଙ୍କ ପ୍ରତିମୂର୍ତ୍ତି ଅନାବରଣ

**ବାରଙ୍ଗ,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାରଙ୍ଗସ୍ଥିତ ଶ୍ରୀଶ୍ରୀ ସଚ୍ଚିଦାନନ୍ଦ ସାରସ୍ୱତ ଆଶ୍ରମ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛିଛ ମହୋତ୍ସବରେ ଶ୍ରୀ ଚୈତନ୍ୟ ଚରିତାମୃତ, ଶ୍ରୀମଦ୍‌ଭାଗବତ ଏବଂ ଶ୍ରୀଗୁରୁ ମହାରାଜଙ୍କ ଶୁଚକ ପାଠ କୀର୍ତ୍ତନ ଆଦି ପାରମାର୍ଥିକ ଅନୁଷ୍ଠାନ ମାନ ପର୍ଯ୍ୟାୟ କ୍ରମେ ସମ୍ପାଦିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ବାବା ସୁବଳ ଦାସଙ୍କ ନେତୃତ୍ୱରେ ସଚ୍ଚିଦାନନ୍ଦ ସାରସ୍ୱତ ଆଶ୍ରମ ପରିସରରେ ଚୈତନ୍ୟ ଦେବଙ୍କ ପ୍ରତିମୂର୍ତ୍ତି ଅନାବରଣ କରିବା ସହିତ ପ୍ରଭୁଙ୍କର ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ସଙ୍କୀର୍ତ୍ତନ, ପ୍ରବଚନ କାର୍ଯ୍ୟକ୍ରମ ଭକ୍ତଙ୍କ ଗହଣରେ କରାଯାଇଥିଲା । ବାବା ସୁବଳ ଦାସ ପ୍ରଭୁ ଚୈତନ୍ୟ ଦେବଙ୍କ ଜୀବନୀ ଉପରେ ପ୍ରବଚନ ଦେଇଥିଲେ । ପ୍ରଭୁ ଚୈତନ୍ୟ ଦେବ ବାରଙ୍ଗ ମଧୁବନ ଦେଇ ଶ୍ରୀକ୍ଷେତ୍ର ଯାତ୍ରା କରୁଥିବା ବେଳେ ଏହି ସ୍ଥାନରେ ବିଶ୍ରାମ ନେଇଥିଲେ । ତେଣୁ ପ୍ରଭୁଙ୍କ ବିଶ୍ରାମସ୍ଥଳୀକୁ ମୁଖ୍ୟ ପୀଠ ଭାବରେ କରାଯିବା ପାଇଁ ପ୍ରୟାସ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାବା ସୁବଳ ଦାସଙ୍କ ସହିତ ମଧୁପୁର ସରପଞ୍ଚ ସୁମିନା ପ୍ରଧାନ, ବାରଙ୍ଗ ବ୍ଲକର ପୂର୍ବତନ ଚେୟାରମେନ ପ୍ରେମାନନ୍ଦ ସାହୁ, ସମାଜସେବୀ ବସନ୍ତ କୁମାର ମହାପାତ୍ର, ଏଲ ଏନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଶତପଥୀ, ମଧୁବନର ସମାଜସେବୀ ମଣ୍ଟୁ ମାଝୀ, ବିଜୟ କୁମାର ପଣ୍ଡା, ଦେବେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

**ଛତ୍ରପୁର,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ଦାମିୟାନ୍ ନଗର ପ୍ରାଥମିକ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏହି ଶିବିରରେ ଛତ୍ରପୁର ବିଇଓ ଅବିନାଶ ଶତପଥୀ ମୁଖ୍ୟ ଅତିଥୀ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପକରଣ ସାମଗ୍ରୀ ପ୍ରଦାନ କରିଥିଲେ । ୪ଜଣଙ୍କୁ ଟ୍ରାଇ ସାଇକେଲ, ୨ଜଣଙ୍କୁ ହୁଇଲ୍ ଚେୟାର, ୪ଜଣଙ୍କୁ ସିପି ଚେୟାର, ୧୫ଜଣଙ୍କୁ ଏମ.ଆର. କାଟ୍, ୪ଜଣଙ୍କୁ ଶ୍ରବଣ ଯନ୍ତ୍ର, ୨ଜଣଙ୍କୁ ବେଲ୍ କିଟ୍ ଓ ଜଣକୁ ଡେଜିପ୍ଲେୟାର୍ ବଣ୍ଟନ କରାଯାଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଏବିଇଓ ନୃସିଂହ ଚରଣ ମିଶ୍ର, ଶିକ୍ଷକ କୈଳାସ ଚନ୍ଦ୍ର ବେହେରା, ଅନ୍ତେନିବେଶି ସ୍ୱେଚ୍ଛାସେବୀ ଓ ଗୋଷ୍ଠୀ ସମ୍ବଳ ଶିକ୍ଷକ ଅଶ୍ୱିନୀ ପାଇକରାୟ ଓ ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ଦୀପାଳି ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଶ୍ୱିନୀ ପାଇକରାୟ ପରିଚାଳନାରେ ସହଯୋଗ କରିଥିଲେ।

## ଆବାସ ଯୋଜନା ସମ୍ପର୍କରେ ସଚେତନତା

**ନିମାପଡ଼ା,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବିପର୍ଯ୍ୟୟ ସହଣୀ ଗୃହ ନିର୍ମାଣ ନିମନ୍ତେ ବଜାର ଭିତିକ କାର୍ଯ୍ୟକ୍ରମକୁ ପ୍ରତି ଗ୍ରା.ପ.ରେ ଲାଗୁ କରିବା ପାଇଁ ପୁରୀ ଜିଲ୍ଲାର ନୋଡ଼ାଲ ସାମାଜିକ ଅନୁଷ୍ଠାନ ଜାଗେଶ୍ୱରୀ ଯୁବକ ସଂଘ ଅଂଟା ଭିଡ଼ିଥିବା ଦେଖିବାକୁ ମିଳିଛି । ପ୍ରଥମ ଦଫାରେ ସାଇଁଶ ଶାସନ ଏବଂ ରେଞ୍ଚ ଶାସନ ଗ୍ରାମର ପ୍ରଧାନମନ୍ତ୍ରୀ ଆବାସିକ/ବିଜୁ ପକ୍କାଘର ଯୋଜନାର ହିତାଧିକାରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯେଉଁ ହିତାଧିକାରୀ ୧୨୦ ଦିନ ମଧ୍ୟରେ ନିଜ ଘର ନିର୍ମାଣ କାମ ଶେଷ କରିବ ସେହିମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ ମିଳୁଥିବା ସଂପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଗୃହ ନିର୍ମାଣ ସଂପର୍କରେ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରି ଅନୁଷ୍ଠାନ ପକ୍ଷରୁ ପ୍ରିୟଦର୍ଶିନୀ ଦାସ, କୁବେର ନାଥ ପ୍ରମୁଖ ଘର ଘର ବୁଲି ଯେତେଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବ ସେତେ ସୁବିଧା ସୁଯୋଗ ହାସଲ କରିବ ବୋଲି ହିତାଧିକାରୀ ମାନଙ୍କୁ କହିଥିଲେ । ବ୍ଲକ କର୍ତ୍ତୃପକ୍ଷ ଏବଂ ଲାଇନ୍ ଡ଼ିପାର୍ଟମେଣ୍ଟ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ଅନେକ ଗ୍ରା.ପ.ରେ ହିତାଧିକାରୀମାନେ ଅଧା ଗୃହ ନିର୍ମାଣ କରି ବସି ରହିଥିବା ଦେଖିବାକୁ ମିଳିଥିଲା । କେଉଁଠି ଗ୍ରା.ପ. ସଂପ୍ରସାରଣ ଅଧିକାରୀ ନାହାନ୍ତି, ତ କେଉଁଠି ଗ୍ରାମ ରୋଜଗାର ସେବକ ହିତାଧିକାରୀଙ୍କୁ ବାରମ୍ବାର ଦୌଡ଼ାଇ ହଇରାଣ ହରକତ କରୁଥିବା ଅଭିଯୋଗମାନ ବିଡ଼ିଓଙ୍କୁ ଦିଆଯାଇଛି । ନିମାପଡ଼ା ବ୍ଲକ୍‌ରେ ଗତ ୧୮ବର୍ଷ ହେଲା ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ଦିଆଯାଇ ନଥିବା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ସଚେତନତା କାର୍ଯ୍ୟକ୍ରମରେ ୱାର୍ଡ଼ସଭ୍ୟ/ସଭ୍ୟା, ଆଶା ଦିଦି, ଅଙ୍ଗନୱାଡ଼ି ଦିନି, ବ୍ଲକ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେଇ ଆବାସିକ ଯୋଜନାର ହିତାଧିକାରୀଙ୍କୁ ତୁରନ୍ତ ଗୃହ ନିର୍ମାଣ ଶେଷ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଅନ୍ୟାନ୍ୟ ଗ୍ରା.ପ.କୁ ସଂପ୍ରସାରିତ କରାଯିବ ବୋଲି ସଂପାଦକ ନକୁଳ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇ ଅଞ୍ଚଳର ଆଗ୍ରହୀ ବ୍ୟକ୍ତି ବିଶେଷ ସଚେତନତା କାର୍ଯ୍ୟରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ ।

## ଆଦିବାସୀ ଯୁବକଙ୍କୁ ଆକ୍ରମଣ ଘଟଣାରେ କଂଗ୍ରେସ-ବିଜେଡି ମୁହାଁମୁହିଁ

**ବଲାଙ୍ଗିର,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ମାକଡଡୁଆଁ ଆଦିବାସୀ ଯୁବକଙ୍କୁ ଆକ୍ରମଣ ଘଟଣାର ଏଯାଏଁ ସମାଧାନ ବାହାରି ନଥିବା ବେଳେ ଏହି ଘଟଣା ଦୁଇ ଗୋଷ୍ଠୀରୁ ଦୁଇ ପରିବାର ଓ ପରେ ପରେ ଦୁଇ ରାଜନୈତିକ ବିରୋଧୀ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପର କାରଣ ପାଲଟିଛି । ଗତକାଲି ଏହି ଘଟଣାରେ ସଦର ଥାନା ଘେରାଉ କରିବା ସହ କଂଗ୍ରେସ ଦଳ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଉକ୍ତ ଘଟଣାରେ ବିଜେଡି ନେତା ରାଜେନ୍ଦ୍ର ହୋତା ମୁଖ୍ୟ ଅଭିଯୁକ୍ତ ଥିବା ଦର୍ଶାଇ ତାଙ୍କର ଗିରଫ ତଥା ପଦରୁ ନିଲମ୍ବନ ଦାବି କରିଥିଲା । ଆଜି ଜିଲ୍ଲା ବିଜୁ ଜନତା ଦଳ ସମାନ ସ୍ଥାନ ଓ ସମୟରେ ସାମ୍ବାଦିକ ସମ୍ମିଳନୀ କରି ସାମ୍ବାଦିକଙ୍କ ସମ୍ମୁଖରେ ଦଳର ଉତ୍ତର ରଖିଛି । ଜିଲ୍ଲା ବିଜେଡି ଉପସଭାପତି ପ୍ରଦୀପ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳ ମାକଡଡୁଆଁର ଦୁଇ ପରିବାର ଓ ଗୋଷ୍ଠୀ ମଧ୍ୟରେ ଫାଟ ସୃଷ୍ଟି କରି ଅତି ହୀନ ରାଜନୀତି କରୁଛି ବୋଲି ବଜେଡି କହିଛି । ଯୁବ ନେତା ରାଜେନ୍ଦ୍ର ହୋତା ଏହି ଘଟଣାରେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଥିବା ବେଳେ କଂଗ୍ରେସ ଦଳ ତାଙ୍କର ସାଂଗଠନିକ ସାମର୍ଥ୍ୟ ଓ ରାଜନୈତିକ ଉତ୍ଥାନ ପ୍ରତି ଅସୂୟା ମନୋଭାବ ରଖି ଲୋକଙ୍କୁ ତାଙ୍କ ବିପକ୍ଷରେ ଅଯଥା ଉତ୍ତେଜିତ କରୁଛି । ଘଟଣାର ସମାଧାନ ପାଇଁ ଯାଇଥିବା ସରପଞ୍ଚ ତଥା ଗାଁ ମାଟିର ପୁଅ ଶ୍ରୀ ହୋତାଙ୍କ ବିରୁଦ୍ଧରେ ଲୋକଙ୍କୁ ପ୍ରବର୍ତ୍ତାଇ ତାଙ୍କୁ ବଦନାମ କରିବାର ହୀନ ପ୍ରୟାସ କରୁଛି । ଅପରାଧୀକ ପୃଷ୍ଠଭୂମି ସହାୟତାରେ କିଏ ରାଜନୀତି କରି ଆସିଛି, ବାଲାଙ୍ଗିରବାସୀଙ୍କୁ ତାହା ବେଶ ଜଣା । ଏହି ଦଳର ସଦସ୍ୟମାନେ ରାଜନୈତିକ ଉଦ୍ଦେଶ୍ୟରେ ଥାନା ଓ ବ୍ଲକ ପୋଡିବାର ଅତୀତରେ ନଜିର ରହିଛି । ତେଣୁ ସେମାନେ ଅନ୍ୟକୁ ଅପରାଧୀ କହିବା ପୂର୍ବରୁ ନିଜକୁ ଟିକିଏ ପରଖି ନିଅନ୍ତୁ ବୋଲି ଦଳର ନେତାମାନେ ସାମ୍ବାଦିକମାନଙ୍କୁ କହିଥିଲେ । ସେହିପରି ବରକାନୀ ପଞ୍ଚାୟତ ସରପଞ୍ଚ ତଥା ଜିଲ୍ଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ର ହୋତା ଏହି ସମ୍ମିଳନୀରେ ଯୋଗ ଦେଇ କହିଥିଲେ ଯେ, ମୋର ବିପକ୍ଷରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ । ପୋଲିସ ଏତଲାରେ ମୋ ନାଁ ମଧ୍ୟ ନାହିଁ । ଗାଁର ଯୁବକ ତଥା ସରପଞ୍ଚର ଦାୟିତ୍ୱ କ୍ରମେ ପୋଲିସ ଉପସ୍ଥିତିରେ ମୁଁ କେବଳ ଉଭୟ ପରିବାରଙ୍କୁ ବୁଝାସୁଝା କରି ଗାଁରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଥିଲି । କିନ୍ତୁ ମିର୍ଦ୍ଧା ପରିବାରଙ୍କୁ ମୋ ବିରୁଦ୍ଧରେ ପ୍ରବର୍ତ୍ତାଇ ମୋତେ ବଦନାମ କରିବାର ପ୍ରୟାସ କରାଯାଉଛି । ଯଦି ଆବଶ୍ୟକ ହୁଏ ତେବେ ବିଜୁ ଜନତା ଦଳର ଗୋଟିଏ ଶୃଙ୍ଖଳିତ ସଦସ୍ୟ ଭାବେ ମୁଁ ତଦନ୍ତରେ ନ୍ୟାୟପ୍ରାପ୍ତି ପାଇଁ ସମ୍ପୂର୍ଣ୍ଣ ସହେଯାଗ କରିବି ବୋଲି ଶ୍ରୀ ହୋତା ନିଜ ପ୍ରତିକ୍ରିୟାରେ କହିଛନ୍ତି । ଆଜିର ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସଂପାଦକ କୈଳାସ ଚନ୍ଦ୍ର ମହାନ୍ତି, ବରିଷ୍ଠ ସଭ୍ୟ ଲକ୍ଷ୍ମଣ ମେହେର, ପୂର୍ବତନ ପୌର ଅଧ୍ୟକ୍ଷ ପ୍ରଦୀପ ସାହୁ, ଓଡିଶା ମୋ ପରିବାର ଅଧ୍ୟକ୍ଷ ସାଗର ସଙ୍ଗମ ଶତପଥି ଓ ଛାତ୍ର ସଭାପତି ଗୁଞ୍ଜି ଖାନ ମଞ୍ଚାସୀନ ଥିଲେ ।

## କରୋନା ପାଇଁ ବଦଳିଲା ନିୟମ

# ରବିବାର ଖୋଲିଲା ବିଦ୍ୟାଳୟ



**କନ୍ଧମାଳ,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସପ୍ତାହକ ୭ ଦିନ ମଧ୍ୟରେ ରବିବାର ଏକ ଛୁଟିଦିନ ବୋଲି ସମସ୍ତଙ୍କୁ ବେଶ ଭଲ ଭାବେ ଜଣା । ଏହି ଦିନରେ ସ୍କୁଲ, କଲେଜ ସମେତ ରାଜ୍ୟ ଓ କେନ୍ଦ୍ର ସରକାର ଅଧିନସ୍ଥ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ ରହୁଥିବା ବେଳେ କେତେକ ସ୍ଥଳେ ବେସରକାରୀ ଅନୁଷ୍ଠାନ ଅବା ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ଅବା ସକାଳ ଓଳି ଖୋଲା ରହିଥାଏ । ମାତ୍ର ଚଳିତ ବର୍ଷ ଛୁଟିର ଦିନ ଏହି ରବିବାରରେ କିଛିଟା ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି । ଏଣିକି ପ୍ରତି ରବିବାରରେ ଖୋଲା ରହିବ ସ୍କୁଲ । କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ସମେତ ଆଖପାଖରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ଶିକ୍ଷକ, ଶିକ୍ଷୟିତ୍ରୀ ସ୍କୁଲର ଶ୍ରେଣୀ କକ୍ଷରେ ହାତରେ ଚକ ଖଡ଼ି ଧରି ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ କରିବେ ପ୍ରଶାସନ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯିବା ପରେ ୧୦୦ ଦିନର ପାଠପଢାକୁ ଆଗେଇ ନେବା ପାଇଁ ଏଣିକି ରବିବାର ଶିକ୍ଷକ, ଶିକ୍ଷୟିତ୍ରୀମାନେ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷାଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଆଦର୍ଶ ବିଦ୍ୟାଳୟର ଜୈନକ ଶିକ୍ଷକ ନିଜସ୍ୱ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ରବିବାର ମଧ୍ୟ ଏହି ଅଞ୍ଚଳରେ ସ୍କୁଲ ଖୋଲିଛି ଓ ପାଠପଢ଼ା ହୋଇଛି ।ଶିକ୍ଷାବର୍ଷରେ ପ୍ରଥମ ଥର ପାଇଁ ଏପରି ନିଆରା ପଦକ୍ଷେପ ନିଆଯାଇଥିବାରୁ ସେ ଏହାକୁ ସ୍ୱାଗତ କରିଥିଲେ । ସେହିପରି ବାଲିଗୁଡା ଦଣ୍ଡପଦର ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରୀ ସ୍ନେହସ୍ମିତା ପାଣିଗ୍ରାହୀଙ୍କ କହିବା ଅନୁଯାୟୀ, ଦଶମ ଶ୍ରେଣୀ ପରୀକ୍ଷା ନିକଟତର ଥିବାରୁ ରବିବାର ସ୍କୁଲରେ କ୍ଲାସ ହେବା ପାଇଁ ନିଷ୍ପତ୍ତି କରାଯାଇଛି । ଏହା ଖୁବ ଭଲ କଥା, ହେଲେ ରବିବାର ଘରେ ଅନ୍ୟାନ୍ୟ ଯାବତୀୟ କାର୍ଯ୍ୟ ରହୁଛି । ମାଟ୍ରିକ ପରୀକ୍ଷା ସମୟ ପାଖେଇ ଆସୁଥିବାରୁ ମନଲଗାଇ ପାଠ ପଢିବା ସହ ସମସ୍ତ ବିଷୟରେ ଉତ୍ତମ ମାର୍କ ରଖିବାକୁ ଚେଷ୍ଟା ଜାରି ରଖିବା ଉଚିତ ବୋଲି ସେ ମତ ଦେଇଥିଲେ । ଶୁକ୍ରବାର ସ୍କୁଲ ଖୋଲିବା ପରେ ଛାତ୍ରଛାତ୍ରୀଙ୍କୁ ପ୍ରତି ରବିବାରରେ ଶ୍ରେଣୀକକ୍ଷରେ ଶିକ୍ଷାଦାନ କରାଯିବ ବୋଲି ବିଭିନ୍ନ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । କେବଳ ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା, ଉତ୍କଳ ଦିବସରେ ସ୍କୁଲ ଛୁଟି ରହିବା ଯୋଗୁ ଶ୍ରେଣୀକକ୍ଷରେ ଶିକ୍ଷାଦାନ ବନ୍ଦ ରହିବ ବୋଲି ଜଣାପଡ଼ିଛି । ଗତ ଶୁକ୍ରବାର ସ୍କୁଲର ପ୍ରଥମ ଦିନରେ କନ୍ଧମାଳ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପ୍ରାୟ ଅଧା ରହିଥିବା ଦେଖିବାକୁ ମିଳିଥିବା ବେଳେ, ରବିବାରରେ ସ୍କୁଲରେ ପିଲାଙ୍କ ସଂଖ୍ୟା କମିପାରେ ବୋଲି କିଛି ଶିକ୍ଷାବିତଙ୍କ ମହଲରେ ମତ ପ୍ରକାଶ ପାଇଛି ।

## ବଧୂହତ୍ୟା ଘଟଣାରେ ସାଂସଦଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଲା କଂଗ୍ରେସ

**ନବରଙ୍ଗପୁର,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବହୁଚର୍ଚ୍ଚିତ ଉମରକୋଟ ବଧୂହତ୍ୟା ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟକୁ ଲୋକଲୋଚନକୁ ଆଣିଛି ନବରଙ୍ଗପୁର ଜିଲ୍ଲା କଂଗ୍ରେସ। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଜିଲ୍ଲା ସଭାପତି ମୁନା ତ୍ରିପାଠୀ ଓ ରାଜ୍ୟ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ବଧୂହତ୍ୟା ଘଟଣାର ଏକ ଓଡିଆ ଜାରି କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଗତ ୫ ତାରିଖ ଦିନ ଉମରକୋଟ ବଡକୁମାରୀର ୟୁ ଭି ୫୨ ଗ୍ରାମର ବିପ୍ଳବ ବିଶ୍ୱାସ ନିଜ ସ୍ତ୍ରୀ ସୀପ୍ରା ସରକାରଙ୍କୁ ହତ୍ୟା କରି ୩ ମାସର କୋମଳମତି ପୁଅଟିକୁ ଏକ ବସ୍ତାରେ ଭରି ଥାନାରେ ପହଞ୍ଚି ନିଜକୁ ଆତ୍ମସମର୍ପଣ କରିଥିଲା। ତେବେ ହତ୍ୟାକାଣ୍ଡ ପୂର୍ବରୁ ବିପ୍ଳବ ତା' ମାଆ ସହ ଫୋନରେ ହୋଇଥିବା ବାର୍ତ୍ତାଳାପର ରେକର୍ଡିଂକୁ କଂଗ୍ରେସ ଗଣମାଧ୍ୟମ ସମ୍ମୁଖରେ ରଖିଥିଲେ। ବଙ୍ଗଳା ଭାଷାରେ ବାର୍ତ୍ତାଳାପର ଏହି ରେକର୍ଡିଂରେ ହତ୍ୟାକାରୀ ରାଜନେତାଙ୍କ ଠାରୁ ଆରମ୍ଭ କରି ପୋଲିସ ଓ ଓକିଲଙ୍କ ନାମ ସେଥିରେ ଉଚ୍ଚାରଣ କରିଛି । ଏହାକୁ କଂଗ୍ରେସ ଦୃଢ ନିନ୍ଦା କରିବା ସହ ହତ୍ୟାକାରୀ ଯୋଜନାବଦ୍ଧ ଭାବେ ହତ୍ୟା କରି ଆତ୍ମସମର୍ପଣ କରିଛି । ଏହି ଜଘନ୍ୟ ଅପରାଧ ପଛରେ ହତ୍ୟାକାରୀଙ୍କୁ ଯେଉଁମାନେ ପ୍ରୋତ୍ସାହିତ କରିଛନ୍ତି ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ପ୍ରଦୀପ ମାଝୀ ଦାବି କରିଛନ୍ତି । ସଭାପତି ଶ୍ରୀ ତ୍ରିପାଠୀଙ୍କ ଦାବି ଅନୁଯାୟୀ, ହତ୍ୟାକାଣ୍ଡ ସମ୍ପର୍କରେ ଆଲୋଚନା କରିବା ପାଇଁ ବିପ୍ଳବର ଯେଉଁ ସାଙ୍ଗ ନବରଙ୍ଗପୁର ଠାରୁ ଆସି ଏସଡିପିଓ ହେମନ୍ତ କୁମାର ପାଢୀଙ୍କ ସହ କଥା ହୋଇଥିଲେ ତାଙ୍କୁ ଓ ଏସ ଡି ପି ଓଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ । ଆଇଆଇସି ନରେଶଚନ୍ଦ୍ର ପ୍ରଧାନଙ୍କ ସମ୍ମୁଖରେ ବସି ବିପ୍ଳବ ରାଜନେତା ଓ ଓକିଲମାନଙ୍କ ସହ ଆଲୋଚନା କରିଥିଲେ,ତେଣୁ ଆଇଆଇସିଙ୍କୁ ମଧ୍ୟ ତଦନ୍ତ କରାଯାଉ। ସାମଲ ନାମକ ବ୍ୟକ୍ତି କିଏ ତାଙ୍କୁ ଖୋଜି ବାହାର କରି ଜେରା କରାଯାଉ। ସାଂସଦ ରମେଶ ଚନ୍ଦ୍ର ମାଝୀଙ୍କ କେଉଁ ପିଏ ମଧ୍ୟସ୍ଥି ହୋଇ ବିପ୍ଳବକୁ ଧୈର୍ଯ୍ୟ ଦେବା ସହ ବିପ୍ଳବ ଓ ସାଂସଦଙ୍କ ମଧ୍ୟରେ କଥା କରାଇଥିଲେ। ଉକ୍ତ ପିଏଙ୍କ କଲର ସତ୍ୟତା ଯାଞ୍ଚ କରାଯାଉ। ରମେଶ ମାଝୀଙ୍କ ସହ କଥା ବାର୍ତ୍ତା ହେବା ଅବସରରେ ସାଂସଦ ଦୋଷୀଙ୍କୁ ୧୨ ଦିନ ମଧ୍ୟରେ ଜେଲରୁ ବାହାର କରିବି ନଚେତ ରାଜନୀତିରୁ ସନ୍ନ୍ୟାସ ନେବି ବୋଲି କହିଥିବା ହତ୍ୟାକାରୀ ଯେଭଳି ଚିତ୍ରଣ କରିଛି ଏହି ମନ୍ତବ୍ୟକୁ ମଧ୍ୟ ଯାଞ୍ଚ କରାଯାଉ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ମନ୍ତବ୍ୟକୁ ମଧ୍ୟ ଦୋଷୀ ଚିତ୍ରଣ କରିଛି ତାହାର ମଧ୍ୟ ଅନୁସନ୍ଧାନ କରାଯାଉ। ଉମରକୋଟର ଏକ ହୋଟେଲ ଠାରେ ଦୋଷୀ ନିଜ ଦୋଷ ଲୁଚାଇବାପାଇଁ କେଉଁ ୨୩ ଓକିଲ ଓ ୧୩ ରାଜନେତାଙ୍କ ସମେତ ଆରକ୍ଷୀ ବିଭାଗର ଅଧିକାରୀଙ୍କୁ ୫୩ ହଜାର ଟଙ୍କା ଖର୍ଚ୍ଚ କରି ଖୁଆଇଥିଲେ ସେ ସମୟର ସିସି ଫୁଟେଜ ବାହାର କରି ଅନୁସନ୍ଧାନ କରାଯାଉ। ପୀଡ଼ିତା ସିପ୍ରାଙ୍କ ମା' ବାପାଙ୍କ ବୟାନକୁ ଗୁରୁତ୍ୱ ଦିଆଯାଉ। ଯେ ହେତୁ ଏଥିରେ ସରକାରୀ ଦଳ ଲୋକ ପ୍ରତିନିଧି ଓ ପୋଲିସ ବିଭାଗର ନାମ ଯୋଡି ହୋଇଛି ତେଣୁ ଏହାକୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ନଚେତ ଏସଆଇଟି ଦ୍ୱାରା ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି ଶ୍ରୀ ତ୍ରିପାଠୀ। ଯଦି ଏହି ଘଟଣାର ଉଚିତ ତଦନ୍ତ ନହୁଏ ତେବେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମନାରେ ଆଉ ଏକ ପରୀ ପରିବାରର ପୁନରାବୃତ୍ତି ଘଟିବ ବୋଲି ଚେତାବନୀ ଦେଇଛି କଂଗ୍ରେସ।

## ଭାଲୁ ଆକ୍ରମଣରେ ତିନି ଗୁରୁତର

**କେନ୍ଦୁଝର,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ସହର ନିକଟବର୍ତ୍ତୀ ନରଣପୁର ହାଇସ୍କୁଲ ପାଖରେ ଭାଲୁ ଆକ୍ରମଣରେ ତିନି ଜଣ ଗୁରୁତର ହୋଇଛନ୍ତି । ସୂଚନା ଅନୁସାରେ, ଗତକାଲି ରାତିରେ ଏକ ଭାଲୁ କୋଳି ଖାଇବାକୁ ନରଣପୁର ହାଇସ୍କୁଲ ପରିସରକୁ ପଶି ଆସିଥିଲା । ତେବେ ରାତିରେ କୋଳି ଖାଇବା ପରେ ଭାଲୁଟି ଆଉ ଯାଇ ପାରି ନଥିଲା । ଆଜି ସକାଳେ ଲୋକେ ଏହାକୁ ଦେଖି ଘଉଡ଼ାଇବା ବେଳେ ଭାଲୁଟି ସେଠାରେ ଉପସ୍ଥିତ ଥିବା ଲୋକଙ୍କ ଉପରକୁ ଝାମ୍ପି ପଡ଼ିଥିଲା । ଫଳରେ ନରଣପୁରର ଭାଗବତ ସାହୁ(୪୮), ମାୟାଧର ବେହେରା(୫୦) ଏବଂ ବସନ୍ତ କୁମାର କର(୫୭) ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି ।

## ନିମାପଡ଼ାକୁ ସବ୍‌ଡ଼ିଭିଜନ୍ ମାନ୍ୟତା ଦାବି

**ନିମାପଡ଼ା,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡ଼ା ଭଳି ଏକ ଜନଗହଳି ଅଞ୍ଚଳ ଏବଂ ଶାନ୍ତିପ୍ରିୟ ଅଞ୍ଚଳର ନେତାମାନେ ନିମାପଡ଼ାକୁ ସବ୍‌ଡ଼ିଭିଜନ୍ ଘୋଷଣା କରାଇବାରେ ବିଫଳ ହୋଇଛନ୍ତି । ନିମାପଡ଼ାକୁ ଉପଖଣ୍ଡ ଘୋଷଣା ପାଇଁ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକଙ୍କ ଉଦ୍ୟମ ଥିଲା। କିନ୍ତୁ ସ୍ଥାନୀୟ ନେତୃବର୍ଗଙ୍କ ଯୋଗୁ ତାହା ହୋଇପାରିଲା ନାହିଁ ଏଠାରେ ଆଲୋଚିତ ହୋଇଥିଲା । ନିର୍ବାଚନ ସମୟରେ ବିଭିନ୍ନ ଦଳର ନେତା ଏହି ପ୍ରସଂଗକୁ ଆଧାର କରି ଭରପୁର ଫାଇଦା ଉଠାଇଥିଲେ ମଧ୍ୟ ପରବର୍ତ୍ତୀ କାଳନରେ ଉଦ୍ୟମ ନ କରିବା ପରିତାପର ବିଷୟ । ଏହି ପ୍ରସଂଗକୁ ନେଇ ସବଡ଼ିଭିଜନ୍ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇ ପ୍ରତ୍ୟେକ ବ୍ଲକ ସାମ୍ନାରେ ଧାରଣା ଦିଆଯିବା ସାଂଗକୁ ବିଧାନସଭା ସାମ୍ନାରେ ମଧ୍ୟ ଦିନିକିଆ ଧାରଣା ଦିଆଯାଇଥିବା ନଜିର ଅଛି । ନିମାପଡ଼ା ଓ କାକଟପୁର ନିର୍ବାଚନ ମଣ୍ଡଳୀର ୨ଜଣ ମନ୍ତ୍ରୀ ଶାସକ ଦଳର ନେତୃତ୍ୱ ନେଉଥିଲେ ହେଁ ଏ ସଂକ୍ରାନ୍ତରେ ଚୁପ ରହିବା ନେଇ ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରିଛି । ନିଜ ମାଟି ପାଇଁ ନେତାଙ୍କ ସ୍ୱର ଏତେ କ୍ଷୀଣ କାହିଁକି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ ବ୍ଲକ୍ ସମେତ ୩ଟି ଏନ୍.ଏ.ସି. (ନିମାପଡ଼ା, କୋଣାର୍କ, ପିପିଲି) ଉପଖଣ୍ଡ ଅଞ୍ଚଳରେ ସାମିଲ ହେବା ନେଇ ପ୍ରସ୍ତାବ କେବେ କାର୍ଯ୍ୟକାରୀ ହେବ ତାହା ସାଧାରଣରେ ତୀବ୍ର ପ୍ରତିକ୍ରିୟ ସୃଷ୍ଟି କରିଛି । ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ନିମାପଡ଼ା ଶାଖା ପକ୍ଷରୁ ସର୍ବ ପ୍ରଥମେ ଦିଘାଳ ଠାରେ ୪ଟି ବ୍ଲକ୍‌ର ନେତୃ ମଣ୍ଡଳୀ ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ସର୍ବ ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଉପଖଣ୍ଡ ଘୋଷଣା ପାଇଁ ଆନ୍ଦୋଳନ ଓ କମିଟି ଗଠନ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ନିମାପଡ଼ା ସବ୍‌ଡ଼ିଭିଜନ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଇନଜୀବୀ ସୁଧୀର ମହାନ୍ତି, ରଂଜିତ ସାହୁ, ଅସ୍ତରଂଗ ବ୍ଲକ୍ ଅଧ୍ୟକ୍ଷ ସ୍ୱାଧୀନ ନାୟକ, ମଞ୍ଚ ସଭାପତି ଗଦାଧର ପରିଡ଼ା, ସଂପାଦକ ପ୍ରଶାନ୍ତ ସାହୁ, ସି.ପି.ଆଇ. ନେତା ଦେବେନ୍ଦ୍ର ସାହୁ, ଓକିଲ ସଂଘ, ସାମ୍ବାଦିକ ସଂଘ, ବ୍ୟବସାୟୀ ସଂଘ ସମେତ ଅନେକ ଅନୁଷ୍ଠାନର ସହଯୋଗ ଲୋଡ଼ି କାର୍ଯ୍ୟକ୍ରମକୁ ଆଗେଇ ନେଇଥିବା ବେଳେ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣଙ୍କ ତରଫରୁ ଦାବି ହୋଇଛି । କେବେ ଉପଖଣ୍ଡ ଘୋଷଣା ହେବ ତାହା କେବଳ ରାଜସ୍ୱ ବିଭାଗର ବଡ଼ପଣ୍ଡାଙ୍କୁ ଜଣା । ମାସ ମାସ ଧରି ଆନ୍ଦୋଳନ, ଧାରଣା, ଧର୍ମଘଟ ସହ ଦସ୍ତଖତ ଅଭିଯାନ ଚାଲିଥିଲା କିନ୍ତୁ ଦୁର୍ବଳ ରାଜନୈତିକ ନେତୃତ୍ୱ ଯୋଗୁଁ ଆଜି ପର୍ଯ୍ୟନ୍ତ ତାହା ସମ୍ଭବପର ହୋଇପାରି ନାହିଁ । ଏଣୁ ନିମାପଡ଼ାବାସୀ ଏ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର ନିବେଦନ କରିଛନ୍ତି ।

## ବନ୍ଦ ପଡ଼ିଥିବା ବିଏଡ୍ କଲେଜ୍ ଖୋଲିବାକୁ ଦାବି

**କଟକ,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ସମେତ ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ବି.ଏଡ୍ କଲେଜଗୁଡକରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ତୁରନ୍ତ ନିଯୁକ୍ତି ଦେବା ତଥା ଆବଶ୍ୟକ ଭିତିଭୂମି ଯୋଗାଇଦେଇ ତୁରନ୍ତ ସ୍ୱଭାବିକ ଭାବେ କର୍ଯ୍ୟକ୍ଷମ କରିବା ଦାବିରେ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ସୁରକ୍ଷା କମିଟି ପକ୍ଷରୁ ଅନ୍‌ଲାଇନ୍ ମାଧ୍ୟମରେ ଏକ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି । ଏହି କନ୍‌ଭେନ୍‌ସନ୍‌ରେ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ପାଣି ଓ ପୂର୍ବତନ ଛାତ୍ର ବିନୋଦ ସେଠୀ ଯଥାକ୍ରମେ ସଭାପତିତ୍ୱ ଓ ସଂଯୋଜନା କରିଥିଲେ। ରାଧାନାଥ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ ସମେତ ରାଜ୍ୟର ସମସ୍ତ ବି.ଏଡ୍ କଲେଜରେ ଦୀର୍ଘ ବର୍ଷଧରି ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଓ କର୍ମଚାରୀ ତଥା ଭିତିଭୂମିର ଅଭାବ ଦର୍ଶାଇ ଏନ୍.ସି.ଟି.ଇ. ଏହି କଲେଜଗୁଡିକରୁ ଗତବର୍ଷ ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। ଫଳରେ ଚଳିତ ବର୍ଷ ଏହି ସମସ୍ତ କରେଜଗୁଡିକରେ ନାମଲେଖା ବନ୍ଦ ହୋଇଯାଇଛି। ଏହି ସମସ୍ତ କଲେଜରେ ବର୍ତ୍ତମାନ ମୋଟ୍ ୫୦ଜଣରୁ କମ୍ ଅଧ୍ୟାପକ ଅଛନ୍ତି ଏବଂ ୧୯୯୯ ମସିହାରେ ହିଁ ଶେଷଥର ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଇଥିଲା। ଯଦି କଲେଜ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାନଯାଏ ତେବେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୟଙ୍କର ବିପଦ ମୁଖକୁ ଠେଲି ହୋଇଯିବ ବୋଲି କନ୍‌ଭେନ୍‌ସନ୍‌ରେ ମତପ୍ରକାଶ ପାଇଥିଲା। ଏଣୁ ସରକାର ଏହି ଶିକ୍ଷାନୁଷ୍ଠାନଗୁଡିକୁ ତୁରନ୍ତ ସ୍ୱଭାବିକ ଭାବେ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର ଭି.ବି ଶାସ୍ତ୍ରୀ, ପ୍ରଫେସର ଭାରତୀ ମହାପାତ୍ର, ପ୍ରଫେସର ସୁଭାଷ ଚନ୍ଦ୍ର ପଣ୍ଡା, ପ୍ରଫେସର ବ୍ରଜକିଶୋର ପଟ୍ଟନାୟକ, ପ୍ରଫେସର ପ୍ରେମଲତା ମହାପାତ୍ର, ପ୍ରଫେସର ଖାରବେଳ ମହାନ୍ତି, ମହାନଗର ନାଗରିକ ମଂଚର ଆବାହକ ଚିତ ରନ ମହାନ୍ତି, ଆଇନଜୀବୀ ବିଜୟ ରାଉତରାୟ,ଆଇନଜୀବୀ ସୁକାନ୍ତ ନାୟକ, ଆଇନଜୀବୀ କ୍ଷିରୋଦ ରାଉତ, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ପ୍ରଫେସର ଅକ୍ଷୟ ଦାସ, ଡକ୍ଟର ଦାମୋଦର ମହାପାତ୍ର, ଡକ୍ଟର ଗୋପାଳ ଚରଣ ବିଶ୍ୱାଳ, ଡକ୍ଟର ରବିପ୍ରିୟା ଦେବୀ, ଡକ୍ଟର ଯୁଧିଷ୍ଠିର ଖଟୁଆ, ଡକ୍ଟର ଲକ୍ଷ୍ମୀ ମିଶ୍ର, ସମାଜସେବୀ ଡଲି ଦାଶ, ପୂର୍ବତନ ଛାତ୍ର ମାନସ ଦାଶ, ବିଜୟ ସାହୁ, ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତି ଥିଲେ ।

## ପାଇଖାନା ସଫା କରି ଚର୍ଚ୍ଚାରେ ଶିକ୍ଷକ

**ମାଲକାନଗିରି,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



କରୋନା କଟକଣା ମଧ୍ୟରେ ବିଦ୍ୟାଳୟ ଖୋଲିଛି । ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନେ ଆଜି ଖୁବ୍ ଆନନ୍ଦରେ ବହି ବସ୍ତାନି ଧରି ନିଜନିଜ ଅଭିଭାବକ/ ଅଭିଭାବିକାମାନଙ୍କ ସହିତ ଆନନ୍ଦରେ ବିଦ୍ୟାଳୟକୁ ଆସିଛନ୍ତି । ଦୀର୍ଘ ଦଶମାସ ଅନ୍ତରରେ ବିଦ୍ୟାଳୟରେ ପ୍ରବେଶ କରିଛନ୍ତି । ବର୍ତ୍ତମାନ ଜୀବନକୁ ବଦଳାଇ ଦେଇଛି କରୋନା । ମହାମାରୀର ଆତଙ୍କ ଏବେବି ମନରୁ ଯାଇନି । ଆଶଙ୍କାରେ ପୃଥିବୀ । ତଥାପି କର୍ମ କରିବାକୁ ହେବ । ବଞ୍ଚିବାକୁ ହେବ । ବିଦ୍ୟାଳୟ ଯିବାକୁ ହେବ । ପାଠ ପଢ଼ିବାକୁ ପଡ଼ିବ । ସେହି ଦମ୍ଭୋକ୍ତି ମନରେ ଭରି ସାହସ କରି ବିପଦକୁ ଖାତିର ନକରି ବାପାମାଆମାନେ ନିଜ ନିଜର ପିଲାମାନଙ୍କୁ ବିଦ୍ୟାଳୟରେ ଛାଡୁଛନ୍ତି । ଶିକ୍ଷକ ଶିକ୍ଷୟିତ୍ରୀମାନେ ବି ସଜାଗ । ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶିକ୍ଷକମାନେ ଯଥାସାଧ୍ୟ ଚେଷ୍ଟା କରିଛନ୍ତି, ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରି ସୁସ୍ଥ ପରିବେଶରେ ପାଠ ପଢ଼ାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ଏପରିକି ପିଲାମାନଙ୍କର ଯେପରି କୋଣସି ଅସୁବିଧା ନହୁଏ, ଶିକ୍ଷକ ମାନେ ନିଜେ ଝାଡୁ କରିବା ଓ ପାଇଖାନା ସଫା କରିବା ଭଳି କାର୍ଯ୍ୟ କରି ସୁସ୍ଥ ପରିବେଶ ତିଆରି କରିଛନ୍ତି । ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟରେ । ସେହି ବିଦ୍ୟାଳୟର ଶିକ୍ଷକ କରୁଣାକର ମଲିକ ଯିଏକି ପରିବେଶ ଉପରେ ସର୍ବଦା ଯତ୍ନବାନ, ସେ ନିଜେ ପାଇଖାନା ସଫା କରିବା ଓ ଝାଡୁ ମାରିବା ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ସର୍ବାଦୌ ତାଙ୍କର କାର୍ଯ୍ୟ ସର୍ବଦା ପ୍ରଶଂସନୀୟ । ବିଦ୍ୟାଳୟ ଖୋଲିବା ପୂର୍ବରୁ ଓପେପା ଉପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ମିଶ୍ର ଉକ୍ତ ବିଦ୍ୟାଳୟ ପରିଦର୍ଶନ କରି ବେଶ୍ ଖୁସି ହୋଇଥିଲେ ।

## ନବଜାତର ମୃତଦେହ ଉଦ୍ଧାର

**ରାଉରକେଲା,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଉରକେଲା ବନ୍ଧମୁଣ୍ଡା ଥାନା ଡୁମେର୍ତା ପୋଖରୀ ହୁଡାରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି । ଆଜି ସକାଳୁ ସ୍ଥାନୀୟ ଲୋକ ଶିଶୁଟିର ମୃତଦେହ ପୋଖରୀ ନିକଟ ବୁଦା ମୂଳେ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ବନ୍ଧମୁଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶିଶୁଟିର ମୃତଦେହ ଉଦ୍ଧାର କରିଛି । ତେବେ ନବଜାତ ଶିଶୁଟିକୁ ମାରି ପୋଖରୀରେ ପକେଇ ଦିଆଯାଇଛି କିମ୍ବା ଶିଶୁଟି କୌଣସି କାରଣରୁ ମରିଗଲା ପରେ ତାକୁ କେହି ପୋଖରୀରେ ପକେଇ ଦେଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପ୍ରାୟ ୨, ୩ ଦିନ ହେବ ମୃତ ଶିଶୁଟିକୁ ପୋଖରୀରେ ଗାମୁଛାରେ ଗୁଡେଇ ପକେଇ ଦିଆଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଶିଶୁଟିର ମୃତଦେହଟି ଶଢ଼ି ଯାଇଥିବାରୁ ଚିହ୍ନଟ କରିବା କଷ୍ଟ ହୋଇପଡିଛି । ଗାମୁଛା ଖୋଲିଲା ପରେ ଶିଶୁଟି ଛୋଟ କପଡା ପିନ୍ଧିଥିବାର ଦେଖିବାକୁ ମିଳିଛି । ତେବେ ମୃତ ଶିଶୁଟିର ବୟସ ୨, ୩ ମାସର ହେବ ବୋଲି ଅନୁମାନ କରାଯାଉଛି ।

## ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**ତିହିଡ଼ି,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସଦର ବଜାରର ବହୁ ପ୍ରତିକ୍ଷୀତ ଶୌଚାଳୟ, ଷ୍ଟ୍ରିଟ୍‌ଲାଇଟ୍ ଓ ସୌରଚାଳିତ ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥିଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଏହିସବୁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥିଭାବେ ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଧାମନଗର ବିଧାୟକ ତଥା ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ, ଉପାଧ୍ୟକ୍ଷ ମାନସ ପାଠୀ, ବିଡିଓ ବସନ୍ତ କୁମାର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଦୀର୍ଘଦିନ ଧରି ଲୋକମାନଙ୍କର ଦାବିକୁ ଆଖିଆଗରେ ରଖି ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ନାୟକଙ୍କ ଏହି ସବୁ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିବା ଜଣାଯାଇଛି। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୌଚାଳୟ ନିର୍ମାଣ ଓ ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନରୁ ୧୦ଲକ୍ଷ ଟଙ୍କ ବ୍ୟୟ ବରାଦ କରାଯାଇଛି। ସେହିପରି ରାଜ୍ୟ ପଞ୍ଚମ ଅର୍ଥ କମିଶନ ଅନୁଦାନରୁ ୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ଲକ ଛକ ଠାରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ରାସ୍ତାର ଉଭ ୟ ପାର୍ଶ୍ୱକୁ ଆଲୋକୀକରଣ କରାଯିବା ପାଇଁ ବ୍ୟୟ ବରାଦ କରାଯାଇଛି।

# ତନ୍ତୁବାୟ ସହଯୋଗ ସମିତି କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି

**ଚଣ୍ଡିଖୋଲ,୧୦।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ତନ୍ତୁବାୟ ସହଯୋଗ ସମିତି ମଜଦୁର ସଂଘ ପକ୍ଷରୁ କର୍ମଚାରୀମାନଙ୍କର ଏକ ବୈଠକ ଚଣ୍ଡିଖୋଲ ଛକ ନିକଟସ୍ଥ ନିଳକଣ୍ଠେଶ୍ୱର ମନ୍ଦିର ପରିସରରେ ସଂଘର ସଭାପତି ବିଜୟ କୁମାର ଦତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଧାରଣ ସମ୍ପାଦକ ମକର ଧ୍ୱଜ ଗୁଇଁ, ସଂପାଦକ ପ୍ରଦୀପ୍ତ କୁମାର ଗୁଇଁ, ସଭ୍ୟ ବାବାଜୀ ଚରଣ ବେହେରା, ରବିନ୍ଦ୍ର ସେନାପତି, ବିଶ୍ୱନାଥ ଦାସ, ବାସୁଦେବ ଦାସ, ମଦନ ମୋହନ ପାତ୍ର, ଜଗବନ୍ଧୁ ପରମାଣିକ, ପ୍ରଭାତ ମହାନ୍ତି, ପ୍ରଦୀପ୍ ବେହେରା, ଚିନ୍ତାମଣି ପରମାଣିକ, ଦିଲିପ୍ କୁମାର ଗୁଇଁ, ସଙ୍କର୍ଷଣ ବେହେରା ସମେତ ଅନ୍ୟ ସଭ୍ୟମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାଧାରଣ ସଂପାଦକ ମକର ଧ୍ୱଜ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରି ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ସଭାରେ ସମସ୍ତ କର୍ମଚାରୀ ଓ ସମିତି ଗୁଡ଼ିକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ବିଭିନ୍ନ ପ୍ରକାରର ପ୍ରସ୍ତାବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କରୋନା ସମୟରେ ରାଜ୍ୟ ସରକାର ବିଭିନ୍ନ ସଂସ୍ଥାମାନଙ୍କୁ ସାହାର୍ଯ୍ୟ ଯୋଗାଇ ଦେଇଥିବା ସମୟରେ ତନ୍ତୁବାୟ ବିଭାଗର କର୍ମଚାରୀ ଓ ମଜଦୁରମାନଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାରର ସାହାର୍ଯ୍ୟ ଯୋଗାଇ ଦେଇ ପାରିନାହିଁ ବୋଲି



ଆଲୋଚନା ହୋଇଥିଲା। ତନ୍ତୁବାୟ ବିଭାଗର କର୍ମଚାରୀ ଓ ବୁଣାକାରମାନଙ୍କ ଦାବି ପୂରଣ ପାଇଁ ସରକାରଙ୍କ ନିକଟରେ ସଭା ପକ୍ଷରୁ ଦୃଢ଼ ଦାବି କରାଯାଇଛି । କର୍ମଚାରୀମାନଙ୍କୁ ସରକାରଙ୍କ ଠାରୁ ଦରମା ବାବଦକୁ ଅନୁଦାନ ମିଳିବା, ବୁଣାକାରମାନଙ୍କୁ ପରିଚୟ ପତ୍ର ମିଳିବା, ବୁଣାକାରମାନଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନା, ଜୀବନ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଇବା, ସରକାରୀ ରିହାତିରେ ଲୁଗା ବିକ୍ରି ରିବେଟ୍ ଅର୍ଥକୁ ବେବସାୟ ଜମା ଖାତା ସେଭିଙ୍ଗ୍ ବ୍ୟାଙ୍କରେ ଜମା ଦେବା, ଅକ୍ଷୟ କୋଷ ଜମା ଅର୍ଥକୁ ବ୍ୟବସାୟରେ ବିନିଯୋଗ କରିବା ସହିତ ଦୀର୍ଘ ଦିନର ଦାବିକୁ ତୁରନ୍ତ କାର୍ଯ୍ୟକାରୀ କରାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି । ସମିତିର କର୍ମଚାରୀମାନଙ୍କର ଦୀର୍ଘ ବର୍ଷର ଦାବି ଦରମା ବାବଦକୁ ଅନୁଦାନ ତୁରନ୍ତ ପ୍ରଦାନ କରାନଗଲେ। ସରକାରଙ୍କ ଠାରୁ ସମିତିର କାର୍ଯ୍ୟ ପାଇଁ ଦିଆଯାଇଥିବା କମ୍ପ୍ୟୁଟର ଗୁଡ଼ିକୁ ସମିତିର ସମ୍ପାଦକ ମାନେ ଗ୍ରହଣ କରିବେ ନାହିଁ ବୋଲି ଚେତାବନୀ ଦିଆଯାଇଛି । ଶେଷରେ ଜଗବନ୍ଧୁ ପରମାଣିକ ଉପସ୍ଥିତି ଥିବା ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସେ କହିଲେ



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୧ ଜାନୁଆରୀ ୨୦୨୧, ସୋମବାର

ଓଡ଼ିଶା ଏକ୍ସପ୍ରେସ୍

■ ପଶ୍ଚିମବଙ୍ଗରେ ମାଗଣାରେ ଦିଆଯିବ କରୋନା ଟିକା : ମମତା ବାନାର୍ଜୀ

■ ଅଷ୍ଟ୍ରେଲିଆ ଦର୍ଶକଙ୍କ ଗାଳି ବରଦାସ୍ତ କରାଯିବ ନାହିଁ : ବିରାଟ କୋହଲି

# ତୃତୀୟ ଟେଷ୍ଟ : ଭାରତର ଦୃଢ଼ ଜବାବ

**ସିଡ୍‌ନି: ଏଜେନ୍ସି**



ତୃତୀୟ ଟେଷ୍ଟରେ ବିଜୟ ପାଇଁ ଭାରତକୁ ଦରକାର ୪୦୭ ରନ୍ । ଏହି ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଟିମ୍ ଇଣ୍ଡିଆ ଦେଖାଇଛି ଦମ୍‌ଦାର ପ୍ରଦର୍ଶନ । ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସ୍‌ରେ ବି ଦୁଇ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ୍ ଦେଇଛନ୍ତି ଭଲ ଆରମ୍ଭ । କିନ୍ତୁ ଦୁହେଁ କ୍ରିଜ୍‌ରେ ଟିଷ୍ଠି ରହିବାରେ ବିଫଳ ହୋଇଛନ୍ତି । ରୋହିତ ୫୨ ରନ୍ (୯୮ ବଲ୍, ୫ ଚୌକା, ୧ ଛକା) କରି ଆଉଟ୍ ହୋଇଯାଇଥିବା ବେଳେ ଶୁବମନ ଗିଲ୍ ୩୨ ରନ୍ (୬୪ ବଲ୍, ୪ ଚୌକା) କରି ଆଉଟ୍ ହୋଇଯାଇଛନ୍ତି । ଚେତେଶ୍ୱର ପୂଜାରା ୯ ଓ ଅଧିନାୟକ ଆଜିଙ୍କ୍ୟ ରାହାଣେ ୪ ରନ୍ କରି ଅପରାଜିତ ଅଛନ୍ତି । ଏହା ସହିତ ଆଜି ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ଦଳ ୯୮ ରନ୍ କରିଛି । ଜିତିବା ପାଇଁ ଦଳକୁ ଦରକାର ଆହୁରି ୩୦୯ ରନ୍ ।

ମ୍ୟାଚ୍ ଜିତିବାକୁ ହେଲେ ପୂଜାରା ଓ ରାହାଣେଙ୍କୁ ବଡ଼ ସ୍କୋର କରିବାକୁ ହେବ । କାରଣ ଆହତ ରବୀନ୍ଦ୍ର ଜାଡ଼େଜା ବ୍ୟାଟିଂ କରିବାକୁ ଆସିପାରିବେ ନାହିଁ । ସେହିପରି ଆହତ ଋଷଭ ପନ୍ତ ବ୍ୟାଟିଂ କରିବାକୁ ମଧ୍ୟ ଆସିପାରିବେ ନା ନାହିଁ । ଭଲ ଆରମ୍ଭ ସତ୍ତ୍ୱେ ଭାରତ ପାଇଁ ସଙ୍କଟ ଟଳିନାହିଁ । ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୍‌ରେ ୬ ୱିକେଟ୍ ହରାଇ ୩୧୨ ରନ୍ କରିବା ପରେ ପାଳି ଘୋଷଣା କରିଥିଲା । ଦଳ ପ୍ରଥମ ଇନିଂସ୍‌ରେ ୯୪ ରନ୍ ଅଗ୍ରଣୀ ଲାଭ କରିଥିଲା ।

ଦ୍ୱିତୀୟ ଇନିଂସ୍‌ରେ ଅଷ୍ଟ୍ରେଲିଆ ପକ୍ଷରୁ ଡେଭିଡ୍ ୱାର୍ଣ୍ଣର ୧୩ ରନ୍ କରିଥିବା ବେଳେ ୱିଲ୍ ପୁକୋଭସ୍କି ୧୦, ମାର୍ନସ ଲାବୁଶେନ୍ ୭୩, ଷ୍ଟିଭ୍ ସ୍ମିଥ୍ ୮୧, ମାଥ୍ୟୁ ୱାଡେ ୪, କାମେରନ ଗ୍ରୀନ ୮୪ ଓ ଟିମ୍ ପେନ୍ ୩୯ ରନ୍ (ଅପରାଜିତ) କରିଛନ୍ତି । ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ନବଦୀପ ସାଇନି ୨ଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ ଓ ଯଶପ୍ରୀତ ବୁମ୍‌ରା ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି ।

# ନିର୍ଭୟା ଯୋଜନାରେ ଭଦ୍ରକ ପୁଲିସକୁ ୧୪ ଗାଡ଼ି

**ଭଦ୍ରକ , ଏକ୍ସପ୍ରେସ୍ ନ୍ୟୁଜ୍**

ମହିଳାମାନଙ୍କ ସୁରକ୍ଷା ଯୋଗାଇଦେବା ଉପରେ ରାଜ୍ୟ ସରକାର ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ଏଥିଲାଗି ସରକାର ବହୁ ଯୋଜନା ପ୍ରଣୟନ କରୁଛନ୍ତି । ଏହି ଯୋଜନାମାନଙ୍କ ମଧ୍ୟରେ ନିର୍ଭୟା ଯୋଜନା ଅନ୍ୟତମ । ରାସ୍ତାରେ ଯାତାୟାତ କରୁଥିବା କୌଣସି ମହିଳା, ଯୁବତୀ ଯଦି ନିଜକୁ ଅସୁରକ୍ଷିତ ମଣନ୍ତି, ତେବେ ସହାୟତା ପାଇଁ ପୁଲିସକୁ ଫୋନ କଲେ ତୁରନ୍ତ ଜଣେ ମହିଳା ପୋଲିସ ପହଞ୍ଚିବେ । ପୋଲିସ ତୁରନ୍ତ ପୀଡିତା ବା ଅସହାୟାଙ୍କ ପାଖରେ ସ୍କୁଟି ଧରି ପହଞ୍ଚିବେ ଏବଂ ତାଙ୍କୁ ସହାୟତା ଯୋଗାଇବେ । ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ୫୦୦ଟି ପ୍ଲେଜର ସ୍କୁଟି ବିଭିନ୍ନ ଜିଲ୍ଲାକୁ ଯୋଗାଣ କରାଯାଇଛି । ଭଦ୍ରକକୁ ଆସିଥିବା ୧୪ଗୋଟି ଗାଡିକୁ ସଞ୍ଜିବ ହିରୋର ମ୍ୟାନେଜିଂ ପାର୍ଟନର ପ୍ରୀତିରଂଜନ ଜେନା ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଆୟୋଜିତ ଉତ୍ସବରେ ଭଦ୍ରକ ଏସ୍‌ପି ସି.ଏସ. ମୀନାଙ୍କୁ ହସ୍ତାନ୍ତର କରିଛନ୍ତି । ଏହି ଅବସରରେ ଏସ୍‌ପି ମୀନା ସୂଚନା ଦେଇ କହିଥିଲେ ଯେ, ବର୍ତ୍ତମାନ ପ୍ରତି ଥାନାକୁ ଏହି ଗାଡି ଯୋଗାଇ ଦିଆଯିବ ଏବଂ ଜଣେ ମହିଳା ପୋଲିସ ତାଲିମ ପ୍ରାପ୍ତ ହୋଇ ମହିଳାଙ୍କୁ ସହାୟତା ଯୋଗାଇବାକୁ ପ୍ରସ୍ତୁତ ରହିବେ । ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀ ଜେନା କହିଥିଲେ ଯେ ହିରୋ ମୋଟୋକର୍ପ ଦେଶର ସର୍ବବୃହତ ମୋଟରସାଇକେଲ ନିର୍ମାତା କମ୍ପାନୀ । ରାଜ୍ୟ ସରକାର ଏହି କମ୍ପାନୀର ଗାଡି ଉପରେ ଭରସା ପ୍ରକଟ କରି ମହିଳାମାନଙ୍କ ସୁରକ୍ଷା କାର୍ଯ୍ୟରେ ପ୍ଲେଜର ଗାଡିକୁ ନିୟୋଜିତ କରିଥିବାରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜିବ ହିରୋର ଲିଗାଲ ଆଡଭାଇଜର ଅତିଶ କୁମାର ବେହେରା ଉପସ୍ଥିତ ଥିଲେ ।

# ଖେଳପଡିଆରେ ବିଡିଏର ନିର୍ମାଣକୁ ବିରୋଧ



**ଭୁବନେଶ୍ୱର, ଏକ୍ସପ୍ରେସ୍ ନ୍ୟୁଜ୍**

ୟୁନିଟ୍-୬ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ଖେଳ ପଡିଆରେ ବିଡିଏ କର୍ତ୍ତୃପକ୍ଷଙ୍କ ନିର୍ମାଣକୁ ବିରୋଧ କରିଛନ୍ତି ବିଦ୍ୟାଳୟର ପୁରାତନ ଛାତ୍ରସଂଘ । ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଛାତ୍ରସଂଘ ପକ୍ଷରୁ କୁହାଯାଇଛି ଯେ ବିଦ୍ୟାଳୟର ପ୍ରାୟ ୮ଏକର ଜାଗା ମଧ୍ୟରୁ ୩ଏକରରୁ ଅଧିକ ସ୍ଥାନରେ ବେଆଇନ୍ ଭାବେ ଅକ୍ତିଆର କରାଯାଇ ନିର୍ମାଣ ଚାଲିଛି ।

ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିନାନୁମତିରେ ଗେଟ୍ ତାଲା ଭାଙ୍ଗି ନିର୍ମାଣ ଜାରି ରହିଛି । ତେବେ ଏଠାରେ କେଉଁ ଉଦ୍ଦେଶ୍ୟରେ ନିର୍ମାଣ କାର୍ଯ୍ୟ ଚାଲିଛି ସେ ସଂକ୍ରାନ୍ତରେ ପ୍ରଶ୍ନ କରାଯାଇଥିଲେ ବି ବିଡିଏ କର୍ତ୍ତୃପକ୍ଷ କୌଣସି ଉତ୍ତର ଦେଉନାହାନ୍ତି । ବିଡିଏର ଏପରି ଆଇନ୍ ବିରୋଧି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା, ବିଦ୍ୟାଳୟ ଅଭିଭାବକ କମିଟି ଓ ପୁରାତନ ଛାତ୍ରସଂଘ ଘୋର ବିରୋଧ କରିଛନ୍ତି ।

ପୁରାତନ ଛାତ୍ର ସଂଘ ସଦସ୍ୟ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ, ସଂଘର ଉପାଧ୍ୟକ୍ଷ ଏସ୍.ଏନ୍.ଦାଶ ଓ ଏମ.ନାୟକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନିର୍ମାଣ ସ୍ଥାନରେ ଶହେରୁ ଅଧିକ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ବିରୋଧ କରିଥିଲେ । ପୁଲିସ୍ ଓ ବିଡିଏ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ହେଲେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ ।

ବିଦ୍ୟାଳୟର ନିଜସ୍ୱ ୮ଏକର ଜାଗା ରହିଛି ବୋଲି ସରକାରୀ ଭାବେ ଘୋଷଣାପତ୍ର ଅଛି । ମୁଖ୍ୟମନ୍ତ୍ରୀ ମୋ ସ୍କୁଲ କଥା କହୁଥିବାବେଳେ ବିଡିଏ କର୍ତ୍ତୃପକ୍ଷ ବେଆଇନ୍ କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀଙ୍କ ଛବିକୁ ମଳିନ କରୁଛନ୍ତି ବୋଲି ଶ୍ରୀ ଦାଶ କହିଛନ୍ତି । ସରକାର ବିଦ୍ୟାଳୟର ଜାଗାକୁ ଅକ୍ତିଆର କରି ଛାତ୍ରଙ୍କ ଭବିଷ୍ୟତ ସହିତ ଖେଳୁଛନ୍ତି । ପିଲାଙ୍କୁ ଖେଳକୁଦ କରିବ ଏକ ଅଧିକାର ରହିଛି । ସେଥିରୁ କେହି ବଞ୍ଚିତ କରିପାରିବେ ନାହିଁ । ବିଡିଏ କର୍ତ୍ତୃପକ୍ଷ ନିର୍ମାଣ କାର୍ଯ୍ୟରୁ ବିରତ ନରହିଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ବୃନ୍ଦାବନପୁର କପ୍ ଉଦ୍‌ଯାପିତ

**ଢେଙ୍କାନାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀଗଣେଷ କ୍ରିକେଟ୍ କ୍ଲବ ଅନୁକୁଲ୍ୟରେ ଦଶମ ବୃନ୍ଦାବନପୁର କପ୍ ଆଜି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ମ୍ୟାଚରେ ଘଟିପିରି ଓ ଜରିପାଳ କ୍ରିକେଟ କ୍ଲବ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜରିପାଳ ଟସ୍ ବିଜୟୀ ଲାଭକରି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଜରିପାଳ ପ୍ରଥମେ ବ୍ୟାଟିଂ କରି ୧୨୮ ରନ୍ କରିବାରେ ସକ୍ଷମ ହୋଇଥିଲା । ଜରିପାଳ ତାର ମୂଲ୍ୟବାନ ୭ଗୋଟି ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଟୁର୍ଣ୍ଣାମେଣ୍ଟରେ ଚଳିତ ବର୍ଷ ଚମ୍ପିଆନ ହୋଇଥିଲା । ଦର୍ଶକମାନଙ୍କ ସମାଗମକୁ ଦୃଷ୍ଟିରେ ରଖି କୋଭିଡ ନିୟମ ଅନୁପାଳନ କରି ଖେଳକୁ ସୂଚାରୁ ରୂପେ ସମ୍ପାଦନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ନାୟକ, ପ୍ରତାପ ସାହୁ, ନବଦ୍ୱୀପ ନାୟକ, ପଞ୍ଚାନନ ସାହୁ, ପ୍ରମୋଦ ମୁଦୁଲି, ଛାୟାକାନ୍ତ ବେହେରା, ମଧୁସୁଦନ ସାହୁ, କୀର୍ତ୍ତିବୀର୍ଯ୍ୟ ଦାଶ ପ୍ରମୁଖ ଯୋଗଦେଇ ଚମ୍ପିଆନ୍ ଟିମକୁ ପୁରସ୍କୃତ କରିଥିଲେ । ଖେଳକୁ ଦୁଇ ଅମ୍ପାୟାର ଆଲୋକ ପ୍ରଧାନ ଓ ବାପୁଜୀ ସେନାପତି ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବରେ ଲିପୁନ, ଗଜେନ୍ଦ୍ର , ସାଗର ଦାୟିତ୍ୱ ସମ୍ପାଦନ କରିଥିଲେ । ଶ୍ରୀ ଗଣେଷ କ୍ରିକେଟ କ୍ଲବର ସଦସ୍ୟମାନେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଶନିଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ସରେଇଁ ମା’ କ୍ରିକେଟ୍ କ୍ଲବ ବିଜୟୀ

**ଆନନ୍ଦପୁର, ଏକ୍ସପ୍ରେସ୍ ନ୍ୟୁଜ୍**



ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ସରେଇଁ କୋଦମ୍ବା ପଡ଼ିଆରେ ୧୫ତମ ଶନିଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ମହିମା ଅଲେଖ କ୍ରିକେଟ୍ କ୍ଲବ ନନ୍ଦୁଆଁ ଓ ସରେଇଁ ମା’ମଙ୍ଗଳା କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମା’ମଙ୍ଗଳା କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୨ଉଇକେଟ୍ ହରାଇ ୮୯ରନ୍ କରିଥିବା ବେଳେ ତା’ର ଜବାବରେ ମହିମା ଅଲେଖ କ୍ରିକେଟ୍ କ୍ଲବ ୯ଉଇକେଟ୍ ୬୭ରନ୍ ସଂଗ୍ରହ କରିଥିଲେ। ଫଳରେ ୨୨ରନ୍‌ରେ ମା’ମଙ୍ଗଳା କ୍ରିକେଟ୍ କ୍ଲବ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶତୃଘନ ସାହୁ, ସମ୍ମାନୀତ ଅତିଥି ଭାବେ ଶନିଶ୍ଚର ସେବା ଟ୍ରଷ୍ଟର ଟ୍ରଷ୍ଟି ନିଳକଣ୍ଠ ସାହୁ ଯୋଗଦେଇଥିବା ବେଳେ ସୁବାଷ ରାଉଳ, ବିଶ୍ୱଜିତ ସାହୁ ଖେଳକୁ ପରିଚାଳନା କରିଥିଲେ। ସ୍କୋରର ଭାବେ ବିଜୟ କୁମାର ନାୟକ, ଭାଷ୍ୟକାର ଭାବେ ସତ୍ୟପ୍ରକାଶ ଖୁଣ୍ଟିଆ ଦାୟିତ୍ୱ ତୁଲାଇଥିଲେ। କ୍ଲବର ସଭାପତି ଲିପୁ ସାହୁ, ସଦସ୍ୟ ରତିକାନ୍ତ ସାହୁ, ପ୍ରଳୟ ସାହୁ, କାଳିଆ ସାହୁ, ବସନ୍ତ ସାହୁ, କାହ୍ନୁ ସାହୁ, ସୋନୁ ସାହୁ, ବବୁଲ ସାହୁ, ବାପୁନ୍ ସାହୁ, ବିକାଶ ସାହୁ, ନିଶି ସାହୁ ପ୍ରମୁଖ ଖେଳରେ ସହଯୋଗ କରିଥିଲେ। ଖେଳ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଖେଳପ୍ରେମୀ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହିତ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ।

# ଆମ ସାହିତ୍ୟ ପରିବାର ପକ୍ଷରୁ ସ୍ୱାକ୍ଷର ସଚେତନତା

**ଯାଜପୁର ରୋଡ, ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ବ୍ୟାସନଗ ସାହିତ୍ୟ ପରିବାର ଓ ଓଡିଶା ଖଣି ନିଗମ ଆନୁକୂଲ୍ୟରେ ଏକ ସ୍ୱାକ୍ଷର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ୟାସନଗର ପୌରାଞ୍ଚଳର ଉମାପଦା ସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଆମ ସାହିତ୍ୟ ପରିବାରର କାର୍ଯ୍ୟକାରୀ ସଭାପତି ସନ୍ଧ୍ୟାରାଣୀ ଘଡାଇ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଂଗଠନର ଉପଦେଷ୍ଟା ପଣ୍ଡିତ ଅକ୍ଷୟ କୁମାର ଦାସ କାର୍ଯ୍ୟକ୍ରମର ସଂଚାଳନ କରି ପାଖ ବସ୍ତି ଅଞ୍ଚଳରୁ ଆସିଥିବା ନିରକ୍ଷର ମହିଳା, ଯୁବକ ଓ ଶିଶୁମାନଙ୍କ ଉଦ୍ଦେଶ୍ୟରେ ପରିବାରର ସ୍ୱାକ୍ଷରତାର ଆବଶ୍ୟକତା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଓଡିଆ ଅଧ୍ୟାପକ ରଶ୍ମିରଞ୍ଜନ ମିଶ୍ର ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ମଣିଷ ଜୀବନକୁ ସୁମାର୍ଗରେ ପରିଚାଳିତ କରିବା ପାଇଁ ପ୍ରତ୍ୟେକ ଶିଶୁ, ଯୁବକ ଯୁବତୀ କିମ୍ବା ବ୍ୟକ୍ତି ସ୍ୱାକ୍ଷର ହେବାର ଆବଶ୍ୟକତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ ଶିକ୍ଷାର୍ଥୀ ମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ସଂଗଠନର ସଂପାଦକ ବରିଷ୍ଠ ସାମ୍ବାଦିକ ସୁଜିତ ମଲ୍ଲିକଙ୍କ ସମେତ ସୁଦାମ ଚରଣ ନାୟକ, ଦିପ୍ତିମାଳା ସାମଲ, ମହେଶ୍ୱର ନାୟକ, ଅନନ୍ଦିତା ବେହେରା, ନିହାର ରଞ୍ଜନ ଓଝାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

# କୁକୁଡା କାତିରେ ଭୁଷି ଯୁବକଙ୍କୁ ହତ୍ୟା

**ନୀଳଗିରି, ଏକ୍ସପ୍ରେସ୍ ନ୍ୟୁଜ୍**

ନୀଳଗିରି ଉପଖଣ୍ଡ କେପିମାହାଲ ଗ୍ରାମ ପଞ୍ଚାୟତର ମିତ୍ରପୁର ତଇଳାସାହି ଠାରେ ସାମାନ୍ୟ ବଚସାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି ଯାହାକି ବିଶ୍ୱାସ କରିହେବ ନାହିଁ । ଅନୁସନ୍ଧାନରୁ ଜଣାଇଯାଇଛି ଯେ ତଇଳା ସାହିର କୁନା ଭୋଳ (୨୨) ଙ୍କ ସହିତ ଗଣେଷ ସିଂ ଓ ଅନ୍ୟ ଦୁଇ ଜଣ ତାସ ପାଳି ଖେଳୁଥିଲେ । ଖେଳ ମଧ୍ୟରେ ସାମାନ୍ୟ ବଚସା ହୋଇ ସମସ୍ତେ ନିଜ ନିଜ ଘରକୁ ଚାଲି ଯାଇଥିଲେ । କୁନା ଭୋଳ ତାର ଘର ଦ୍ୱାର ମୁହଁରେ ପହଞ୍ଚିବା ବେଳକୁ ପଛ ପଟୁ ଗଣେଷ ସିଂର ସହଯୋଗୀ ତାକୁ ଧରି ନେଇଥିଲେ ଓ ଗଣେଷ ଛାତିରେ କୁକୁଡା କାତିରେ ଭୁଷି ଦେଇଥିଲେ । ଫଳରେ ହୃତପିଣ୍ଡ ମଧ୍ୟରେ କୁକୁଡା କାତି ପଶି ଯିବାରୁ ଆଭ୍ୟନ୍ତରୀଣ କ୍ଷତ ହୋଇ ରକ୍ତସ୍ରାବ ହୋଇଥିଲା । କୁନାର ଆର୍ତ୍ତ ଚିତ୍କାର ଶୁଣି ଘର ଲୋକମାନେ ତାକୁ ତତକ୍ଷଣାତ ନୀଳଗିରି ମେଡିକାଲକୁ ଆଣିଥିଲେ । ଡାକ୍ତରଖାନାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ନୀଳଗିରି ଥାନାରେ ୩୦୨ ଦଫାରେ ୧୭/୨୧ କେସ ନମ୍ବରେ ମାମଲା ରୁଜୁ ହୋଇଛି । ପୋଲିସ ଅପରାଧିକୁ ଧରିବା ପାଇଁ ତଦନ୍ତ ଜାରି ରଖିଛି । ଏ ନେଇ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି । ମୃତକ କୁନା ଭୋଳଙ୍କର ସ୍ତ୍ରୀ ଏବଂ ଦୁଇ ଛୋଟ ପିଲା ଥିବାର ଜଣାପଡିଛି ।

# ବିବେକାନନ୍ଦ ୟୁଥ୍ କ୍ଲବ ଦ୍ୱାରା ବାଉଁଶପୋଖରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଢେଙ୍କାନାଳ: ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ସଳତୀ ପଡିଆଠାରେ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ଡିସେମ୍ବର ୩୦ ତାରିଖ ଠାରୁ ଆରମ୍ଭ ହୋଇଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ହିନ୍ଦୋଳ ଏମ୍‌ଆରସି ଦଳ ଓ ମା’ପିତାବଳୀ କ୍ରିକେଟ ଦଳ ମଧ୍ୟରେ ମୁକାବିଲା ହୋଇଥିଲା । ଏଥିରେ ହିନ୍ଦୋଳ ଏମ୍‌ଆରସି ଦଳ ୨୩୦ ରନ କରିଥିବା ବେଳେ ମା’ପିତାବଳୀ ଦଳ ନିର୍ଦ୍ଧାରିତ ଓଭରରେ ୧୨୦ ରନ୍ କରି ପରାଜିତ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହନ୍ତ ଯୋଗଦେଇ ଚମ୍ପିଆନ ଦଳ ହିନ୍ଦୋଳ ଏମ୍‌ଆରସି ଦଳକୁ ୧୦ ହଜାର ଟଙ୍କା ଓ ସିଲ ଏବଂ ରନର୍ସଅପ ଦଳକୁ ୫ ହଜାର ଟଙ୍କା ଓ କପ୍ ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ କାହ୍ନା ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ । ସୂଚନା ଥାଉକି ଏହି କ୍ରିକେଟ ପ୍ରତିଯୋଗୀତାରେ ୧୬ଟି ଟିମ୍ ଅଂଶ ଗ୍ରହଣ କରିଥିଲେ ।

# ବ୍ଲକ୍ ଟାସ୍କଫୋର୍ସକୁ ଜିଲ୍ଲା ଏଜେନ୍ସି ମନୋନୀତ

**ନିମାପଡ଼ା, ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହକୁ ବିରୋଧ କରିବାକୁ ନେଇ ପୁରୀ ଜିଲ୍ଲା ନୋଡ଼ାଲ ଏଜେନ୍ସି ଜାଗେଶ୍ୱରୀ ଯୁବକ ସଂଘ ବ୍ଲକ ସ୍ତରୀୟ ଟାସ୍କଫୋର୍ସ କମିଟିକୁ ମନୋନୀତ ହୋଇଥିବା ସଂପାଦକ ନକୁଳ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି । ଅଭିଭାବକ, ଶିକ୍ଷକ, ଜନପ୍ରତିନିଧିମାନଙ୍କୁ ଏଥିନେଇ ତାଲିମ ପ୍ରଦାନ କରାଯିବା ସହିତ ୧୮ ବର୍ଷରୁ ବାଳକ ବାଳିକାଙ୍କୁ ବାହା ନଦେବା ପାଇଁ ଶ୍ରୀ ସ୍ୱାଇଁ ଅଭିଭାବକ ମାନଙ୍କୁ ଅନୁରୋଧ କରିଥିଲେ । ଶିଶୁ ମାନଙ୍କ ବଞ୍ଚିବା ଅଧିକାର, ସୁରକ୍ଷା, ବିକାଶ, ଅଂଶଗ୍ରହଣ ପ୍ରତି ଗୁରୁତ୍ୱ ଦିଆଯିବ । କମିଟିରେ ବିଡ଼ିଓ, ସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ବିକାଶ ଅଧିକାରୀ, ବ୍ଲକ୍ ଅଧ୍ୟକ୍ଷ ପ୍ରମୁଖ ସଭ୍ୟ ଥିବା ସୂଚନା ମିଳିଛି ।

## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯୁବ ଜାଗୃତି ଶିବିର

# ଯୁବସମାଜ ପାଇଁ ଆଧ୍ୟାତ୍ମିକତାର ଆବଶ୍ୟକତା ଉପରେ ବକ୍ତାମାନଙ୍କ ଗୁରୁତ୍ୱ

**ଖୋର୍ଦ୍ଧା, ଏକ୍ସପ୍ରେସ୍ ନ୍ୟୁଜ୍**



ସଂପ୍ରତି ଯୁବସମାଜ ପଥଭ୍ରଷ୍ଟ ହୋଇଛି । ଅର୍ଥ ଲୋଲୁପତା, ଈର୍ଷା, ହିଂସାକୁ ଆୟୁଧ କରି ତଥା ନିଶାର କବଳିତ ହୋଇ ନିଜର କର୍ତ୍ତବ୍ୟ ଭୁଲିଯାଇଛି । ଏହି ପରିପ୍ରେକ୍ଷୀରେ ଯୁବସମାଜ ପାଇଁ ଆଧ୍ୟାତ୍ମିକତାର ବିଶେଷ ଆବଶ୍ୟକତା ରହିଛି । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କଳାପଥର ଶାଖା ପକ୍ଷରୁ ଏ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି । କେନ୍ଦ୍ରର ସଂଯୋଜିକା ବ୍ରହ୍ମାକୁମାରୀ ଯାଜ୍ଞସେନୀଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ପ୍ରବଚକ, ବ୍ୟଙ୍ଗକବି ତଥା ଅଭିନେତା ମନୋଜ କୁମାର ଶତପଥୀ ଯୋଗଦେଇ କହିଥିଲେ ଯେ, ଯୁବସମାଜ ନିଜ ମନକୁ ନିୟନ୍ତ୍ରିତ କରି ପରୋପକାରାୟ ପୁଣ୍ୟାୟ, ପାପାୟ ପରପୀଡ଼ନମ୍ ମନ୍ତ୍ରରେ ନିଜକୁ ଦୀକ୍ଷିତ କରନ୍ତୁ । ‘ଅତୀତ ଓ ବର୍ତ୍ତମାନ ସମାଜରେ ଯୁବଶକ୍ତିର ସାମାଜିକ ଦାୟିତ୍ୱ’ ସଂପର୍କରେ ବିଭିନ୍ନ ଧର୍ମଗ୍ରନ୍ଥରୁ ସେ ଉଦାହରଣ ଦେଇଥିଲେ । କାର୍ଯ୍ୟକ୍ରମରେ ଭାଗନେଇ ବ୍ରହ୍ମାକୁମାର ବ୍ରହ୍ମପୁର ମେଡିକାଲ କଲେଜର ଡ. ଭାଗିରଥୀ ‘ଆତ୍ମଶକ୍ତି, ଯୁବସମାଜ, ସାଂପ୍ରତିକ ପରିସ୍ଥିତି ଓ ଲକ୍ଷ୍ୟ’ ସମ୍ପର୍କରେ ସାରଗର୍ଭକ ଆଲୋଚନା କରିଥିଲେ । ବ୍ରହ୍ମାକୁମାର ଡ. ଗୋପବନ୍ଧୁ ‘ଯୁବ ସମାଜ ପାଇଁ ସର୍ବୋଚ୍ଚ ଆଧ୍ୟାତ୍ମିକ ଉତ୍ସ’ ସମ୍ପର୍କରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଯୁବକମାନେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଉନ୍ନତି କଳ୍ପେ ନିଜକୁ ଉତ୍ସର୍ଗ କରନ୍ତୁ । ‘ବିଶ୍ୱ ତଥା ଭାରତର ବିଭିନ୍ନ ପରିସ୍ଥିତିରେ ଯୁବସମାଜର ଆଧ୍ୟାତ୍ମିକତା ଦ୍ୱାରା ଦିଗଦର୍ଶନ’ ସମ୍ପର୍କରେ ବ୍ରହ୍ମାକୁମାର ଜଳଧର ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଯୁବସମାଜ ରାଜଯୋଗର ଅଭ୍ୟାସ ଦ୍ୱାରା ନିଜକୁ ସନ୍ତୁଳିତ କରିପାରିବ ଏବଂ ସମାଜର ମଙ୍ଗଳରେ ସହାୟକ ହେବ । ଏହି ଅବସରରେ ସାହିତ୍ୟିକ, ସାମ୍ବାଦିକ ତଥା ସମାଜସେବୀ ସମରେନ୍ଦ୍ର ବଳିଆରସିଂହଙ୍କୁ ‘ଯୁବ ପ୍ରତିଭା’ ଭାବେ ମାନପତ୍ର ଓ ଉପଢୌକାନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର ଯୁବସମାଜ ଆଧ୍ୟାତ୍ମିକ ମାର୍ଗରେ ବ୍ରତୀ ହୋଇ ମଣିଷ ଜୀବନକୁ ସାର୍ଥକ କରିବା ସହ ସାମାଜିକ ସଂସ୍କାର, ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଶ୍ରୀ ବଳିଆରସିଂହ ଆହ୍ୱାନ ଦେଇଥିଲେ । ସପ୍ତମ ଶ୍ରେଣୀ ଛାତ୍ରୀ କୁମାରୀ ରୂପାଲି ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ବ୍ରହ୍ମାକୁମାରୀ ବର୍ଷା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ସୀମାଞ୍ଚଳ ଭାଇ ଓ ସାଥୀମାନେ ଅଭିନୟ ମାଧମରେ ନିଶା ନିବାରଣ ଓ ଚରିତ୍ର ଗଠନ ସମ୍ପର୍କରେ ଏକ ଛୋଟ ନାଟକ ପରିବେଷଣ କରିଥିଲେ । ଯୁବସମାଜର ଅଧୋପତନ ପରିପ୍ରେକ୍ଷୀରେ ଧର୍ମ, ପରମ୍ପରା, ସଂସ୍କୃତିକୁ ମଜବୁତ କରିବା ପାଇଁ ଯୁବସମାଜ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ ବ୍ରହ୍ମାକୁମାର ଅଲେଖ ଭାଇ । ଶେଷରେ ପରମାତ୍ମାଙ୍କ ସମ୍ବନ୍ଧୀୟ ଏକ ଦୃଶ୍ୟଚିତ୍ର ପ୍ରଦର୍ଶିତ ହେବା ସହ କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ସୂଚନାଯୋଗ୍ୟ ଯେ, ଚାରିଦିନ ବ୍ୟାପୀ ଏହି ଯୁବ ଜାଗୃତି ଶିବିର ଅନୁଷ୍ଠିତ ହେଉଛି ।

## ବାବା ଲୋକନାଥ ୟୁଥ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏମ୍‌ଏମ୍‌ସିସି ଝିଣ୍ଟି ପଞ୍ଚାୟତ ଚାମ୍ପିଅନ

**ପିପିଲି, ଏକ୍ସପ୍ରେସ୍ ନ୍ୟୁଜ୍**



ବାବା ଲୋକନାଥ ୟୁଥ ମେମୋରିଆଲ କ୍ରିକେଟ କ୍ଲବ ଅନୁକୁଲ୍ୟରେ ଆରୁହା ପାଟସାହାଣୀପୁର ଠାରେ ଅନୁଷ୍ଠିତ ପଞ୍ଚାୟତ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପୁରୀ ଜିଲ୍ଲା ପିପିଲି ଗୋବିନ୍ଦପୁର ପଞ୍ଚାୟତ କ୍ରିକେଟ ଟିମକୁ ହରାଇ ଖୋର୍ଦ୍ଧା ଜିଲ୍ଲା ମା’ମାନେଶ୍ୱରୀ କ୍ରୀକେଟ କ୍ଲବ(ଏମଏମସିସି) ଝିଂଟ ପଂଚାୟତ ଟିମ୍ ଚମ୍ପିୟାନ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନର ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ କ୍ରିକେଟ ଅଞ୍ଚଳରେ ଭାଇଚାରା ସୃଷ୍ଟି କରୁଛି ବୋଲି କହିଥିଲେ। ସମାଜସେବୀ ପ୍ରେମାନନ୍ଦ ମହାପାତ୍ର ଓ ଅବସରପ୍ରାପ୍ତ ନାଭାଲ ଅଫିସର ପିତାମ୍ବର ସୁବୁଦ୍ଧିରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଜେତା ଏମଏମସିସି ଝିଣ୍ଟି ପଞ୍ଚାୟତ ଟିମକୁ ମୁଖ୍ୟଅତିଥି ସିଲଡ଼ ପ୍ରଦାନ କରି ପୁରସ୍କୃତ କରିଥିଲେ । ସେହିପରି ଗୋବିନ୍ଦପୁର ପଞ୍ଚାୟତ କ୍ରିକେଟ ଟିମକୁ ଅତିଥିମାନେ ରନର୍ସ କପ ପ୍ରଦାନ କରିଥିଲେ । କ୍ରୀଡ଼ା ଆୟୋଜକ କ୍ଲବର ନରହରି ଦାଶ, ରାକେଶ କୁମାର ଜେନା, ଶୁଭ୍ର ଶାଶ୍ୱତ ପ୍ରଧାନ ଓ ସତ୍ୟଜିତ ଦାଶ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କେନ୍ଦ୍ର ମନ୍ତ୍ରୀଙ୍କୁ ବିଜେପି ପକ୍ଷରୁ କୃତଜ୍ଞତା

**ଢେଙ୍କାନାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ପରଜହ୍‌ଗ ବ୍ଲକ ବିଜେପି ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୮ତାରିଖ ଦିନ କୃତଜ୍ଞତା ଜଣାଇଛନ୍ତି । ତାଳଚେର ସମଲ ଠାରୁ ଆରମ୍ଭ ହୋଇଥିବା ପରଜଙ୍ଗ ବ୍ଲକର ମାଣିକମରା ପଞ୍ଚାୟତର ଜକା ସରକିଶୋରପାଳ ଗ୍ରାମ ନିକଟରେ ଯାଇଥିବା ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲରୁ ବୃହଦ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ବ୍ଲକ୍ ବିଜେପି ପକ୍ଷରୁ ବାରମ୍ବାର ଦାବି କରିଆସୁଥିବା ବେଳେ ଏହା ଆଜି ସାକାର ହେବାକୁ ଯାଉଛି । କାରଣ କୁଆଲୁ, କଲଦା,ପିଟିରି, ଆମ୍ବପଳାଶ ଓ କଙ୍କଡାସୋଡା ପ୍ରଭୃତି ପଞ୍ଚାୟତ ଗୁଡିକର ଚାଷ ଜମିକୁ ଜଳସେଚନ ପ୍ରକଳ୍ପ ନିର୍ମାଣ କରିବାକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ରଲେଖି ଜଣାଇଥିଲେ । ଉକ୍ତ ପତ୍ରକୁ ମୁଖ୍ୟମନ୍ତ୍ରୀ ଗୁରୁତର ମନେକରି ୮ ତାରିଖରେ ରେଙ୍ଗାଳି ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଆସି କୁଆଲୋ ଠାରେ ଏକ ସମୀକ୍ଷା କରୁଥିବା ବେଳେ ବିଜେପିର ପୁରୁଖା ନେତା ଦୁର୍ଗାପ୍ରସାଦ ସାହୁ, କୁଆଲୋ ଅଷ୍ଟଶମ୍ଭୁ ମଣ୍ଡଳର ସଭାପତି ଦୟାନିଧି ସାହୁ, ଯୁବ ନେତା ଅଜିତ କୁମାର ସାହୁଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ପ୍ରମୁଖ କର୍ମୀ ଯାଇ ଏ ବିଷୟରେ ଆଲୋଚନା କରିଥିଲେ । ଯାହାକି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଯୋଗୁ ଏହି କାର୍ଯ୍ୟ ଦିଗରେ ଲୋକାଭିମୁଖୀ ତଥା କୃଷି ବିକାଶ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବାରୁ ଦଳ ପକ୍ଷରୁ ଶ୍ରୀ ପ୍ରଧାନଙ୍କୁ ଧନ୍ୟବାଦ,କୃତଜ୍ଞତା ଜଣାଇଛନ୍ତି ।

# ନିଖୋଜ ନାବାଳିକା ଡେଲାଙ୍ଗରୁ ଉଦ୍ଧାର

**ପିପିଲି:ଏକ୍ସପ୍ରେସ୍ ନ୍ୟୁଜ୍**

ବଳଙ୍ଗା ଅଞ୍ଚଳରୁ ନିଖୋଜ ନାବାଳିକାକୁ ଡେଲାଙ୍ଗ ଅଞ୍ଚଳରୁ ପୁଲିସ ଉଦ୍ଧାର କରିଛି । ପିପିଲି ଅଞ୍ଚଳର ଜଣେ ୧୧ବର୍ଷିୟା ନାବାଳିକାକୁ ଦୁର୍ବୃର୍ତ୍ତ ଅପହରଣ କରି ନେଇଥିଲେ । କଲିକତାରେ ବିକ୍ରି କରି ଦେଇଥାନ୍ତେ । ପୁଲିସର ତୁରନ୍ତ ପଦକ୍ଷପ ଯୋଗୁ ନାବାଳିକା ଜଣଙ୍କ ଉଦ୍ଧାର ହୋଇଛନ୍ତି । ଅପହରଣର ୬ଘଣ୍ଟା ମଧ୍ୟରେ ନାବାଳିକାକୁ ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସର ସଫଳତାକୁ ସାଧାରଣରେ ପ୍ରଶଂସା କରାଯାଇଛି । ସ୍ୱଚନା ଅନୁସାରେ ପିପିଲି ରଥପୁରୁଷୋତ୍ତମପୁର ପଞ୍ଚାୟତ ଅଞ୍ଚଳର ଜନୈକା ୬ଷ୍ଠ ଶ୍ରେଣୀରେ ପଢୁଥିବା ୧୧ ବର୍ଷର ଝିଅ ନିଖୋଜ ସମ୍ପର୍କରେ ତାଙ୍କ ବାପା ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଶନିବାର ସଂଧ୍ୟା ୭ଟାବେଳେ ଝିଅ ଘର ବାହାରକୁ ଯାଇଥିବାବେଳେ ଆଉ ଫେରିନଥିଲେ । ବହୁ ଖୋଜାଖୋଜି ପରେ ଝିଅକୁ ନପାଇବାରୁ ଉକ୍ତ ନାବାଳିକାଙ୍କ ବାପା ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ । ପିପିଲି ଏସ୍‌ଡ଼ିପିଓ ଦେବଦତ ବରାଳଙ୍କ ନେତୃତ୍ୱରେ ବଳଙ୍ଗା ଥାନା ଓଆଇସି ସମରେନ୍ଦ୍ର ପାଇକରାୟଙ୍କ ସମେତ ଏକ କୁଇକ୍ ଆକ୍ସନ ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ବିଳମ୍ବିତ ରାତିରେ ଡେଲାଙ୍ଗ ଥାନା ମାହାରିପୋଖରୀ ମଉନିମଠର ଟିମ ମଲ୍ଲିକଙ୍କ ଘରୁ ଉକ୍ତ ନାବାଳିକାକୁ ଉଦ୍ଧାର କରିବା ସହ ଅପହରଣରେ ସମ୍ପୃକ୍ତ ଅଭିଯୋଗରେ ଟିମକୁ ପୁଲିସ ଗିରଫ କରିଛି । ତେବେ କାହିଁକି ଅଭିଯୁକ୍ତ ନାବାଳିକାକୁ କଲିକତା ନେଉଥିଲା, ସେ ସମ୍ପର୍କରେ ଅଭିଯୁକ୍ତକୁ ପଚରା ଉଚୁରା ଚାଲିଛି ବୋଲି ପିପିଲି ଏସଡ଼ିପିଓ ଶ୍ରୀ ବରାଳ କହିଛନ୍ତି ।



ଲାଫ୍‌ଟର୍ ଚାପ୍‌ଟର୍


# ଓଡ଼ିଶା ଏକ୍ସପ୍ରେସ୍

■ ଭୁବନେଶ୍ୱର | 11th January 2021 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15




**ପ**ହିଲି ରଜ ସକାଳେ ଭିକାରିଟିଏ ଆସି ଦାଣ୍ଡଦୁଆରେ ଉଚ୍ଚସ୍ୱରରେ ଚିତ୍କାର କଲା– ମା' ! ପିଠା ପିଠା ଥିଲେ ଖଣ୍ଡେ ଦିଅ ମା' !

ଗୃହକର୍ତ୍ତ୍ରୀ ଭିତରୁ ଥାଇ କହିଲେ– ଆରେ, ଏତେ ସକାଳୁ କ'ଣ ଆମର ପିଠା ହେଲାଣି ? ତୁ କିଛି ସମୟ ପରେ ଆସିଲେ ମୁଁ ଦେବି ।

ଭିକାରିଟି ଥିଲା ଅତ୍ୟନ୍ତ ଧୂର୍ତ୍ତ ଏବଂ କର୍ମକୋଢ଼ି । କଅଁଳ କଣ୍ଠରେ କହିଲା– ମା' ! ଗୋଟେ କାମ କରୁନ, ମୋ ମୋବାଇଲ୍ ନମ୍ବରଟା ରଖିଥାଅ । ପିଠା ହେଇଗଲେ ମୋତେ ଗୋଟେ ମିସ୍‌କଲ୍ ଦେଲେ ମୁଁ ଆସିକି ନେଇଯିବି ।

ହେଲେ ଗୃହକର୍ତ୍ତ୍ରୀ ଥିଲେ ଭିକାରିଠାରୁ ଆହୁରି ଆଧୁନିକା । ସେ ପଚାରିଲେ– ତୋ ଫୋନ୍‌ରେ ହ୍ୱାଟ୍ସଆପ୍ ଅଛି ?

ଭିକାରି ମିଠା ହସି କହିଲା– ମା' ଏ କଥା ଆଉ ପଚାରିବାର ଅଛି ? ଆଜିକାଲି ଚୋର, ତସ୍କର, ଗଞ୍ଜେଡ଼ କାହା ମୋବାଇଲ୍‌ରେ ହ୍ୱାଟ୍ସଆପ୍ ଆଉ ଫେସ୍‌ବୁକ୍ ନାହିଁ ?

ଗୃହକର୍ତ୍ତ୍ରୀ ଏ କଥା ଶୁଣିବା ପରେ ଖୁବ୍ ସ୍ନେହବୋଳା ଗଳାରେ କହିଲେ– ତା'ହେଲେ ମୁଁ ଗୋଟେ କାମ କରୁଛି– ପିଠା ହେଇଗଲା ମାତ୍ରେ ମୁଁ ହ୍ୱାଟ୍ସଆପ୍‌ରେ ତୋ ପାଖକୁ ପଠେଇଦେବି । ତୁ ତାକୁ ଡାଉନ୍‌ଲୋଡ୍ କରିନେବୁ !!!

# ଶ୍ରୀଜୀଉଙ୍କୁ ୩ହଳ ସୁନାର ସୂର୍ଯ୍ୟ-ଚନ୍ଦ୍ର ଦାନ କଲେ ଭକ୍ତ



**ଭୁବନେଶ୍ୱର, ୧୦।୧:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀରେ ଆଜି ଜନୈକ ଭକ୍ତ ଶ୍ରୀଜୀଉଙ୍କୁ ୩ହଳ ସୁନାର ସୂର୍ଯ୍ୟ-ଚନ୍ଦ୍ର ଦାନ କରିଛନ୍ତି । ଭୁବନେଶ୍ୱରର ଜନୈକ ଭକ୍ତ ପଦ୍ମଚରଣ ପାତ୍ର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ଦାନ କରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକଙ୍କ ଉପସ୍ଥିତିରେ ଶ୍ରୀ ପାତ୍ର ଏହି ସୂର୍ଯ୍ୟ-ଚନ୍ଦ୍ର ଦାନ କରିଥିବା ଜଣାଯାଇଛି । ଏଥିରେ ୩୧୯ ଗ୍ରାମ ସୁନା ଏବଂ ୮୨୨ ଗ୍ରାମ ରୂପା ବ୍ୟବହାର ହୋଇଛି ।

# ଦିଲ୍ଲୀ ପରେଡ୍‌ରେ ମୁଖ୍ୟ ଅତିଥି ହେବେ ସୁରିନାମ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୦।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଆମେରିକାର ସୁରିନାମର ରାଷ୍ଟ୍ରପତି ଚନ୍ଦ୍ରିକାପ୍ରସାଦ ସନ୍ତୋଷୀ ଆସନ୍ତା ସାଧାରଣତନ୍ତ୍ର ଦିବସ ପରେଡରେ ମୁଖ୍ୟ ଅତିଥି ହେବେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଏହା ଜଣାପଡ଼ିଛି । ଭାରତୀୟ ବଂଶୋଦ୍ଭବ ଶ୍ରୀ ସନ୍ତୋଷୀ ରାଜପଥ ପରେଡରେ ସାମିଲ୍ ହେବେ । ସୂଚନାଯୋଗ୍ୟ ଯେ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ଚଳିତବର୍ଷର ପରେଡରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥାନ୍ତେ । କିନ୍ତୁ ବ୍ରିଟେନରେ କରୋନା ଭାଇରସର ନୂଆ ଷ୍ଟ୍ରେନ୍ ପ୍ରକୋପ ବଢ଼ିବା ଯୋଗୁ ସେ ଭାରତ ଗସ୍ତ ବାତିଲ କରିଛନ୍ତି । ଏହାପରେ ସରକାରଙ୍କ ପକ୍ଷରୁ ସୁରିନାମ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା । ଯାହାକୁ ସେ ସ୍ୱୀକାର କରିଛନ୍ତି । ଏଥି ପୂର୍ବରୁ ସୁରିନାମ ରାଷ୍ଟ୍ରପତି ଚନ୍ଦ୍ରିକାପ୍ରସାଦ ସନ୍ତୋଷୀ ଦୁଇ ଦେଶ ମଧ୍ୟରେ ବିନା ଭିସାରେ ଯାତାୟତ ପାଇଁ ଗତକାଲି ପ୍ରବାସୀ ଭାରତ ଦିବସ ମହୋତ୍ସବରେ ପ୍ରସ୍ତାବ ଦେଇଥିଲେ । ଏଥିସହ ଦ୍ୱିପାକ୍ଷିକ ବାଣିଜ୍ୟିକ ଓ ସାଂସ୍କୃତିକ ସମ୍ପର୍କ ମଜଭୁତ କରିବାକୁ ସମର୍ଥନ କରିଥିଲେ ।

# ପୁଡୁଚେରୀ ଉପରାଜ୍ୟପାଳଙ୍କୁ ହଟାଇବା ଦାବିରେ ମୁଖ୍ୟମନ୍ତ୍ରୀ ନାରାୟଣ ସ୍ୱାମୀଙ୍କ ଧାରଣା

**ପୁଡୁଚେରୀ, ୧୦।୧:ଏକ୍ସପ୍ରେସ୍ ନ୍ୟୁଜ୍**

ପୁଡୁଚେରୀର ଉପରାଜ୍ୟପାଳ କିରଣ ବେଦୀଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଦାବି କରି ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଧି ନାରାୟଣ ସ୍ୱାମୀ ଗତ ତିନିଦିନ ହେବ ରାଜଭବନ ସମ୍ମୁଖରେ ଧାରଣାରେ ବସିଛନ୍ତି । ରାଜ୍ୟରେ ଏକ ନିର୍ବାଚିତ ସାମ୍ବିଧାନିକ ସରକାରକୁ ଉପରାଜ୍ୟପାଳ କାମ କରାଇଦେଉନାହାନ୍ତି ଏବଂ ଦୈନିକ କାମରେ ପ୍ରତିବନ୍ଧକ ସାଜୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଅଭିଯୋଗ କରିଛନ୍ତି ।



ସୂଚନାଯୋଗ୍ୟ ଯେ, ପୁଡୁଚେରୀରେ କଂଗ୍ରେସ ନେତୃତ୍ୱରେ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ସରକାର କାର୍ଯ୍ୟ କରୁଛି । ମୁଖ୍ୟମନ୍ତ୍ରୀ ନାରାୟଣ ସ୍ୱାମୀଙ୍କ ବ୍ୟତୀତ ପିସିସି ସଭାପତି ଏ.ବି ସୁବ୍ରମଣ୍ୟମ୍, ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀ, କଂଗ୍ରେସ ବିଧାୟକ, କାର୍ଯ୍ୟକର୍ତ୍ତା ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ମାର୍କ୍ସବାଦୀ କମ୍ୟୁନିଟି ପାର୍ଟି ଏବଂ ବିସିକେ ଆଦି ବିଭିନ୍ନ ସହଯୋଗୀ ଦଳ ମଧ୍ୟ ଏହି ଧାରଣାରେ ସାମିଲ ହୋଇଛନ୍ତି । ତେବେ କଂଗ୍ରେସର ଅନ୍ୟତମ ସହଯୋଗୀ ଡିଏମ୍‌କେ ଏଥିରେ ଅନୁପସ୍ଥିତ ଥିବା ନେଇ ଚର୍ଚ୍ଚା ଚାଲିଛି ।

# ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଗୁଳର ହେବ ବିକାଶ : ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୧:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖଣି ଖଦାନ ଅଞ୍ଚଳ ଅନୁଗୁଳ ତଥା ତାଳଚେରର ବିକାଶ ପାଇଁ ଡିଏମ୍‌ଏଫ୍ ଫଣ୍ଡ ସମେତ କୋଇଲା ଉତ୍ପାଦନକୁ ବଢ଼ାଇବା ପାଇଁ ଅନେକ ଯୋଜନା କରିଛନ୍ତି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲାକୁ ସମୃଦ୍ଧ ଅଞ୍ଚଳ କରାଯିବ ବୋଲି ଆଜି ଅନୁଗୁଳ ଜିଲ୍ଲାରେ ବିଜେପି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ଅନେକ ଲୋକଙ୍କୁ ଦଳରେ ସ୍ୱାଗତ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ମିଶ୍ରଣ ପର୍ବରେ ଶ୍ରୀ ପ୍ରଧାନ ଅନୁଗୁଳ, ଛେଣ୍ଡିପଦା, ପାଲଲହଡ଼ା, ତାଳଚେରର ଅନେକ କଂଗ୍ରେସ, ବିଜେଡ଼ି, ବିଏସ୍‌ପିର ଶତାଧିକ କର୍ମୀ ତଥା ଅନେକ ଯୁବକମାନଙ୍କୁ ଦଳରେ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦଳରେ ସମସ୍ତଙ୍କ ଯୋଗଦାନ ପ୍ରଧାନମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ସହ ଓଡ଼ିଶାରେ ଦଳୀୟ ସଂଗଠନକୁ ମଜବୁତ୍ କରିବ । ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ବିକାଶ ପାଇଁ ପୂର୍ବୋଦୟର ଯୋଜନା ଆରମ୍ଭ କରିଥିବା ବେଳେ ଓଡ଼ିଶାକୁ ସମୃଦ୍ଧଶାଳୀ କରିବା ପାଇଁ ପଡ଼ିବ । ଏହାସହ ଅନୁଗୁଳ ତଥା ତାଳଚେରବାସୀଙ୍କ ସମ୍ପନ୍ନ ପାଇଁ ଉଦ୍ୟମ କରିବାକୁ ପଡ଼ିବ । ଅନୁଗୁଳ ତଥା ତାଳଚେରରେ ଯୁବକଙ୍କ ରୋଜଗାର ଓ ସ୍ୱରୋଜଗାରକୁ ବଢ଼ାଇବା ପାଇଁ ଉଦ୍ୟମ କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଅନୁଗୁଳ ଜିଲ୍ଲା ଓଡ଼ିଶା ଅର୍ଥନୀତିର ପେଣ୍ଠସ୍ଥଳି ହେବ ବୋଲି ସେ କହିଛନ୍ତି ।

ଅନୁଗୁଳରେ ବିଜେପିର ହାତମୁଠାକୁ ଅଧିକ ଟାଣ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାର ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସମେତ କାର୍ଯ୍ୟକର୍ତ୍ତାମାନେ ସାମାଜିକ ଓ ଲୋକଙ୍କ ସମସ୍ୟାକୁ ଉଠାଇବା ଆବଶ୍ୟକ ।

# ୧୪ରେ କଳାହାଣ୍ଡି ଯିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡିର ବିକାଶଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଆସନ୍ତା ୧୪ରେ ଜିଲ୍ଲାଗସ୍ତ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିବେ । ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁନେଇ ଜିଲ୍ଲା ବିଜେଡି ଚଳଚଞ୍ଚଳ ହୋଇଉଠିଛି । ଆଜି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏକ ଭିଡିଓ ବାର୍ତ୍ତା ଜରିଆରେ ଏହି ସୂଚନା ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀ ଖଟ୍ଟରଙ୍କ ସଭାରେ ଚାଷୀଙ୍କୁ ଲାଠିମାଡ଼

**ନୂଆଦିଲ୍ଲୀ,୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ସଭାରେ ବିକ୍ଷୋଭକାରୀ ଚାଷୀଙ୍କ ଉପରେ ପୋଲିସ ପକ୍ଷରୁ ଲାଠି ମାଡ଼ କରାଯାଇଛି । କର୍ଣ୍ଣାଲର କାଇମଲା ଗାଁରେ ମୁଖ୍ୟମନ୍ତ୍ରୀ କିଷାନ ମହାପଞ୍ଚାୟତ ସଭାରେ ଚାଷୀଙ୍କ ସହିତ ନୂଆ ଆଇନ ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ଫାଇଦା ବିଷୟରେ ବୁଝାଇବାର କାର୍ଯ୍ୟକ୍ରମ ଥିଲା । ମାତ୍ର ସଭାସ୍ଥଳରେ ଆନ୍ଦୋଳନକାରୀ ଚାଷୀମାନେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ତେବେ ଏହାକୁ ଚାଷୀମାନେ ଶୁଣି ନ ଥିଲେ । ସେମାନେ ସଭାମଞ୍ଚ ଭାଙ୍ଗିବା ସହିତ ପଡ଼ିଥିବା ଚେୟାର ଟେବୁଲ୍ ପୋଫଡ଼ା ଫିଙ୍ଗା କରିଥିଲେ । ବିକ୍ଷୋଭକାରୀମାନେମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଓହ୍ଲାଇବା ପାଇଁ ନିର୍ମାଣ କରାଯାଇଥିବା ହେଲିପ୍ୟାଡରେ ଜମା ହୋଇ ବିଭିନ୍ନ ସ୍ଲୋଗାନ୍ ଦେବାକୁ ଆରମ୍ଭ କରିଥିଲେ । ପୋଲିସ ଘଟଣାସ୍ଥଳରୁ ଭିଡ଼ ହଟାଇବା ପାଇଁ ଲୁହ ବୁହା ଗ୍ୟାସ୍ ପ୍ରୟୋଗ କରିବା ସହିତ ଲାଠିଚାର୍ଜ କରିଥିଲା । ଏଥିସହ ଚାଷୀଙ୍କ ଉପରେ ପାଣି ମାଡ଼ ମଧ୍ୟ କରାଯାଇଥିଲା ।

# ତିନି ପାକିସ୍ତାନୀ ସୈନ୍ୟ ନିହତ:୪ ପୋଷ୍ଟ ଧ୍ୱଂସ

**ନୂଆଦିଲ୍ଲୀ,୧୦।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜାମ୍ମୁ-କାଶ୍ମୀରର ରାଜୌରୀ ଏବଂ ନୌସେରା ସେକ୍ଟରରେ ପାକିସ୍ତାନ ଅସ୍ତ୍ରବିରତି ଉଲ୍ଲଂଘନର କଡ଼ା ଜବାବ ଦେଇଛି ଭାରତ । ଭାରତୀୟ ଯବାନଙ୍କ ଗୁଳିରେ ପାକିସ୍ତାନର ୩ ସୈନିକ ନିହତ ହୋଇଥିବା ଜଣାପଡ଼ିଛି । ଏହି ଘଟଣାରେ ଅନ୍ୟ କେତେକ ସୈନ୍ୟ ଆହତ ହୋଇଥିବା ବେଳେ ପାକିସ୍ତାନର ୪ଟି ଅଗ୍ରିମ ପୋଷ୍ଟକୁ ମଧ୍ୟ ଭାରତ ଧ୍ୱଂସ କରିଦେଇଛି । ସୂଚନାଯୋଗ୍ୟ ଯେ, ପାକିସ୍ତାନ ସେନା ବାହିନୀ ପକ୍ଷରୁ କ୍ରମାଗତ ଭାବେ ନୌସେରା ସେକ୍ଟରକୁ ଟାର୍ଗେଟ କରାଯାଉଛି । ମିଳିଥିବା ସୂଚନା ଅନୁଯାୟୀ ଆଜି ସକାଳେ ପାକିସ୍ତାନ ପକ୍ଷରୁ ଏକ ବଡ଼ଧରଣର ଅନୁପ୍ରବେଶ ଉଦ୍ୟମ ହୋଇଥିଲା । ତେବେ ଭାରତୀୟ ଯବାନ ଏହାକୁ ପଣ୍ଡ କରିଦେଇଛନ୍ତି । ଏଲ୍‌ଓସି ଡେଇଁ ଆତଙ୍କବାଦୀମାନେ ଭାରତୀୟ ସୀମାରେ ପ୍ରବେଶ କରିବା ବେଳେ ଭାରତ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ୨୧ରୁ ସମସ୍ତଙ୍କୁ ...

ରବିବାର ଦିନ ଶ୍ରୀମନ୍ଦିରକୁ ସାନିଟାଇଜ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ତେଣୁ ଏହି ଦିନ ମନ୍ଦିରରେ ଦର୍ଶନ ପାଇଁ କାହାକୁ ଅନୁମତି ମିଳିବ ନାହିଁ ବୋଲି କୁହାଯାଇଛି । ସୂଚନାଯୋଗ୍ୟ, କରୋନା ଲକ୍‌ଡାଉନ ଯୋଗୁ ଦୀର୍ଘ ୯ ମାସ ପରେ ଗତ ଡିସେମ୍ବର ୨୩ରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲିଥିଲା । ଡିସେମ୍ବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ସେବାୟତ ଓ ସେମାନଙ୍କ ପରିବାର ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଡିସେମ୍ବର ୨୬ରୁ ୩୧ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ପୁରୀ ସହରବାସୀଙ୍କ ଦର୍ଶନ ବ୍ୟବସ୍ଥା ହୋଇଥିଲା । ଜାନୁଆରୀ ୩ରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ତେବେ ବାହାର ଜିଲ୍ଲାବାସୀଙ୍କ ପାଇଁ କୋଭିଡ ନେଗେଟିଭ୍ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯାଇଥିଲା ।

### ସମ୍ପତ୍ତି ତାଲିକା ଦେଲେ...

ମାରାଣ୍ଡିଙ୍କର ୨ କୋଟି ୬୧ ଲକ୍ଷ ୧୮ ହଜାର ୨୬ ଟଙ୍କା, ବିକ୍ରମ ଆରୁଖଙ୍କ ୪ କୋଟି ୭୮ ଲକ୍ଷ ୪୭ ହଜାର ୪୭୧ଟଙ୍କା, ଦିବ୍ୟଶଙ୍କର ମିଶ୍ରଙ୍କ ୭ କୋଟି ୩୧ ଲକ୍ଷ ୭୬ ହଜାର ୪୦୮ ଟଙ୍କା, ନିରଞ୍ଜନ ପୂଜାରୀଙ୍କ ୪ କୋଟି ୩୪ ଲକ୍ଷ ୬୫ ହଜାର ୩୦୮ଟଙ୍କା, ସମୀର ଦାଶଙ୍କ ୨ କୋଟି ୨୩ ଲକ୍ଷ ୭୫, ୭୬୧ ଟଙ୍କା ଏବଂ ପ୍ରଫୁଲ୍ଲ ମଲ୍ଲିକଙ୍କ ୩୯ ଲକ୍ଷ ୨୮, ୮୩୧ ଟଙ୍କାର ସମ୍ପତ୍ତି ଥିବା ଜଣାଯାଇଛି ।

### ଦିଲ୍ଲୀପ ରାୟ...

ରାୟଙ୍କୁ ସାମ୍ନାକୁ ଆଣିବା ପାଇଁ ନିଷ୍ପତ୍ତି ନିଅନ୍ତି ତେବେ ଦଳକୁ କେବଳ ଯେ କେନ୍ଦ୍ରାପଡ଼ାରେ ସଫଳତା ମିଳିବ ତାହା ନୁହେଁ ଦିଲ୍ଲୀପଙ୍କ ଦବ୍‌ଦବା ଥିବା ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ ଜିଲ୍ଲାରେ ଦଳକୁ ଭରପୂର ଫାଇଦା ମିଳିବ ବୋଲି ରାଜନୈତିକ ମହଲରେ ଆକଳନ କରାଯାଉଛି । ଏକଦା ରାଜ୍ୟର ୨୦ଟି ଲୋକସଭା ଆସନ କଂଗ୍ରେସ କବ୍‌ଜାରେ ଥିବାବେଳେ କେବଳ କେନ୍ଦ୍ରାପଡ଼ା ଲୋକସଭା ଆସନରେ ହିଁ ବିଜୁ ପଟ୍ଟନାୟକଙ୍କୁ ସମର୍ଥନ ମିଳିଥିଲା। ତେଣୁ କେନ୍ଦ୍ରାପଡ଼ା ସହ ବିଜୁ ବାବୁଙ୍କ ସଂପର୍କ ଭାବାବେଗ ସହ ଜଡିତ । ତେଣୁ ଦିଲ୍ଲୀପ ରାୟ ଯଦି କେନ୍ଦ୍ରାପଡ଼ାରେ ବିଜେଡ଼ିର ନେତୃତ୍ୱ ନିଅନ୍ତି ତେବେ ଦଳକୁ ସହାୟକ ହେବ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି । ତେବେ ସବୁ କିଛି ନିର୍ଭର କରୁଛି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଉପରେ । ଚଳିତବର୍ଷ ରାଜ୍ୟ ରାଜନୀତିରେ ଅନେକ ହଟ୍ଟଚମଟ ହେବ ବୋଲି ରାଜନୈତିକ ପଣ୍ଡିତମାନେ ଆକଳନ କରୁଥିବାବେଳେ ଦିଲ୍ଲୀପଙ୍କ ବିଜେଡ଼ିକୁ ଫେରିବା ନେଇ ହେଉଥିବା କଳ୍ପନାଜଳ୍ପନା କେବେ ବାସ୍ତବରୂପ ନେବ ତାହା ଉପରେ ଅନେକଙ୍କ ନଜର ରହିଛି ।

### ଅଷ୍ଟ୍ରେଲିଆରେ ସିରାଜଙ୍କୁ...

ନ୍ୟୁ ସାଉଥ୍ ୱେଲ୍ସର ପୋଲିସ ଯାଇ ୬ଜଣଙ୍କୁ ଧରି ଷ୍ଟାଡିୟମ୍‌ରୁ ବାହାର କରିଦେଇଥିଲା । ପରେ ସେମାନଙ୍କୁ ନ୍ୟୁ ସାଉଥ୍ ୱେଲ୍ସ ଥାନାରେ ଅଟକ ରଖାଯାଇଛି । ଏହାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ଆଇସିସିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୁ ସାହାଣୀ ଏହି ଘଟଣା ସମ୍ପର୍କରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଆଇସିସିଆଇ କୌଣସି ପ୍ରକାର ଭେଦଭାବକୁ ପ୍ରଶୟ

### ଯବାନଙ୍କୁ ଥଣ୍ଡାରୁ ରକ୍ଷା...

ପ୍ରତିବର୍ଷ ପୂର୍ବ ଲଦାଖ, ସିଆଚେନ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ମୁତୟନ ଯବାନଙ୍କ ଲାଗି ୩ ଲକ୍ଷରୁ ସାଢ଼େ ୩ ଲକ୍ଷ ଜାର୍ କ୍ରିମ୍ ଅର୍ଡର ଦିଆଯାଇଥାଏ ।

ଏହି ବରଫାବୃତ୍ତ ଅଞ୍ଚଳରେ ଯବାନଙ୍କ ପିଇବା ପାଣି ସମସ୍ୟା ଦୂର କରିବା ଲାଗି ଡିଆର୍‌ଡିଓ ସୋଲାର ସ୍ନୋ ମେଲ୍‌ଟର ମଧ୍ୟ ପ୍ରସ୍ତୁତ କରିଛି । ଏହି ଉପକରଣ ପ୍ରତି ଘଣ୍ଟାରେ ୫ରୁ୭ ଲିଟର ପିଇବା ପାଣି ଉପଲବ୍ଧ କରାଇପାରିବ । ଏହାଦ୍ୱାରା ଶୂନ୍ୟରୁ କମ୍ ତାପମାତ୍ରା ଥିବା ଅଞ୍ଚଳରେ ମୁତୟନ ଯବାନଙ୍କୁ ପିଇବା ପାଣି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ ।

### ସରକାରୀ ଅର୍ଥର...

ଟ୍ରାକିଂ କରାଯାଇପାରିବ । ଏସ୍‌ବିଏମ୍‌ଏସ୍ ସହାୟତାରେ କେଉଁ ବ୍ୟାଙ୍କରେ କେଉଁ ଆକାଉଣ୍ଟରେ କେତେ ଅର୍ଥ କେବେ ରହିଛି ତାହାର ସଠିକ୍ ସୂଚନା ମିଳିପାରିବ । ଏଥି ସହିତ ସରକାରୀ ପାଣ୍ଠିକୁ ବ୍ୟାଙ୍କମାନେ କିଭଳି ସରକାରୀ ଯୋଜନା ପାଇଁ ଦେଉଛନ୍ତି ତାହା ମଧ୍ୟ ଜଣାପଡିବ ।

ଅଧିକାରୀମାନେ କହିଛନ୍ତି ଯେ କେନ୍ଦ୍ରୀୟ ସହାୟତା ଓ ଅନୁଦାନ ହ୍ରାସ ଯୋଗୁଁ ରାଜ୍ୟ ସରକାର ବିଭିନ୍ନ କେନ୍ଦ୍ରୀୟ ସହାୟତା ପ୍ରକଳ୍ପ ଜାରି ରଖିବା ଲାଗି ଅର୍ଥ ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ କର୍ତ୍ତୃପକ୍ଷଙ୍କ ଅଧିକରୁ ଅଧିକ ଖୋଲାବଜାର ଋଣ କରିବାକୁ ପଡୁଛି । ଏଭଳି ସ୍ଥିତିରେ ବ୍ୟାଙ୍କରେ ଖର୍ଚ୍ଚ ନହୋଇ ପଡିଥିବା ଅର୍ଥ ଦ୍ୱାରା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ ।

ଏସ୍‌ବିଏମ୍‌ଏସ୍ ପାଇଁ ସମୟ ଧାର୍ଯ୍ୟ ହୋଇଥିବାବେଳେ ଚଳିତମାସ ଶେଷସୁଦ୍ଧା ପ୍ରମୁଖ ବ୍ୟାଙ୍କଗୁଡ଼ିକ ଏହି ସରକାରୀ ଯୋଜନାକୁ କାର୍ଯ୍ୟକାରୀ କରିବେ । ସରକାରଙ୍କ ଏଭଳି ପଦକ୍ଷେପ ଯୋଗୁଁ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କଗୁଡ଼ିକରୁ ୨୮୦୦ କୋଟି ଟଙ୍କା ଫେରାଇ ଅଣାଯାଇଥିବେଳେ ଆଗାମୀ ଦିନରେ ଅଧିକ ଅର୍ଥ ଫେରିବ ବୋଲି ଅଧିକାରୀମାନେ ମତ ଦେଉଛନ୍ତି ।

### ପଶ୍ଚିମବଙ୍ଗରେ ସମସ୍ତଙ୍କୁ ମିଳିବ...

କରି ସେ ଅତ୍ୟନ୍ତ ଖୁସି ଅନୁଭବ କରୁଛନ୍ତି । ମମତାଙ୍କ ଏହି ଘୋଷଣାକୁ ବିରୋଧୀ ପକ୍ଷ ବିଧାନସଭା ନିର୍ବାଚନ ସହ ଯୋଡ଼ିଛନ୍ତି । ସୂଚନାଯୋଗ୍ୟ ଯେ, ଗତକାଲି କେନ୍ଦ୍ର ସରକାର ଘୋଷଣା କରିଥିଲେ ଯେ, ଚଳିତମାସ ୧୬ ତାରିଖରୁ ଦେଶରେ ଟିକାକରଣର ଶୁଭାରମ୍ଭ କରାଯିବ ।

ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତ କରୋନା ଟିକା କୋଭିସିଲ୍ଡର ପ୍ରଥମ ଦଫା ଖୁବ୍‌ଶୀଘ୍ର କୋଲକାତାରେ ପହଞ୍ଚିବ ବୋଲି ଜଣାଯାଇଛି । ଆସନ୍ତାକାଲି ଅପରାହ୍ଣ ୪ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରୋନା ଟିକାକରଣ ନେଇ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ବୈଠକରେ ଯୋଗ ଦେବେ ।

# କାଳ ହେଲା ବଣଭୋଜି : କୋଏଲ ନଦୀରେ ବୁଡିଗଲେ ୨ ଯୁବକ, ଜଣେ ମୃତ

**ଉମରକୋଟ, ୧୦।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପିକ୍‌ନିକ୍‌ରେ ଯାଇ ନଦୀରେ ଗାଧୋଇବା ବେଳେ ଦୁଇଜଣ ସାଙ୍ଗ ବୁଡ଼ି ଯାଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣକର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୁନ୍ଦରଗଡ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ କୋଏଲ ନଦୀରେ ଏହି ଦୁଃଖଦ ଘଟଣା । ତେତରକେଲା ଘାଟରେ ପିକ୍‌ନିକ କରୁଥିବା ବେଳେ ୨ ଜଣ ସାଙ୍ଗ ପାଣିରେ ବୁଡ଼ି ଯାଇଥିଲେ ।



ସୂଚନା ଅନୁସାରେ ରାଉରକେଲା ଟିମ୍ବର କଲୋନୀରୁ ଆଜି ସକାଳେ ୯ ଜଣ ସାଙ୍ଗ କୋଏଲ ନଦୀର ତେତରକେଲା ଘାଟକୁ ପିକ୍‌ନିକ୍ କରିବାକୁ ଯାଇଥିଲେ । ଅପରାହ୍ଣରେ ଭୋଜି ଖାଇଥିଲେ । ଏହା ପରେ ସେମାନେ ସମସ୍ତେ ଗାଧୋଇବାକୁ ପାଣିରେ ପଶିଥିଲେ । ଗାଧୋଇବା ସମୟରେ ସେମାନଙ୍କ ମଧ୍ୟରୁ ବିକି ଶର୍ମା ଓ ଦୀପକ ଖଣ୍ଡୁଆଳ ପାଣିରେ ବୁଡ଼ି ଯାଇଥିଲେ । ୯ ଜଣଙ୍କ ମଧ୍ୟରୁ ଜଣେ ପହଁରା ଜାଣିଥିଲେ । ସେ ଦୀପକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । କିନ୍ତୁ ବିକିଙ୍କୁ ଉଦ୍ଧାର କରାଯାଇ ପାରି ନଥିଲା । ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିକିର ମୃତଦେହ ଉଦ୍ଧାର କରିଥିଲେ ।

# ନେତାଜୀଙ୍କ ଜନ୍ମ ବାର୍ଷିକୀ କମିଟିରେ ଓଡିଶାରୁ ୨୫ ଜଣଙ୍କୁ ସାମିଲ କରାଯାଉ : କଂଗ୍ରେସ

**ଭୁବନେଶ୍ୱର, ୧୦।୧:ଏକ୍ସପ୍ରେସ୍ ନ୍ୟୁଜ୍**

ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମ ବାର୍ଷିକୀ ପାଳନ ନିମନ୍ତେ କେନ୍ଦ୍ର ସରକାରଙ୍କ ଘୋଷିତ ୮୫ ଜଣିଆ ଜାତୀୟ କମିଟି ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଲକ୍ଷ୍ୟରେ ଗଠନ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏହାସହ ନେତାଜୀ ଓଡ଼ିଶାର ନୁହଁନ୍ତି ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଅଭିଯୋଗ କରିଛନ୍ତି । ନେତାଜୀ ଓଡ଼ିଶାର ଗର୍ବ, ଗୌରବଗାଥା, ସ୍ୱାଭିମାନ ତୁରନ୍ତ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ସୃଷ୍ଟି କରନ୍ତୁ । ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ୨୫ଜଣ ବ୍ୟକ୍ତିବିଶେଷଙ୍କୁ ଏହି କମିଟିରେ ସାମିଲ କରାଯାଉ ବୋଲି କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛି ।ନେତାଜୀ କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ । ସେଥିଯୋଗୁଁ କମିଟିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କଟକ ସାଂସଦ ଭର୍ତ୍ତୃହରି ମହତାବ ସ୍ୱାଭାବିକ ଭାବେ ସ୍ଥାନ ପାଇବେ । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି କେ ମିଶ୍ରଙ୍କୁ ମଧ୍ୟ କମିଟିରେ ନିଆଯାଇଛି । ଓଡ଼ିଶାରେ କ'ଣ ଆଉ କେହି ଯୋଗ୍ୟ ବ୍ୟକ୍ତି ନାହାନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି । କମିଟିରେ ମଣିପୁର ରାଜ୍ୟପାଳଙ୍କୁ ସଦସ୍ୟ ଭାବେ ନିଆଯାଇଥିବା ବେଳେ ଓଡ଼ିଶା ରାଜ୍ୟପାଳଙ୍କୁ କାହିଁକି ସ୍ଥାନ ମିଳିନାହିଁ । ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କୁ କମିଟିରେ ନିଆଯାଇଥିବା ସ୍ଥଳେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କାହିଁକି ସଦସ୍ୟ ଭାବେ ନିଆଗଲା ନାହିଁ । କମିଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟତୀତ ଦଶଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ଥାନ ମିଳିଛି । ସେଥିରେ ପଶ୍ଚିମବଙ୍ଗ କୋଟାରୁ ୨ ଜଣ କେନ୍ଦ୍ରମନ୍ତ୍ରୀ ରହିଥିବା ବେଳେ ଓଡିଆ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ଥାନ କାହିଁକି ଦିଆଯାଇନାହିଁ । କମିଟିରେ ୧୬ଜଣ ସାଂସଦଙ୍କ ମଧ୍ୟରୁ ୧୧ ଜଣ ପଶ୍ଚିମବଙ୍ଗର ।

# ରାଜ୍ୟରେ ବାର୍ଡ ଫ୍ଲୁର ଲକ୍ଷଣ ନାହିଁ

## କୁକୁଡ଼ା ଫାର୍ମ ମାଲିକ, ଚାଷୀ ଓ କୁକୁଡ଼ା ମାଂସ ଦୋକାନୀ ନିଜ ପରିସର ସଫାସୁତୁରା ରଖିବାକୁ ପରାମର୍ଶ

**ଭୁବନେଶ୍ୱର, ୧୦।୧:ଏକ୍ସପ୍ରେସ୍ ନ୍ୟୁଜ୍**

ବହିରାଗତ ପକ୍ଷୀ ଋତୁରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୨ ହଜାର ୩୬୯ ନମୂନା ପରୀକ୍ଷା କରାଗଲାଣି । ତେବେ କୌଣସିଥିରେ ବାର୍ଡ ଫ୍ଲୁ ରୋଗର ଲକ୍ଷଣ ନଥିବା ଜଣାଯାଇଛି ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ରଘୁ ପ୍ରସାଦ କହିଛନ୍ତି । ଶ୍ରୀ ରଘୁପ୍ରସାଦଙ୍କ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କ ଏକ ସମୀକ୍ଷା ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ମାନକ କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା ଏବଂ ବାର୍ଡ ଫ୍ଲୁ ନିମନ୍ତେ ପ୍ରସ୍ତୁତି ନିୟନ୍ତ୍ରଣ ଓ ନିରୋଧ କାର୍ଯ୍ୟାନ୍ୱୟନ ଯୋଜନା ବାବଦରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । କୁକୁଡ଼ା ଫାର୍ମଗୁଡ଼ିକର ନିୟମିତ ଯାଞ୍ଚ ଓ ବିଶୋଧନ କରି ସେଗୁଡ଼ିକର ନିରୀକ୍ଷଣକୁ କଡ଼ାକଡ଼ି କରିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।କୁକୁଡ଼ା ଫାର୍ମ ମାଲିକ, କୁକୁଡ଼ା ଚାଷୀ ଏବଂ କୁକୁଡ଼ା ମାଂସ ଓ ଅଣ୍ଡା ଦୋକାନୀମାନେ ସତର୍କ ରହି ନିଜର ଫାର୍ମ, ଘର ଓ ଦୋକାନ ପରିସରକୁ ସଫାସୁତୁରା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱର ମହାନଗର ଅଞ୍ଚଳରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ୫ଟି ନିରୀକ୍ଷଣ ଦଳ ଗଠନ କରାଯାଇ କୁକୁଡ଼ା ମାଂସ ଓ ଅଣ୍ଡା ଦୋକାନ ଏବଂ ଫାର୍ମ ଗୁଡ଼ିକର ନିରୀକ୍ଷଣ କରାଯାଉଛି । ଜନସାଧାରଣ କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇବାକୁ ଅନୁରୋଧ କରାଯାଇଛି । ନିଜ ଅଞ୍ଚଳରେ କୁକୁଡ଼ା କିମ୍ବା ପକ୍ଷୀ ମଡ଼କ ଘଟିଲେ ସେ ସମ୍ପର୍କରେ ରାଜ୍ୟ ସ୍ତରୀୟ ନିରୀକ୍ଷଣ କକ୍ଷକୁ ୦୬୭୧–୨୪୧୪୩୧୦ କିମ୍ବା ହ୍ୱାଟସ୍‌ଅପ୍ ନମ୍ବର ୭୨୦୫୫ ୯୮୧୨୫ ରେ ସୂଚନା ଦେବାକୁ ଅନୁରୋଧ କରାଯାଇଛି ।

# ଭୁବନେଶ୍ୱର ଉପକଣ୍ଠରେ ହିରୋ ମୋଟର କର୍ପ ପକ୍ଷରୁ ଏକ୍ସଟ୍ରାକ୍ସ ଅର୍ବାନ କାର୍ଯ୍ୟକ୍ରମ





**ଭୁବନେଶ୍ୱର, ୧୦।୧:ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱର ଅଗ୍ରଣୀ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟର କର୍ପ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠ ଫୁଲନଖରା ଗୋହଳସ୍ଥିତ ଓମ୍‌ଫେଡ ପଡ଼ିଆରେ ଉତ୍ସାହୀ ବାଇକ୍ ଚାଳକଙ୍କ ପାଇଁ ହିରୋ ଏକ୍ସଟ୍ରାକ୍ସ ଅର୍ବାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ କମ୍ପାନୀ ପକ୍ଷରୁ ହିରୋର ଦ୍ରୁତଗାମୀ ବାଇକ ଏକ୍ସଟ୍ରିମ ୧୬୦ ଆର, ଏକ୍ସଟ୍ରିମ ୨୦୦ ଏସ୍ ଏବଂ ଏକ୍ସପ୍ଲସ୍ ୨୦୦ ପ୍ରଦର୍ଶିତ ହୋଇଥିଲା । ଭୁବନେଶ୍ୱର ଓ କଟକର ବାଇକ୍ ଚାଳକମାନଙ୍କୁ ଏକ ଅଭିନବ ବାଇକ ଚାଳନା ଅନୁଭୂତି ଦେବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ୧୦୦ରୁ ଅଧିକ ଉତ୍ସାହୀ ବାଇକ୍ ଚାଳକ ଯୋଗ ଦେଇଥିଲେ । କମ୍ପାନୀ ପକ୍ଷରୁ ସେମାନଙ୍କୁ ୨ କିମି ଟ୍ରାକରେ ବାଇକ୍ ଚାଳନା ପାଇଁ ସୁଯୋଗ ଦିଆଯାଇଥିଲା । ସମସ୍ତ ବାଇକ୍ ଚାଳକମାନଙ୍କୁ ହିରୋ ବାଇକର ବିଶେଷତ୍ୱ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା, ଯାହା ସେମାନଙ୍କୁ ବାଇକର ଦକ୍ଷତା ଏବଂ ଚାଳନା କ୍ଷମତା ବିଷୟରେ ପରିଚିତ କରାଇପାରିଥିଲା । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ବାଇକ୍ ଚାଳକମାନେ ବିଶେଷ ଉପଭୋଗ କରିଥିଲେ ।







Printed & Published by **Hemanta Kumar Patra** on behalf of Radhakrushna Publications Pvt. Ltd., Published from Plot No.-H/18, Mancheswar Industrial Estate, Bhubaneswar-10 & Printed at Radhakrushna Publications Pvt. Ltd., Plot No.-H/18, M.I. Estate, Bhubaneswar-10, Mob. : 8895483474

Executive Editor : **Ambika Prasad Das** କାର୍ଯ୍ୟନିର୍ବାହୀ ସମ୍ପାଦକ : **ଅମ୍ବିକା ପ୍ରସାଦ ଦାସ** Editor : **Umapada Bose** ସମ୍ପାଦକ : **ଉମାପଦ ବୋଷ**